

ମୁଜତବା ଖାମେନିଙ୍କ ହୁଁକାର, କହିଲେ ହାରୁଛନ୍ତି ଶତ୍ରୁ

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 356 ଭାଗ ୩୩ | ସଂଖ୍ୟା ୩୫୬ | Sunday 22 March 2026 | Page 8 Rs. 5.00 | ଭୁବନେଶ୍ୱର ରବିବାର ୨୨ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଆଶ୍ୱସ୍ତି

ବଢ଼ିଲା ଏଲ୍‌ପିଜି କୋଟା, ଏଣିକି ୫୦%

- ଆବଣ୍ଟନରେ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଅଗ୍ରାଧିକାର
- ଘରୋଇ କ୍ଷେତ୍ରରେ ବଢୁଛି ଉତ୍ପାଦନ
- ବିକଳ୍ପ ଜାଳେଣି ଭାବେ କିରୋସିନ୍ ଉପରେ ଗୁରୁତ୍ୱ



ନୂଆଦିଲ୍ଲୀ,୨୧।୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଘନଘଟା ମଧ୍ୟରେ ଭାରତର ତୈଳ ଓ ଗ୍ୟାସ୍ ଆମଦାନୀ ଜରୁରୀକାଳୀନ ସେବାକୁ ପ୍ରଭାବିତ କରିଛି। ଗୁରୁତର ଭାବେ ପ୍ରଭାବିତ ହୋଇଥିବାରୁ ଏହା ବିଶେଷକରି ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବ୍ୟାବସାୟିକ ଗ୍ୟାସ୍ ବ୍ୟବହାର କରୁଥିବା ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନରେ ସଙ୍କଟ ଦେଖାଯାଇଛି। ଫଳତଃ କେତେକ ହୋଟେଲ୍ ଓ ରେସ୍ତୋରାଁ ବନ୍ଦ ହୋଇଯାଇଥିବା ବେଳେ ଆଉ କେତେକ ଗ୍ୟାସ୍ ସଙ୍କଟଜନିତ ସମସ୍ୟା ସହ ସଂଘର୍ଷ କରୁଛନ୍ତି। ଏପରି ସମସ୍ୟାକୁ ହୃଦୟଙ୍ଗମ କରି ଆଜି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ଆଶ୍ୱସ୍ତି କରିବା ଭଳି ଖବର ଦିଆଯାଇଛି। ସୂଚନାନୁସାରେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ମିଳୁଥିବା ଏଲ୍‌ପିଜି କୋଟାକୁ ବୃଦ୍ଧି କରାଯାଇଛି। ପୂର୍ବରୁ କେନ୍ଦ୍ର ସରକାର କୋଟାରେ ୩୦ ପ୍ରତିଶତ ବୃଦ୍ଧି କରିଥିବା ବେଳେ ଆଜି ଏହାକୁ ୫୦ ପ୍ରତିଶତ କରିଦେଇଛନ୍ତି। ଫଳତଃ ଏବେ ଗ୍ୟାସ୍ କୋଟାରେ ଆଉ ୨୦ ପ୍ରତିଶତ ବୃଦ୍ଧି ଘଟିଛି। କିଛି ଦିନ ତଳେ କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀ ଆଇନ (ଇସିଏ) ଲାଗୁ କରିବା ସହ ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂସ୍ଥାମାନଙ୍କୁ ଅଧିକ ଉତ୍ପାଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ, ଏବେ ଦେଶରେ ଘରୋଇ ଉତ୍ପାଦନ ପରିମାଣ ବୃଦ୍ଧି ପାଇବା ଫଳରେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳମାନଙ୍କୁ ଏହାର ଫାଇଦା ଦେଇଛନ୍ତି।

ତେବେ କୋଟା ବୃଦ୍ଧି କରିବା ସମୟରେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରକୁ ଅଗ୍ରାଧିକାର ଦେବା ସକାଶେ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କୁ ଚିଠି ମାଧ୍ୟମରେ ପରାମର୍ଶ ଦେଇଛନ୍ତି। ଏଥିରେ ରେସ୍ତୋରାଁ, ହୋଟେଲ୍, ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍, ଶିଳ୍ପକାରଖାନାର କ୍ୟାଣ୍ଟିନ୍ ଓ କମ୍ୟୁନିଟି କିଚେନ୍ ପରି ଜରୁରୀକାଳୀନ କ୍ଷେତ୍ରକୁ ସାମିଲ୍ କରାଯାଇଛି। ଏହାଛଡ଼ା ପ୍ରବାସୀ ଶ୍ରମିକମାନଙ୍କୁ ମଧ୍ୟ ଆବଣ୍ଟନ କ୍ଷେତ୍ରରେ ଅଗ୍ରାଧିକାର ଦେବାକୁ କୁହାଯାଇଛି। ଦେଶରେ ଘରୋଇ ଶକ୍ତି କ୍ଷେତ୍ରରେ ଅଧିକ ଉତ୍ପାଦନ ସହ ଅନ୍ତର୍ଜାତୀୟ ବଜାରରୁ ଗ୍ୟାସ୍ ଆମଦାନୀ ସାମାନ୍ୟ ସହଜ ହେବା ଫଳରେ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କୋଟାରେ ଅଧିକ ବୃଦ୍ଧି କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ହୋଟେଲ୍ ଓ ରେସ୍ତୋରାଁ ସହ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନର ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି। କାରଣ ଏହି ଶିଳ୍ପ ସହ ଜଡ଼ିତ ଅନେକ ଲୋକ ଇତିମଧ୍ୟରେ ବେକାର ହୋଇସାରିଛନ୍ତି। ବ୍ୟାବସାୟିକ

ପୃଷ୍ଠା-୬

କ୍ରସ୍ ଭୋଟିଂ ନେଇ ନବୀନଙ୍କ କାର୍ଯ୍ୟାନୁଷ୍ଠାନ

୬ ବିଜେଡି ବିଧାୟକ ନିଲମ୍ବିତ



ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ଗତ ସୋମବାର ରାଜ୍ୟସଭା ନିର୍ବାଚନରେ ବିଜେଡିର ୬ ଜଣ ବିଧାୟକ କ୍ରସ୍ ଭୋଟିଂ କରି ଦଳୀୟ ହ୍ୱିପ୍ ବିରୋଧରେ ଯାଇଥିଲେ। ଏହି ବିଧାୟକମାନଙ୍କୁ ପୂର୍ବରୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଥିବା ବେଳେ ସେମାନେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଥିଲେ। ତେବେ ଏହି ବିଧାୟକମାନଙ୍କ ପାଇଁ ଆଜି ବିଜେଡି ସଭାପତି ନବୀନ ପଟ୍ଟନାୟକ କାର୍ଯ୍ୟାନୁଷ୍ଠାନ ଘୋଷଣା କରିଛନ୍ତି। ସମସ୍ତ ୬ଜଣଯାକ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ବସ୍ତା ବିଧାୟିକା ସୁବାସିନୀ ଜେନା, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାଲଗୁଡ଼ା ବିଧାୟକ ଚକ୍ରମଣି କହଁର ଓ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ। ବିଜେଡିର ଶୃଙ୍ଖଳା କମିଟି ରିପୋର୍ଟ ଆଧାରରେ ନବୀନ ଏହି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦଳବିରୋଧୀ କୌଣସି କାର୍ଯ୍ୟ କଲେ, ଦଳ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ନବୀନ ପ୍ରମାଣିତ କରିଦେଇଛନ୍ତି।

କାର୍ଯ୍ୟାନୁଷ୍ଠାନ ନେଇ ଦଳର ମୁଖ୍ୟ ସଚେତକ ତଥା ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ନିଲମ୍ବିତ ୬ ବିଧାୟକଙ୍କ ସମ୍ପର୍କରେ ଆଜି ନବୀନଙ୍କ

ପୃଷ୍ଠା-୬

ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ-୨୦୨୬ ପାଳିତ

ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ



- ବନ ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟିରେ ଅଗ୍ରଣୀ ଓଡ଼ିଶା
- ଦୁଇ ବର୍ଷରେ ରାଜ୍ୟରେ ବଢ଼ିଛି ୫୫୮ ବର୍ଗ କିମି ଜଙ୍ଗଲ
- ସୁରକ୍ଷା ସହ ଜଙ୍ଗଲକୁ ଜୀବିକାର୍ଜନର ମାଧ୍ୟମରେ ପରିଣତ କର

ଭୁବନେଶ୍ୱର,୨୧।୩(ସଂଚାର ବ୍ୟୁରୋ): ପ୍ରକୃତିର ଅନନ୍ୟ ବରଦାନ ହେଉଛି ଆମର ସବୁଜ ବନାନୀ। ଏହା ଆମ ଜୀବନ ଓ ଜୀବିକାର ଆଧାର ଅଟେ। ତେଣୁ ମନୁଷ୍ୟକୃତ ଜଙ୍ଗଲ ନିଆଁ ପାଇଁ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ନିଆଁ ରୋକିବା ଓ ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷ ରୋକିବା ଦିଗରେ ଅଧିକ ଯତ୍ନବାନ ହେବାକୁ ଆଜି ଅନୁଷ୍ଠିତ ବିଶ୍ୱ ବନ ଦିବସରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଲୋକସେବା ଭବନରେ ରାଜ୍ୟସ୍ତରୀୟ ବନ ଦିବସ ଉପଲକ୍ଷେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁସ୍ଥ ପରିବେଶ ତଥା ମନୁଷ୍ୟ ଜୀବନରେ ବଣ ଜଙ୍ଗଲର ମହତ୍ତ୍ୱ ବିଷୟରେ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବିଶ୍ୱ ବନ ଦିବସ ପାଳନ କରାଯାଉଛି। ଜଙ୍ଗଲ ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ବିସ୍ତାର କରିବା ପାଇଁ ଆଜିର ଦିନଟି

ପୃଷ୍ଠା-୬

ଅନୁଗୁଳ ଡେରଜାଙ୍ଗ ଡ୍ୟାମ୍‌ରେ 'ବୋଟିଂ ସୁବିଧା' ଉଦ୍‌ଘାଟିତ

ସୁଦୃଢ଼ ହେବ ସ୍ଥାନୀୟ ଅର୍ଥନୀତି: ଧର୍ମେନ୍ଦ୍ର

- 'ନାଗରିକ ସମ୍ବର୍ଦ୍ଧନା ସଭା'ରେ ଯୋଗଦେଲେ
- ଜିଲ୍ଲା ପାଲଟିବ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର
- ନିର୍ମାଣ ହେବ ଅତ୍ୟାଧୁନିକ 'ଇକୋ ଲଜ୍'



ଡେରଜାଙ୍ଗ/ଅନୁଗୁଳ,୨୧।୩(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୁଳ ଜିଲ୍ଲା ବଆଁରପାଳସ୍ଥିତ ଡେରଜାଙ୍ଗଠାରେ ବହୁପ୍ରତୀକ୍ଷିତ 'ବୋଟିଂ ସୁବିଧା'ର ଶୁଭାରମ୍ଭ କରିଛନ୍ତି। ପ୍ରାୟ ୬ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଜିଲ୍ଲାର ପର୍ଯ୍ୟଟନ ଶିଳ୍ପକୁ ଏକ ନୂତନ ପରିଚୟ ଦେବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ସେ ମତ ବ୍ୟକ୍ତ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଅନୁଗୁଳ ଜିଲ୍ଲା ପ୍ରାକୃତିକ ଓ ସାଂସ୍କୃତିକ ବିଭବରେ ପରିପୂର୍ଣ୍ଣ। ସାତକୋଶିଆ ଅଭୟାରଣ୍ୟରୁ ଆରମ୍ଭ କରି ରେଙ୍ଗାଳି ଜଳଭଣ୍ଡାରର ସୌନ୍ଦର୍ଯ୍ୟ ଓ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠ ପର୍ଯ୍ୟନ୍ତ ଏହି ଅଞ୍ଚଳର ଏକ ସ୍ୱତନ୍ତ୍ର ମାହାତ୍ମ୍ୟ ରହିଛି। ମହାନଦୀ ଓ ବ୍ରାହ୍ମଣୀ ଭଳି ଦୁଇ ପବିତ୍ର ନଦୀର ପ୍ରବାହ ଏହି ମାଟିକୁ ଗୌରବାନ୍ୱିତ କରିଛି। ଡବଲ ଇଞ୍ଜିନ ସରକାରର ମିଳିତ ପ୍ରୟାସରେ ଏହି ସମ୍ଭାବନାର ଉପଯୋଗ କରି ଅନୁଗୁଳକୁ ରାଜ୍ୟ ପର୍ଯ୍ୟଟନ

ପୃଷ୍ଠା-୬

ବବିଙ୍କ ପ୍ରତି ନରମ ବିଜୁ ଲିଗାସୀ



- ସନ୍ଦେହ କଲେଣି କର୍ମୀ
- ଦାଲ୍ ମେ କୁଛ କାଲା ହୈ?

ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): କ୍ରସ ଭୋଟିଂ କରିଥିବା ବିଜୁ ଲିଗାସୀମାନେ ବିଜେଡି ବିରୋଧରେ ବିଷ ଓଗାଳିବା ସହ ବିଜେଡି ନେତାଙ୍କ ଘର ଉପରେ ଆକ୍ରମଣର ଅଭିଯୋଗ ଆସୁଥିବା ବେଳେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓରଫ ବବି ଦାସଙ୍କ ପ୍ରତି କିଛୁ ନରମ ମନୋଭାବ କାହିଁକି? ଏହି କାହିଁକିକୁ ନେଇ ଏବେ ଦଳ ଭିତରେ କର୍ମୀମାନେ ଚଳାଇଛନ୍ତି ମାନସ ମନ୍ଥନ।

କର୍ମୀ ମହଲରେ ହେଉଥିବା ଆଲୋଚନା ଅନୁଯାୟୀ, ନିଜକୁ ବିଜୁ ଲିଗାସୀ କହୁଥିବା ନେତାମାନେ ଏବେ ବିଜେଡି ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି। ଦଳକୁ ଭାଗ ଭାଗ କରିବେ ବୋଲି କହୁଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଭବନ ଉପରକୁ ଆକ୍ରମଣ କରି କିଛି ଜେଲ୍ ବି ଗଲେଣି। ହେଲେ ଏହି ତଥାକଥିତ ବିଜୁ ଲିଗାସୀମାନେ ବବିଙ୍କ ପ୍ରତି ନରମ କାହିଁକି? କାହିଁକି ତାଙ୍କ ବିରୁଦ୍ଧରେ ପଦୁଟିଏ ହେଲେ କେହି ବି କହୁନାହାନ୍ତି? ଏହା ପଛର କାରଣ କ'ଣ? ନବୀନଙ୍କଠାରୁ ଦେବୀଙ୍କ ପର୍ଯ୍ୟନ୍ତ କାହାକୁ ଛାଡୁ ନ ଥିବା ଏହି ଲିଗାସୀ ନେତାମାନଙ୍କର ବବିଙ୍କ ପ୍ରତି ଏତେ ଦରଦ କାହିଁକି?

ଏହାକୁ ନେଇ କର୍ମୀଙ୍କ ଭିତରେ ଘଣ୍ଟାଚକଟା ଚାଲିଥିବା ବେଳେ ଗୋଟିଏ ଗୋଷ୍ଠୀ କିଛୁ ଭିନ୍ନ ମତ ଦେଉଛନ୍ତି। ସେମାନେ ଚଳାଇଥିବା ଆଲୋଚନା ଅନୁଯାୟୀ, ଏହି ବିଜୁ ଲିଗାସୀଙ୍କ ପଛରେ ଯେଉଁମାନେ ରହିଛନ୍ତି ସେମାନଙ୍କ ସର୍ଦ୍ଦାର ହେଉଛନ୍ତି ବବି। ଅତୀତରେ ବବି ଏମାନଙ୍କ ଭିତରୁ କାହାର ପୁଅ ତ କାହାର ପୁତୁରାକୁ ରାତାରାତି ଆଣି ଦଳରେ ମିଶାଇଥିଲେ। ଆଞ୍ଚଳିକ ଦଳ ଗଠନ ପଛରେ ବି ବବି ରହିଛନ୍ତି। ବବିଙ୍କ ନିର୍ଦ୍ଦେଶରେ ହିଁ ଏଭଳି କ୍ରସ ଭୋଟିଂ ହୋଇଛି। ତେଣୁ ସେମାନେ ବବିଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବାକୁ ବାଧ୍ୟ।

ଉଲ୍ଲେଖନୀୟ ଯେ ସାଧାରଣ ନିର୍ବାଚନରେ ବିଜେଡିର ପରାଜୟ ପରେ ଟିକଟ ବଣ୍ଟନକୁ ନେଇ ଦଳୀୟ କର୍ମୀମାନେ ବବିଙ୍କ ବିରୁଦ୍ଧରେ ଏଭଳି ତାତିଥିଲେ ଯେ ବବି କିଛିଦିନ ପାଇଁ ଶଙ୍ଖ ଭବନକୁ ଦେଖିଚାହିଁ ଆସୁଥିଲେ।

ପୃଷ୍ଠା-୬

ଆଉ ୧୦ ଦିନ; ଆତ୍ମସମର୍ପଣ, ନହେଲେ ଏନକାଉଣ୍ଟର

ଆରମ୍ଭ ହେଲା ଅପରେସନ ଶୁକ୍ରୁ



ଭୁବନେଶ୍ୱର,୨୧।୩(ସଂଚାର ବ୍ୟୁରୋ): ମାର୍ଚ୍ଚ ୩୧ରେ ସରିବ ମାଓମୁକ୍ତ ଅଭିଯାନର ଡେଡଲାଇନ୍। ଦେଶରେ ମାଓବାଦୀ କାର୍ଯ୍ୟକଳାପ ଶେଷ ପାଇଁ ଏହି ସମୟ ଧାର୍ଯ୍ୟ କରିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବାରମ୍ବାର ଆହ୍ୱାନ ଦେବା ସହ ଚେତାବନୀ ଦେଉଛନ୍ତି। ଏସବୁ ମଧ୍ୟରେ ବହୁ ଜଣାଶୁଣା ମାଓ ନେତା ଏନକାଉଣ୍ଟରରେ ପ୍ରାଣ ହରାଇଲେଣି କିମ୍ବା ଆତ୍ମସମର୍ପଣ କରିସାରିଲେଣି। ତଥାପି କିଛି ଟପ୍ ମାଓ ନେତା ଏବେବି ସକ୍ରିୟ ରହିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାରେ ସକ୍ରିୟ ରହିଛନ୍ତି ମାଓନେତା ଶୁକ୍ରୁ ଓ ସିଲା।

ଗୋଟିଏ ପଟେ ଆତ୍ମସମର୍ପଣ କଲେ ସବୁ ସୁରକ୍ଷାର ଆଶ୍ୱାସନା, ଅନ୍ୟପଟେ ଏନକାଉଣ୍ଟରର ଚେତାବନୀ ଦିଆଯାଉଛି। ଓଡ଼ିଶାର କନ୍ଧମାଳ ଜିଲ୍ଲାରେ ସକ୍ରିୟ ରହିଛି ମାଓନେତା ଶୁକ୍ରୁ ଓ ସିଲା। ଘର ମାଲକାନଗିରି ଜିଲ୍ଲାରେ। ମାଓ ନେତା ଅନ୍ୱେଷର ହତ୍ୟା ଷଡ଼ଯନ୍ତ୍ରରେ ଶୁକ୍ରୁ ରହିଥିବା ସନ୍ଦେହ କରାଯାଉଛି। ତା' ମୁଣ୍ଡ ଉପରେ ରହିଛି ୫୫ ଲକ୍ଷ ଟଙ୍କାର ପୁରସ୍କାର। ଶୁକ୍ରୁ ଓ ସିଲା ସମେତ ୧୧

ପୃଷ୍ଠା-୬

ନୂଆ ଦଳ ନେଇ ମୋକିମଙ୍କ ଦୃଢ଼ ଦାବି

ବିଜେପିର ବିକଳ୍ପ ହେବ ଓଡ଼ିଶା ଜନତା କଂଗ୍ରେସ



ଭୁବନେଶ୍ୱର,୨୧।୩(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପିର ବିକଳ୍ପ ହେବ ଓଡ଼ିଶା ଜନତା କଂଗ୍ରେସ। ବିଜେଡି ଓ କଂଗ୍ରେସ ଆମ ସହ ମୁକାବିଲା କରିବା ସ୍ଥିତିରେ ନାହାଁନ୍ତି ବୋଲି ଦାବି କରିଛନ୍ତି ପୂର୍ବତନ କଂଗ୍ରେସ ବିଧାୟକ ମହମ୍ମଦ ମୋକିମ। ଆସନ୍ତାକାଲି ଯାଜପୁରରେ ଏକ ବଡ଼ ସମାବେଶର ଆୟୋଜନ କରାଯାଇଛି। ଆଖପାଖ ୭ ଜିଲ୍ଲାର ଲୋକ ଏହି ସମାବେଶରେ ଯୋଗଦେବେ। ଏଥିସହ ଆସନ୍ତା ଏପ୍ରିଲ ପହିଲା ଓଡ଼ିଶା ଦିବସରେ

ପୃଷ୍ଠା-୬

SIKSHA 'O' ANUSANDHAN
DEEMED TO BE UNIVERSITY

SIKSHA 'O' ANUSANDHAN

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

ଗୋଠଛଡ଼ା ଏବେ ସମସ୍ତଙ୍କୁ ଅଡୁଆ

- ଏମାନଙ୍କ ଉପରେ ନାହିଁ ଦଳୀୟ ଶୃଙ୍ଖଳା
- ଉଭୟ ଶାସକ ଓ ବିରୋଧୀ ଦଳ ପାଇଁ ବିପଦ



ଭୁବନେଶ୍ୱର,୨୧।୩(ସଂଚାର ବ୍ୟୁରୋ): ରାଜ୍ୟସଭାରେ କ୍ରସ ଭୋଟିଂ କରି ଗୋଠଛଡ଼ା ହୋଇଥିବା ବିଧାୟକମାନେ ଏବେ ଉଭୟ ନିଜ ଦଳ ଓ ଶାସକ ଦଳ ପାଇଁ ଅଡୁଆ ହେଲେଣି। ଏବେ ବିଧାନସଭାରେ ଗୋଠଛଡ଼ା ବିଧାୟକଙ୍କ ସଂଖ୍ୟା ୧୧ରେ ପହଞ୍ଚିଲାଣି। ଆଗାମୀ ଦିନରେ ଏମାନେ ବିଧାନସଭାରେ କେଉଁ ରୂପ ଗ୍ରହଣ କରିବେ, ତାହାକୁ ନେଇ ଏବେ ସମସ୍ତେ ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟସଭାରେ କ୍ରସ ଭୋଟିଂ କରିଥିବା ଅଭିଯୋଗରେ କଂଗ୍ରେସ ଇତିମଧ୍ୟରେ ତା'ରଣୀ ଜଣ ବିଧାୟକଙ୍କୁ ଦଳରୁ ନିଲମ୍ବନ କରିବା ସହ ବିଧାନସଭାରେ ସେମାନଙ୍କୁ ଦଳୀୟ ବିଧାୟକଙ୍କଠାରୁ ଅଲଗା ବସାଇବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଛି। ଏହି ୩ ଜଣ ବିଧାୟକ ହେଲେ ସୋଫିଆ ଫିର୍ଦ୍ଦୌସ, ରମେଶ ଜେନା ଓ ଦାଶରଥୀ ଗମାଙ୍ଗ। ପୂର୍ବରୁ ବିଜେଡି ମଧ୍ୟ ଦଳବିରୋଧି କାର୍ଯ୍ୟ ପାଇଁ ଦୁଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ସନାତନ ମହାକୁଡ଼ଙ୍କୁ ନିଲମ୍ବନ କରିଛି। କ୍ରସ ଭୋଟିଂ କରିଥିବା ବିଜେଡିର ଆଉ ୬ ଜଣ ବିଧାୟକଙ୍କୁ ଆଜି ନିଲମ୍ବନ କରାଯାଇଛି। ଏହି ୬ ଜଣଙ୍କ ପାଇଁ ଆସନ୍ତା ସୋମବାର ବି ଅଲଗା ଆସନ ନିର୍ଦ୍ଧାରିତ ହେବ।

ଦଳରୁ ଗୋଠଛଡ଼ା ହୋଇଥିବା କିଛି ବିଧାୟକଙ୍କର ବିଧାନସଭାରେ ଗତକାଲି ଭିନ୍ନ ରୂପ ଦେଖିବାକୁ ମିଳିଥିଲା। ଅପରାହ୍ନ ଅଧିବେଶନରେ ଗୃହରେ ପୂର୍ତ୍ତ, ବିଦ୍ୟାଳୟ ଓ ଗଣଶିକ୍ଷା ଓ ଉଚ୍ଚ ଶିକ୍ଷା ବିଭାଗର ଖର୍ଚ୍ଚଦାବି ଆଲୋଚନା ପାଇଁ ଆସିଥିଲା। କଟକ ଏସସିବି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୃହରେ ହଙ୍ଗାମା ଜାରି ରଖିଥିବା ଦୁଇ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ଗୃହରେ ହଙ୍ଗାମା ଜାରି ରଖିଥିବାରୁ ଖର୍ଚ୍ଚଦାବି ଆଲୋଚନାରେ ଅଂଶଗ୍ରହଣ ନ କରି କକ୍ଷତ୍ୟାଗ କରିଥିଲେ।

ହେଲେ କଂଗ୍ରେସରୁ ନିଲମ୍ବିତ ସୋଫିଆ ଓ ବିଜେଡିରୁ ନିଲମ୍ବିତ ଅରବିନ୍ଦ ଖର୍ଚ୍ଚଦାବି ଆଲୋଚନାରେ ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ। ଏହା ଉଭୟ ବିଜେଡି ଓ କଂଗ୍ରେସ ରଣନୀତିକୁ ଅକଳରେ ପକାଇଥିଲା। ଯେହେତୁ ଦଳ

ପୃଷ୍ଠା-୬

ଚାଇଲ୍ଡ ହେଲ୍ପ ଲାଇନ ଓ ସଖୀ କର୍ମକର୍ତ୍ତାଙ୍କୁ ଦୁର୍ବ୍ୟବହାର ଘଟଣାରେ ୨ଗିରଫ

କେନ୍ଦ୍ରାପଡ଼ା,୨୧।୩(ସଂଚାର ବ୍ୟୁରୋ): ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସଖିବଟ ମନ୍ଦିର ପରିସରରେ ଚଳିତ ମାସ ୫ ତାରିଖରେ ନାବାଳିକାର ବିବାହ ଚାଲିଥିବା ବେଳେ ବିଶ୍ୱାସନୀୟ ସୂତ୍ରରୁ ସୂଚନା ପାଇ ଚାଇଲ୍ଡ ହେଲ୍ପ ଲାଇନ ଓ ସଖୀର କର୍ମକର୍ତ୍ତା ଏବଂ ମାର୍ଶାଘାଇ ସିଡିପିଓ ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ୍ କରିଥିଲେ। ଯାଞ୍ଚକାଳୀନ କନ୍ୟାଙ୍କ ବୟସ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ପରିଚୟ ପତ୍ରରେ ବୟସ ଜାଲିଆତି କରାଯାଇଥିବା ପ୍ରମାଣିତ ହେବା ପରେ କନ୍ୟାଙ୍କ ପ୍ରକୃତ ବୟସ ୧୬ ବର୍ଷ ବୋଲି ଜଣାପଡିଥିଲା। ବାଲ୍ୟ ବିବାହକୁ ରୋକିବା ପାଇଁ ଏହି ଟିମ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ କନ୍ୟାଙ୍କ ମା, ମାମୁଁ ଏବଂ କିଛି ସମ୍ପର୍କୀୟ ବ୍ୟକ୍ତିମାନେ ଅସଭ୍ୟ ଭାଷା ବ୍ୟବହାର କରି ଦଳର ସଦସ୍ୟାମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରୋଶମୂଳକ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା। ଏ ସମ୍ବନ୍ଧରେ ସମ୍ପୃକ୍ତ ଦଳ ପକ୍ଷରୁ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କନ୍ୟାଙ୍କ ମା ଓ ମାମୁଁଙ୍କୁ ଗିରଫ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ବେଳେ ବାଲ୍ୟ ବିବାହ ନିରୋଧ ଆଇନର କଡାକଡି ପାଳନ ସହ ଏପରି ଅବୈଧ କାର୍ଯ୍ୟକଳାପରୁ ଜନସାଧାରଣ ନିବୃତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

ନିଖୋଜ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

ବାରିପଦା,୨୧।୩ (ସଂଚାର ବ୍ୟୁରୋ): ଗତକାଲି ସନ୍ଧ୍ୟା ପରଠାରୁ ନିଖୋଜ ଥିବା ଜନୈକ ନାବାଳିକାର ମୃତଦେହକୁ ଆଜି ସକାଳୁ ପୁଲିସ ଘରପାଖରୁ କିଛି ଦୂରରୁ ଏକ ଜଙ୍ଗଲ ଘେରା ବାଉଁଶବୁଦା ମୂଳରୁ ଉଦ୍ଧାର କରିଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଅଛି। ଏହିଭଳି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଅଛି ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ ତଥା କରଞ୍ଜିଆ ଏନଏସିର ୧୫ ନମ୍ବର ୱାର୍ଡର ବଣସାହି ଅଞ୍ଚଳରେ। ନବାଳିକା ଜଣକ ଗତକାଲି ସନ୍ଧ୍ୟା ୭ଟା ପରଠାରୁ ହଠାତ ନିଖୋଜ ହୋଇଯାଇଥିଲା। ପରିବାର ଲୋକଙ୍କ କହିବା ମୁତାବକ ତାଙ୍କ ଝିଅ ଗତକାଲି ସନ୍ଧ୍ୟାରେ ଘରେ ରୋଷେଇ କରିସାରି କୁଆଡେ ନିଖୋଜ ହୋଇଯାଇଥିଲା। ରାତ୍ରୀସାରା ପରିବାର ଲୋକେ ଖୋଜା ଖୋଜି କରିବା ପରେ ମଧ୍ୟ ଝିଅର କୌଣସି ଖୋଜ ଖବର ପାଇନଥିଲେ । ଆଜି ସକାଳୁ ଉକ୍ତ ଅଞ୍ଚଳର ଜଣେ ମହିଳା ପାଖ ଜଙ୍ଗଲକୁ କୌଣସି କାମରେ ଯାଇଥିବାବେଳେ ଏକ ଅଖା ଭିତରେ ବନ୍ଧା ହୋଇ କଣ ପଡିଥିବାର ଦେଖିଥିଲେ। ସନ୍ଦେହ ହେବାରୁ ସିଏ ଘରକୁ ଆସି ତାଙ୍କ ସ୍ୱାମୀକୁ ଜଣାଇଥିଲେ। ପରେ ସମସ୍ତେ ଯାଇ ଦେଖିବାରୁ ଅଖା ଭିତରେ କୌଣସି ମୃତଦେହ ବନ୍ଧା ହୋଇପୋଡିଅଛି ବୋଲି ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଂଚି ଅଖା ଖୋଲିବାରୁ ଏକ ନାବାଳିକାର ମୃତଦେହକୁ ହାତଗୋଡ଼ ବନ୍ଧା ଅବସ୍ଥାରେ ଉଦ୍ଧାର କରିଥିଲା। ଉକ୍ତ ମୃତଦେହ ନିଖୋଜ ଥିବା ନାବାଳିକାର ବୋଲି ପରିବାରବର୍ଗ ଚିହ୍ନଟ କରିଥିଲେ ମୃତ ନାବାଳିକା ଜଣକ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ରୀ। ପ୍ରାଥମିକ ତଦନ୍ତରୁ ନାବାଳିକାକୁ ଡଷ୍ଟିଚିପି ହତ୍ୟା କରାଯାଇଥିବାର ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଅଛି । ବାରିପଦାରୁ ସାଇଣ୍ଟିଫିକ ଟିମ ମଧ୍ୟ ପହଁଞ୍ଚି ତଦନ୍ତ କରିଛନ୍ତି। ତେବେ ପ୍ରକୃତ ସତ୍ୟାସତ୍ୟ ଶବ ବ୍ୟବଚ୍ଛେଦ ପରେ ଜଣାପଡିବ।

ଟିପି ଥାଇ ବାଲିଗାଡି ଧରୁଛନ୍ତି ଖଣି ଅଧିକାରୀ

ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



କେନ୍ଦ୍ରାପଡ଼ା,୨୧।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ହାଇୱା ସଂଘ ତରଫରୁ ଉପ ଜି ଲ୍ଲା । ପ । ଳ ଙ୍କ ନିକଟରେ ଖଣି ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରାଯାଇଛି । ଅଭିଯୋଗରୁ ପ୍ରକାଶ ଯେ, ଖଣି ଅଧିକାରୀ ଟିପି ଥାଇ ବାଲି ନେଇ ଯାଉଥିବା ହାଇୱା ଗାଡି ଗୁଡିକୁ ଜୋର ଜବରଦସ୍ତ ଅଟକାଇ ଜରିମାନା ଆଦାୟ କରୁଛନ୍ତି । ଶୁକ୍ରବାର ଭୋର ସମୟରେ ଓଡି-୨୯-ଜେ-୭୭୫୦ ଏକ ହାଇୱା ଗାଡି ବାଲି ନେଇ ପଟ୍ଟାମୁଣ୍ଡାଇ ଯାଉଥିବା ସମୟରେ କେନ୍ଦ୍ରାପଡା ଖଣି ଅଧିକାରୀ ପଟ୍ଟମୁଣ୍ଡାଇ ବାଇପାସ୍ ଠାରେ ଜୋର ଜବରଦସ୍ତ ଅଟକାଇ ଡ୍ରାଇଭରକୁ ଧମକ ଚମକ ଦେଇ ଗାଡିକୁ ପଟ୍ଟାମୁଣ୍ଡାଇ ଥାନାରେ ଅଟକ ରଖିଛନ୍ତି । ଜିଲ୍ଲା ଖଣି ଅଧିକାରୀ ଉଦ୍ଦେଶ୍ୟ ମୂଳକ ଭାବେ ବାରମ୍ବାର କାଗଜପତ୍ର ଠିକ୍ ଥିବା ସତ୍ୱେ ହାଇୱା ଗାଡି ଗୁଡିକୁ ଅଟକାଇ ହଇରାଣ କରୁଥିବା ନେଇ ଉପ ଜିଲ୍ଲାପାଳଙ୍କ ନିକଟରେ ହାଇୱା ସଂଘ ତରଫରୁ ଜିଲ୍ଲା ସଭାପତି ନାରାୟଣ ସ୍ୱାଇଁ, ସଂପାଦକ କ୍ଷୀରୋଦ ଦାସ, ମନୋଜ କୁମାର ଧଳଙ୍କ ସମେତ ସୌଭାଗ୍ୟ ପରିଡା, ସୁଶାନ୍ତ ପଣ୍ଡା, ନାରାୟଣ ପରିଡା, ଶ୍ରୀମତୀ କିରଣବାଳା ଖଞ୍ଚୁଆଳ, ସେକ ରମଜାନ, ସେକ ସୋନୁ, ଅଜୟ ମଲିକ ପ୍ରମୁଖ ଅଭିଯୋଗ କରିଛନ୍ତି ।

ବିଜେପି ନେତା ଲଳିତ ବେହେରାଙ୍କୁ ସରକାରୀ ଓକିଲଙ୍କ ସମ୍ବର୍ଦ୍ଧନା



ପଟ୍ଟାମୁଣ୍ଡାଇ,୨୧।୩ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇର ବିଭିନ୍ନ କୋର୍ଟ ଓ ତହସିଲରେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଥିବା ଓକିଲ ମାନେ ଆଜି ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଯୁବନେତା ଲଳିତ ବେହେରାଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପଟ୍ଟାମୁଣ୍ଡାଇ ବିଜେପି ଯୁବନେତା ମିଟୁ ମନୋଜ ନାୟକଙ୍କ ସହିତ ବରିଷ୍ଠ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର, ପ୍ରମୋଦ ସାହୁ ଭବାନୀଶଙ୍କର ପଣ୍ଡା, ଶାକ୍ତିଭୂଷଣ ଭୂୟାଁ, ଧୀରେନ୍ଦ୍ର ସାହୁ, ଶିଶିର ମଲିକ, ପ୍ରଣତି ଦାସ ଓ ଚିତ୍ତ ରଞ୍ଜନ ଦାଶ ପ୍ରମୁଖ ବିଜେପି ବିଧାୟକ ପ୍ରାର୍ଥୀ ଯୁବନେତା ଶ୍ରୀ ବେହେରାଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହିତ ଆଗାମୀ ପଟ୍ଟାମୁଣ୍ଡାଇ ଓକିଲ ସଂଘ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ।

ଚୋରା ବାଲି ମାଫିଆଙ୍କ ଦୌରାତ୍ମ୍ୟ

ଭାଙ୍ଗିଗଲା ୧୨ନଂ ଶାଖା ନାଳମୁହଁ

ଡେରାବିଶ,୨୧।୩(ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଅଞ୍ଚଳରେ ଚୋରା ବାଲି ମାଫିଆଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ଚୋରା ବାଲି କାରବାରରେ ମୁନାଫା କମାଇବା ପାଇଁ ବ୍ଲକ ଅଞ୍ଚଳରେ ଏବେ ବିଭିନ୍ନ ଗୋଷ୍ଠୀ ସକ୍ରୀୟ ହେବା ସହିତ ସେମାନଙ୍କ ମଧ୍ୟରେ ବିବାଦ ଧିରେ ଧିରେ ଉଗ୍ର ରୂପ ନେଉଛି। ଏଥିସହିତ ଚୋରା ବାଲି ନେଇ ଗାଁ ଗଞ୍ଜା ରାସ୍ତାରେ ଯାଉଥିବା ଭାରୀଯାନ ଯୋଗୁଁ ଗ୍ରାମାଞ୍ଚଳର ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହେବାକୁ ବସିଲାଣି। ଯାହାର ସଦ୍ୟତମ ନମୁନା ଦେଖିବାକୁ ମିଳିଛି ଗତକାଲି ରାତିରେ ଛୋଟି ପଞ୍ଚାୟତର ଗୁଣୁପୁର ନିକଟରେ ଏକ ହାଇୱା ବିରୁପା ନଦୀରୁ ଚୋରା ବୋଲି ନେଇ ଯାଉଥିବା ବେଳେ କେତେକ ଗୋଷ୍ଠିର ଲୋକମାନେ



ଏହି ହାଇୱାକୁ ଅଟକାଇ ତାକୁ ଭଙ୍ଗାରୁଜା କରିଥିବା ଶୁଣିବାକୁ ମିଳିଛି। ତେବେ ହାଇୱା ଡ୍ରାଇଭର ଜଣକ ଜୀବନ ବିକଳରେ ମୁଖ୍ୟ ରାସ୍ତା ଉପରେ ବାଲିକୁ ଢ଼ାଳିଦେଇ ଫେରାର ହୋଇଯାଇଛି। ତେବେ ଏହି ଘଟଣାରେ କୌଣସି ପକ୍ଷରୁ ଥାନାରେ ଅଭିଯୋଗ ଦିଆଯାଇନଥିବା ଜଣାଯାଇଛି।

ଉଗ୍ରରୂପ ନେଉଛି ଚୋରାବାଲି ଚାଲାଣ ଘଟଣା

ସେହିପରି ଆଜି ଏକ ହାଇୱା ବାଲି ବୋଝେଇ କରି କେନ୍ଦ୍ରାପଡ଼ା କେନାଲ୍ ବନ୍ଧରେ ଯାଉଥିବା ବେଳେ ବେପରୁଆ ଗାଡ଼ି ଚାଳନା ଓ ଆବଶ୍ୟକତା ଠାରୁ ଅଧିକ ମାଲ ପରିବହନ କରୁଥିବାରୁ କେନ୍ଦ୍ରାପଡ଼ା କେନାଲ୍‌ରୁ ବାହାରିଥିବା ୧୨ ନଂଶାଖା ନାଳମୁହଁଟି ସମ୍ପୂର୍ଣ୍ଣ ଧସି ଯାଇଛି। ତେବେ ସୌଭାଗ୍ୟକୁ ହାଇୱାଟି ଦୁର୍ଘଟଣାରୁ ବର୍ତି ଯାଇଥିଲା। ଏହି ବେଆଇନ ବାଲି ଚାଲାଣ ଯୋଗୁଁ ଗ୍ରାମାଞ୍ଚଳର ସମସ୍ତ ରାସ୍ତା ଘାଟ ଭାଙ୍ଗିରୁଜି ନଷ୍ଟ ହୋଇଯାଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ବେଆଇନ ବାଲି ଚାଲାଣକାରୀଙ୍କ ଉପରେ ରୋକ ଲଗାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ମାହାଙ୍ଗା,୨୧।୩ (ସଂଚାର ବ୍ୟୁରୋ): ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ଅଂଚଳ ଗ୍ରସ୍ତ କରି ଦୁଇଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପ୍ରଥମେ ଆନନ୍ଦପୁର ପଂଚାୟତ ଗସ୍ତ କରି ପଟ୍ଟାମୁଣ୍ଡାଇ କେନାଲ ଅନ୍ତର୍ଗତ ନୁର୍ଆଙ୍ଗ ମାଇନର ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ । ପରେ ନୁର୍ଆଙ୍ଗ ପଂଚାୟତ ଗସ୍ତ କରି ପଟ୍ଟାମୁଣ୍ଡାଇ କେନାଲ ଅନ୍ତର୍ଗତ ବରଦିଆ ମାଇନର ସିମେଣ୍ଟ କଂକ୍ରିଟ ଲାଇନିଙ୍ଗ କାର୍ଯ୍ୟର ଶୁଭ ଶିଳାନ୍ୟାସ କରିଥିଲେ । ଏହି ଦୁଇଟି ପ୍ରକଳ୍ପର ନିର୍ମାଣ ହେଲେ ନୁର୍ଆଙ୍ଗ, ଆନନ୍ଦପୁର, ଜଳେଶ୍ୱରପୁର, ଶ୍ରୀକୃଷ୍ଣ ପୁର, ଚାହାପଡ଼ା ଆଦି ପଂଚାୟତର ଚାଷୀ ମାନେ ଉପକୃତ ହୋଇପାରିବେ ବୋଲି ବିଧାୟକ ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ରେ ଜିଡେନ୍ଦ୍ର ଶତପଥି,ସମିତି ସଭ୍ୟା ମଞ୍ଜୁଲତା ବରାଳ,ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ଅଶୋକ ବିଶ୍ୱାଳ, ରଂଜିତ ବରାଳ, ଭକ୍ତ ଚରଣ ସ୍ୱାଇଁ,ମନୋରଞ୍ଜନ ନାୟକ,ଅରୁଣ ସେଠି, କ୍ଷୀରୋଦ ଚନ୍ଦ୍ର ବିଶ୍ୱାଳ, ଭ୍ରମର ବର ଲେଙ୍କା, ବିଶ୍ୱ ପ୍ରତାପ ସେଠୀ, ମାନସ ରଞ୍ଜନ ଦାସ, ଅନିଲ କୁମାର ନାୟକଙ୍କ ସମେତ ବହୁ ଜନସାଧାରଣ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଯୁବ ନେତୃତ୍ୱ ଦଳ ପ୍ରତି ନିଷ୍ଠାବାନ ରହିବା ଉଚିତ

କେନ୍ଦ୍ରାପଡ଼ା,୨୧।୩(ସଂଚାର ବ୍ୟୁରୋ): ପୂର୍ବତନ ବିଧାୟକ ଓ କ୍ରୀଡା ସଂଗଠକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ଶ୍ରାଦ୍ଧ ବାର୍ଷିକୀ କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଜିଲ୍ଲା, ଆଳି ନିର୍ବାଚନ ମଣ୍ଡଳୀର ନିଆଳ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇଥିଲେ ।

ସ୍ୱର୍ଗତ ଶର୍ମାଙ୍କ ଝିଅ ତଥା କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଦେବସ୍ମିତା ଶର୍ମାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପିସିସି ସଭାପତି କହିଥିଲେ ଯେ, ସ୍ୱର୍ଗତ ଶର୍ମାଙ୍କ ସହିତ ମୋର ସମ୍ପର୍କ ବହୁତ ପୁରୁଣା । ବିଗତ ଦିନରେ ପଟ୍ଟାମୁଣ୍ଡାଇ ଆସି ଗ୍ରାମ ଗ୍ରାମ ବୁଲି ସଂଗଠନ କରିଥିଲୁ। ଯୁବକମାନଙ୍କୁ ଏକତ୍ରିତ କରିଥିଲୁ। ସ୍ୱର୍ଗତ ଶର୍ମା ଯୁବକ ମାନଙ୍କ ପାଇଁ ଏକ ଆଦର୍ଶ ଥିଲେ। କ୍ରୀଡା କ୍ଷେତ୍ରରେ ଯୁବକଙ୍କୁ ପ୍ରୋତ୍ସାହନ ଦେବାରେ ତାଙ୍କ



ଦେବେନ୍ଦ୍ର ଶର୍ମାଙ୍କ ଶ୍ରାଦ୍ଧ ବାର୍ଷିକୀ

ଅବଦାନ ଅତୁଳନୀୟ । ପଞ୍ଚାୟତ ସମିତି ଅଧ୍ୟକ୍ଷ ଠାରୁ ଜିଲ୍ଲା କଂଗ୍ରେସ ସଭାପତି ଓ ବିଧାୟକ ପର୍ଯ୍ୟନ୍ତ ତାଙ୍କ ସୁଦୀର୍ଘ ଯାତ୍ରା ସ୍ମରଣୀୟ । ଦଳ ପ୍ରତି ତାଙ୍କ ନିଷ୍ଠା ଓ ନିସ୍ୱାର୍ଥପରତା ଆଜିର କର୍ମକର୍ତ୍ତା ଶିକ୍ଷା ଗ୍ରହଣ କରିବା ଉଚିତ । ଆଗାମୀ ଦିନରେ ତାଙ୍କ ଝିଅ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଏକଜୁଟ ହୋଇ ପୂର୍ବ ଗୌରବ ଫେରାଇ ଆଣିବାକୁ ପିସିସି ସଭାପତି କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତିଙ୍କ ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପିସିସି କୋଷାଧକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ ଏବଂ ଶତାଧିକ କଂଗ୍ରେସ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ

ପ୍ରଥମ ଦିନରେ ୨୫ ହଜାର ଜୋରିମାନା ଆଦାୟ

କେନ୍ଦ୍ରାପଡ଼ା,୨୧।୩ (ସଂଚାର ବ୍ୟୁରୋ): ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସ୍ୱତନ୍ତ୍ର ଗାଡି ମଟର ଯାନ ଅଭିଯାନ ଆରମ୍ଭ କରାଯାଇଛି। ପ୍ରଥମେ କଟକ-ଚାନ୍ଦବାଲି ରାସ୍ତାର ଦୁହୁରିଆ ଛକରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ସେଠାରେ ଓଆର-୦୫-ଏଏମ- ୭୫୨୯ ନମ୍ବର ରାଜଭଟ ପ୍ରାଇଭେଟ ବସ୍‌ର ଫିଟନେସ ନଥିବାରୁ ୧୧ହଜାର ଟଙ୍କା ଜୋରିମାନା କରାଯାଇଥିଲା। ପରେ ରାଉତରାୟ ବସକୁ ନିର୍ଦ୍ଧାରିତ ସଂଖ୍ୟାରୁ ଅଧିକ ଯାତ୍ରୀ ପରିବହନ ପାଇଁ ୪ହଜାର ୨ଶହ ଟଙ୍କା ଓ ଟ୍ୟୁଙ୍କିଲ ବସ ଠାରୁ ଫେୟାର ଚାର୍ଟ ନଥିବାରୁ ୫ହଜାର ଟଙ୍କା ଜୋରିମାନା କରାଯାଇଥିଲା ।

ସେହିଭଳି ଦୁହୁରିଆ ସମେତ ଶ୍ୟାମସୁନ୍ଦରପୁର ଗଡା ନିକଟ ୫୩ନମ୍ବର ଜାତୀୟ ରାଜପଥ ଉପରେ ଗାଡି ଯାଞ୍ଚ କରାଯାଇ ଅତ୍ୟଧିକ ଗତିରେ ଯାଉଥିବା ୨୮ଟି ଗାଡି, ବିନା ହେଲମେଟରେ ଗାଡି ଚଲାଉଥିବା ୨୫ଟି ଦୁଇଚକିଆ ଗାଡି, ଭୁଲ ପାଶ୍ୱର୍ରେ ଗାଡି ଚାଳନା କରୁଥିବା ୪ଟି ଗାଡି, ୪ଟି ମାଲ ପରିବହନ ଯାନ, ୩ଟି ଯାତ୍ରୀ ପରିବହନ ଯାନରେ ଓଭରଲୋଡିଂ, ୫ଟି ମାଲ ପରିବହନ ଯାନରେ ଯାତ୍ରୀ ପରିବହନ, ୮ଟି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡିଚାଳନା,ଉପଯୁକ୍ତ ଶ୍ରେଣୀ ଲାଇସେନ୍ସ, ଅନୁମୋଦନ ବିନା ଗାଡି ଚାଳନା, ୮ଟି ଦୁଇ ଚକିଆ ଯାନରେ ଦୁଇରୁ ଅଧିକ



ବସିଥିବା ୮ଟି ଗାଡିଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର କରୁଥିବା ଘଟଣାରେ ଜୋରିମାନା କରାଯାଇଛି। ଏଥିସହିତ ୫ଟି ଗାଡିକୁ ଜବତ କରାଯାଇଛି । ୫୬(୪) ମୋଟର ଭେଇକିଲ ଆଇନ ଅନୁଯାୟୀ ୨ଟି ଗାଡିର ଫିଟନେସ ସାର୍ଟିଫିକେଟ ବାତିଲ କରାଯାଇଛି। ୬ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ନିଲମ୍ବନ କରାଯାଇଥିବା ବେଳେ ମୋଟ ୨୫ହଜାର ୬୫୦ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଆଳିକ ପରିବହନ ଅଧିକାରୀ ଲୋକନାଥ ମେହେର ସୂଚନା ଦେଇଛନ୍ତି ।

ଏହି ସ୍ୱତନ୍ତ୍ର ଅଭିଯାନରେ ପରିବହନ ବିଭାଗ କେନ୍ଦ୍ରୀୟ ଜୋନର ଉପଆୟୁକ୍ତ ରଶ୍ମୀରଞ୍ଜିତ ଦଳବେହେରାଙ୍କ ସମେତ କେନ୍ଦ୍ରାପଡା ଆଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

୨୫ରେ ପେନସନ ଭୋଗୀଙ୍କ ପ୍ରତିବାଦ ସଭା

କେନ୍ଦ୍ରାପଡ଼ା,୨୧।୩ (ସଂଚାର ବ୍ୟୁରୋ): ମାର୍ଚ୍ଚ ୨୫ ତାରିଖରେ ଭାରତୀୟ ସଂସଦରେ ଗୃହୀତ ଭାଲିଡେସନ ଆଇନ-୨୦୨୫(ପେନସନ ପୁନଃ ନିର୍ଦ୍ଧାରଣ ବନ୍ଦ ଆଇନ)କୁ ବିରୋଧ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ । ନୂଆଦିଲ୍ଲୀର ସର୍ବ ଭାରତୀୟ ପେନସନରସ୍ ଫେଡେରେସନର ଆହ୍ୱାନ କ୍ରମେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘ, ମେଡିକାଲ ରୋଡ, କେନ୍ଦ୍ରାପଡା ପକ୍ଷରୁ ୨୫ତାରିଖ ପୂର୍ବାହ୍ନ ୧୦ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ସଙ୍ଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ । ଏଥିନିମନ୍ତେ ସଙ୍ଘ ପକ୍ଷରୁ ସମ୍ପାଦକ ହେମନ୍ତ କୁମାର ଜେନା, ଯୁଗ୍ମ ସମ୍ପାଦକ ବିଜୟ କୁମାର ଦାସ, ସଂଗଠନ ସମ୍ପାଦକ ତଥା ମିଡିଆ ସଂଯୋଜକ କାଶିନାଥ ରାଉତରାୟ, ଉପଦେଷ୍ଟା ସୟଦ ମହମ୍ମଦ ଜାହେରେ, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ନାୟକ, ଉପସଭାପତି ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ସୁବାସ ଚନ୍ଦ୍ର ପାତ୍ର, ଅଞ୍ଜନ କୁମାର ଶତପଥୀ, ନରୋମ ପରିଡା, ପରମାନନ୍ଦ ତ୍ରିପାଠୀ ପ୍ରମୁଖ ଜିଲ୍ଲାପାଳ, ଉପଜିଲ୍ଲାପାଳ, ଟାଉନଥାନା ଅଧିକାରୀ ପ୍ରମୁଖଙ୍କୁ ଭେଟି ଧାରଣା ଓ ପ୍ରତିବାଦ ସଭା ସମ୍ପର୍କରେ ଅବଗତ କରାଇଛନ୍ତି । ଏହି କାର୍ଯ୍ୟକ୍ରମରେ ପେନସନ ଭୋଗୀମାନେ ବହୁ ସଂଖ୍ୟାରେ ଯୋଗଦେବାକୁ ସାଧାରଣ ସମ୍ପାଦକ ଶ୍ରୀ ଜେନା ଓ ସଂଗଠନ ସମ୍ପା



ବାଚସ୍ପତି ସୁରମା ପାଢ଼ୀ ଓ ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ସହକାରୀ ଶ୍ରମ ଅଧିକାରୀ।

ଦାବି ମାନିନେଲେ ସରକାର

ଆନ୍ଦୋଳନରୁ ଓହରିଲା ପାଚିକା ସଂଘ

ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ) : ଧାରଣା-ଆନ୍ଦୋଳନରୁ ଓହରିଲା ପାଚିକା ସଂଘ । ପାଚିକାମାନଙ୍କ ଦୀର୍ଘଦିନର ଦାବି ଉପରେ ଶେଷରେ ସକାରାତ୍ମକ ପଦକ୍ଷେପ ନେଲେ ରାଜ୍ୟ ସରକାର । ୭ ଦଫା ଦାବି ମଧ୍ୟରୁ ୩ଟି ମୁଖ୍ୟ ଦାବି ଯଥା ବକେୟା ଟଙ୍କା ପ୍ରଦାନ, ପରିଚୟ ପତ୍ର ଯୋଗାଣ ଏବଂ ଯଥୋଚିତ ଦରମା ଦେବାକୁ ମାନିନେବା ପାଇଁ ସରକାର ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି । ଏହି ଆଶ୍ୱାସନ ପରେ ପାଚିକା ସଂଘ ନିଜ ଧାରଣା ଆନ୍ଦୋଳନରୁ ଓହରି ଯାଇଛି । ଗତ ଚାରି ଦିନ ଧରି ଦିବା-ରାତ୍ରି ଧାରଣାରେ ବସି ରହିଥିବା ପାଚିକାମାନେ ନିଜ ଅଧିକାର ପାଇଁ ଜୋରଦାର ଆନ୍ଦୋଳନ କରୁଥିଲେ।



ସରକାର ସହିତ ଆଲୋଚନା ପରେ ଏହି ୩ଟି ଦାବି ପୂରଣ ନେଇ ସକାରାତ୍ମକ ସଙ୍କେତ ମିଳିବାରୁ ସେମାନେ ଆନ୍ଦୋଳନକୁ ସ୍ଥଗିତ କରିଛନ୍ତି। ପ୍ରକାଶଯୋଗ୍ୟ, ଚାରି ଦିନ ଧରି ଧାରଣାରେ ବସିଥିବା ହଜାର ହଜାର ପାଚିକା ବିକ୍ଷୋଭ ପ୍ରଦର୍ଶନ କରି ସରକାରଙ୍କୁ ନ୍ୟାୟ ମାଗିଆସୁଥିଲେ । ଦୀର୍ଘ ୩୦ ବର୍ଷ ଧରି ମଧ୍ୟାହ୍ନ ଭୋଜନ ଯୋଜନାରେ କାମ କରି ଦିନକୁ ମାତ୍ର ୮୦ ଟଙ୍କା ମଜୁରୀ, ମାସକୁ ପ୍ରାୟ ୩ ହଜାର ଟଙ୍କା ଓ ବର୍ଷକୁ ୩୦ ହଜାର ଟଙ୍କାରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି । ତା ସହ ତିନି ମାସର ଦରମା ବକେୟା ରହିଥିବା ଅଭିଯୋଗ କରିଥିଲା ପାଚିକା ସଂଘ ।

ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ ନେଇ ଏକ ନୀତି ପ୍ରଣୟନ ସମ୍ପର୍କିତ ବୈଠକ

ପିଏନ୍‌ଜି ସମ୍ପ୍ରସାରଣ ପାଇଁ ରୋଡ୍‌ମ୍ୟାପ୍

ଭୁବନେଶ୍ୱର, ୨୧।୩(ସଂଚାର ବ୍ୟୁରୋ): ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଓ ସ୍ୱଚ୍ଛ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ ନେଇ ନୀତି ପ୍ରଣୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଶୁକ୍ରବାର ସ୍ଥାନୀୟ ଖାରବେଳ ଭବନଠାରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଇଡ୍‌କୋ ଅଧ୍ୟକ୍ଷା ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟରେ ପାଇପ୍‌ଡ ନାଚୁରାଲ୍ ଗ୍ୟାସ୍ (ପିଏନ୍‌ଜି)ର ସମ୍ପ୍ରସାରଣ ପାଇଁ ଏକ ରଣନୈତିକ ରୋଡମ୍ୟାପ୍ ଉପରେ ଆଲୋଚନା କରାଯାଇଥିଲା। ରାଜ୍ୟର ଦୀର୍ଘକାଳୀନ ବିକାଶକୁ ଦୃଷ୍ଟିରେ ରଖି ଏକ ଭବିଷ୍ୟତମୁଖୀ ଓ



ନାଗରିକ-କେନ୍ଦ୍ରିକ ନୀତି ପ୍ରସ୍ତୁତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।

ବୈଠକରେ ଅଧ୍ୟକ୍ଷତା କରି ଶ୍ରୀମତୀ ପାଢ଼ୀ ଓଡ଼ିଶାର ସହରାଞ୍ଚଳରେ ସିଟି ଗ୍ୟାସ୍ ବିତରଣ ନେଟୱାର୍କର ଦ୍ରୁତ ସମ୍ପ୍ରସାରଣ ପାଇଁ ଏକ ଆକାଂକ୍ଷୀ ତଥା ବାସ୍ତବବାଦୀ ନୀତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ପ୍ରସ୍ତାବିତ ନୀତି ସ୍ୱଚ୍ଛ, ଦକ୍ଷ ଓ ନିର୍ଭରଯୋଗ୍ୟ ଶକ୍ତିର ଉପଲବ୍ଧତା ବୃଦ୍ଧି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ, ଯାହା ସ୍ଥାୟୀ ସହରୀ ବିକାଶ ଓ ଉନ୍ନତ ସେବା ପ୍ରଦାନରେ ସହାୟକ ହେବ। ସେ ଆହୁରି ମଧ୍ୟ ଦୋହରାଇଥିଲେ ଯେ ଜନସାଧାରଣ ଓ ରାଜ୍ୟର ସର୍ବୋତ୍ତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ଅତ୍ୟାଧୁନିକ ନୀତି ପ୍ରଣୟନ କରିବାକୁ ସରକାର ପ୍ରତିବଦ୍ଧ। ଏହା ପ୍ରକ୍ରିୟାକୁ ସରଳ କରିବ, ଭିତ୍ତିଭୂମି ନିର୍ମାଣକୁ ତ୍ୱରାନ୍ୱିତ କରିବ ଏବଂ ସହରାଞ୍ଚଳରେ ନାଗରିକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବ।

ବୈଠକରେ ପାଇପ ଯୋଗେ ଗ୍ୟାସ ଯୋଗାଣ ଅନୁମତି ପ୍ରକ୍ରିୟାକୁ ସରଳ କରିବା, ଲାଇସେନ୍ସ ଫି'ର ଯୁକ୍ତିସଙ୍ଗତ ନିର୍ଦ୍ଧାରଣ, ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ସିଷ୍ଟମ୍, 'ଡିମ୍ଡ୍ ଆପ୍ରୁଭାଲ୍' ବ୍ୟବସ୍ଥା, ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟ ଓ ସୁଚାରୁ ରୂପେ ସେବା ପ୍ରଦାନ ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଆଇଓସିଏଲ୍ ଓ ଗେଲ୍ ଭଳି ପ୍ରମୁଖ ଶକ୍ତି ସଂସ୍ଥାର ବୈଷୟିକ ଜ୍ଞାନକୌଶଳକୁ ବ୍ୟବହାର କରି ସିଟି ଗ୍ୟାସ୍ ପ୍ରକଳ୍ପଗୁଡ଼ିକୁ ଦକ୍ଷତାର ସହ କାର୍ଯ୍ୟକାରୀ କରିବା ଏହି ପଦକ୍ଷେପର ଲକ୍ଷ୍ୟ। ପ୍ରସ୍ତାବିତ ପିଏନଜି ବିତରଣ ନୀତି ଓଡ଼ିଶାକୁ ସ୍ୱଚ୍ଛ ଓ ସ୍ଥାୟୀ ସହରୀ ଶକ୍ତି ସମାଧାନ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ସ୍ଥାପିତ କରିବା ଆଶା ରହିଛି।

ବାଲିଯାତ୍ରା ପଡ଼ିଆରେ ପୁସ୍ତକମେଳା



କଟକ, ୨୧।୩ (ସଂଚାର ବ୍ୟୁରୋ) : କଟକ ଚଳ ବାଲିଯାତ୍ରା ପଡିଆରେ ପୁସ୍ତକମେଳା ଉଦଘାଟିତ ହୋଇଯାଇଛି। ମେୟର ସୁବାସ ସିଂ ପୁସ୍ତକମେଳାକୁ ଉଦଘାଟନ କରିଛନ୍ତି। କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି ପୁସ୍ତକମେଳା ୧୦ ଦିନ ଧରି ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାପଡିଛି । ମେଳାରେ ୧୬୫ଟି ଷ୍ଟଲ ପଡ଼ିଛି। ରାଜ୍ୟ ସଂସ୍କୃତି ବିଭାଗ, କଟକ ଜିଲ୍ଲା ପ୍ରଶାସନ, କଟକ ମହାନଗର ନିଗମ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଛି ପୁସ୍ତକ ମେଳା। ଏହାର ନାଁ କଟକ ସାହିତ୍ୟ ସରୋବର-୨୦୨୬ ରଖାଯାଇଛି । ଏହି ମେଳା ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ।

୮୭୬ କୋଟିରେ ଗଙ୍ଗୁଆର ପୁନରୁଦ୍ଧାର

ଦୟା ପଶ୍ଚିମ କେନାଲକୁ ମିଳିବ ନୂଆ ଜୀବନ



ଭୁବନେଶ୍ୱର, ୨୧।୩(ସଂଚାର ବ୍ୟୁରୋ): ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଦୁଇଟି ବିଭାଗର ମୁଖ୍ୟ ସଚିବ ଓ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ଉପସ୍ଥିତିରେ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ସଚିବ ସଞ୍ଜୟ ସିଂ ଓ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଉପସ୍ଥିତ ଥିଲେ। ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦୂର କରିବା ନେଇ ଆଲୋଚନା ହୋଇଥିଲା। ଏନେଇ ପୂର୍ତ୍ତ ବିଭାଗ ଅଧିନରେ ୩୭ଟି ପ୍ରକଳ୍ପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ୩୭ଟି ପ୍ରକଳ୍ପ ମଧ୍ୟରୁ ୩ଟି ପ୍ରକଳ୍ପର ଟେଣ୍ଡର ହୋଇଯାଇଛି, ବାକି ୩୪ଟି ପ୍ରକଳ୍ପର ଟେଣ୍ଡର କିପରି ଯଥାଶୀଘ୍ର ହୋଇ କାର୍ଯ୍ୟ ଆରମ୍ଭ ହେବ, ତା' ଉପରେ ବିଭାଗୀୟ ସଚିବ ଶ୍ରୀ ସିଂଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି ସାଂସଦ। ସମୀକ୍ଷା ବୈଠକରେ ଜଳସମ୍ପଦ ବିଭାଗର ସଚିବଙ୍କ ସହ ଗଙ୍ଗୁଆ ନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଗଙ୍ଗୁଆ ନାଳର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଦିଗରେ ମୋଟ ୮ ହଜାର ୭୩୬ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ରାଜଧାନୀ ଇଞ୍ଜିନିୟରିଂ କଲେଜ ନିକଟରୁ ଆରମ୍ଭ ହୋଇ ଗଙ୍ଗୁଆ ନାଳର ପୁନରୁଦ୍ଧାର କାର୍ଯ୍ୟ ଜଟଣୀ ନିକଟସ୍ଥ କଣ୍ଟି ଗ୍ରାମ ପ୍ରାୟ ୩୩ କିମିର ପୁନରୁଦ୍ଧାର କରାଯିବ। ଏଥିସହ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ଓ ବିକାଶ ସମ୍ପର୍କରେ ଆଲୋଚନା ହୋଇଛି। ବାରଙ୍ଗଠାରୁ ଆରମ୍ଭ କରି ଜଟଣୀ ପର୍ଯ୍ୟନ୍ତ ପ୍ରାୟ ୩୪.୮୬ କିମି ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି। ଏହି ପ୍ରକଳ୍ପ ପାଇଁ ମୋଟ ୪୪୮ କୋଟିର ବ୍ୟୟ ଅଟକଳ କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ ଅଧ୍ୟକ୍ଷଙ୍କ ସହ ଡ୍ରେନ ସମସ୍ୟାର ସମୀକ୍ଷା କରିଥିଲେ ସାଂସଦ। ବର୍ଷାଦିନ ପୂର୍ବରୁ ସମସ୍ତ ଡ୍ରେନେଜ ସଫେଇ ଓ ପୁନରୁଦ୍ଧାର କାମ ସାରିବାକୁ କହିଛନ୍ତି ଭୁବନେଶ୍ୱର ସାଂସଦ। ବୈଠକରେ ୱାଟକୋ ଏମଡି ମଧ୍ୟ ଉପସ୍ଥିତ ରହିଥିଲେ। ତାଙ୍କ ସହ ସ୍ୱେରେଜ କାମ ସମ୍ପର୍କରେ ବି ସେ କଥା ହୋଇଛନ୍ତି।

ବେଦାନ୍ତ କର୍ମଚାରୀ ଓ ମହିଳାଙ୍କୁ ପ୍ରେରିତ କଲେ ଡ. କିରଣ ବେଦୀ

ଝାରସୁଗୁଡ଼ା, ୨୧।୩(ସଂଚାର ବ୍ୟୁରୋ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଆଜି ଝାରସୁଗୁଡାସ୍ଥିତ ପ୍ଲାଣ୍ଟରେ ପହଞ୍ଚିଛନ୍ତି ଡକ୍ଟର କିରଣ ବେଦୀ। ସେ କମ୍ପାନୀରେ ମହିଳା ଦିବସ ପାଳନ ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି ଯେ ବେଦାନ୍ତ ଦେଶର ଏକ ହୀରା ଓ ଏହା ଦେଶକୁ ଏପରି ଅଧିକ ଅନୁଷ୍ଠାନର ଆବଶ୍ୟକତା ଅଛି ଯେଉଁମାନେ ଦାୟିତ୍ୱର ସହ ସମ୍ବଳ ବ୍ୟବହାର କରନ୍ତି ଏବଂ ଉଦ୍ଦେଶ୍ୟମୂଳକ ଭାବେ ଅଭିବୃଦ୍ଧିକୁ ଆଗେଇ ନିଅନ୍ତି। ଶିକ୍ଷା ପ୍ରତି ପ୍ରତିବଦ୍ଧ ରୁହନ୍ତୁ, ସହାନୁଭୂତି ସହ ନେତୃତ୍ୱ ନିଅନ୍ତୁ



ଓ ସଂଶୋଧନ କରିବା ପୂର୍ବରୁ ଭଲ ଭାବେ ବୁଝି ଲୋକଙ୍କ ସହ ସଂଯୋଗ ସ୍ଥାପନ କରିବାକୁ ଡ. ବେଦୀ ପରାମର୍ଶ ଦେଇଛନ୍ତି। ସେହିପରି ବେଦାନ୍ତ ଲିମିଟେଡର ଅଣକାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ହିନ୍ଦୁସ୍ତାନ ଜିଙ୍କ୍ ଲିମିଟେଡର ଅଧ୍ୟକ୍ଷା ପ୍ରିୟା ଅଗ୍ରୱାଲ ହେଙ୍କର କହିଛନ୍ତି ଯେ ଆଜି ବେଦାନ୍ତରେ ଆମ ଟିମ୍‌ର ୨୩ ପ୍ରତିଶତରୁ ଅଧିକ ମହିଳା ସାମିଲ୍ ଅଛନ୍ତି। ଆମେ ଭାରତର ପ୍ରଥମ କମ୍ପାନୀ ଭାବେ ଏକ ସମ୍ପୂର୍ଣ୍ଣ ମହିଳା ପୋଟଲାଇନ୍ ପରିଚାଳନା କରିବାରେ ଗର୍ବିତ। ଅନ୍ୟପକ୍ଷରେ ଡ. ବେଦୀ ତାଙ୍କ ଗସ୍ତ ନେଇ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ର କହିଛନ୍ତି ଯେ ଭାରତର ପ୍ରଥମ ଆଲୁମିନିୟମ୍ ପ୍ଲାଣ୍ଟ ଭାବେ ଯାହା ସମ୍ପୂର୍ଣ୍ଣ ମହିଳା ପୋଟଲାଇନ୍ ପରିଚାଳନା କରେ ଓ ଓଡ଼ିଶାରେ ପ୍ରଥମ ଯେଉଁଠାରେ ମହିଳାମାନେ ରାତି ପାଳିରେ କାମ କରିପାରିବେ, ଆମେ ଆମର ସମସ୍ତ କର୍ମଚାରୀଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ।

ଡକ୍ଟର ବେଦୀଙ୍କ ଗସ୍ତରେ ପଶ୍ଚିମ ଓଡ଼ିଶାର ସର୍ବବୃହତ ସ୍ୱୟଂ ସହାୟକ ଗୋଷ୍ଠୀ ସମବାୟ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଏବଂ ବେଦାନ୍ତର ଏକ ସାମୁଦାୟିକ ବିକାଶ ପ୍ରକଳ୍ପର ସଦସ୍ୟମାନଙ୍କ ସହ ଆଲୋଚନା କରାଯାଇଥିଲା। ସେ ବିଭିନ୍ନ କାର୍ଯ୍ୟରେ ବେଦାନ୍ତର ପ୍ଲାଣ୍ଟ ପରିଚାଳନାରେ ଯୋଗଦେବାକୁ ଥିବା ଅନେକ ବିଶେଷ ଭାବରେ ସକ୍ଷମ ବୃତ୍ତିଗତଙ୍କୁ ପ୍ରସ୍ତାବ ପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏହା ସହିତ, ସେ ବେଦାନ୍ତ ଝାରସୁଗୁଡାର ଆଲୁମିନିୟମ୍ ଉତ୍ପାଦନ ସୁବିଧା ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପୋଟଲାଇନ୍, ଓଡ଼ିଶାର ପ୍ରଥମ ସମ୍ପୂର୍ଣ୍ଣ ମହିଳା ପାୱାର ଅପରେସନ୍ସ ଓ ବେଦାନ୍ତର ସମ୍ପୂର୍ଣ୍ଣ ମହିଳା ଲୋକୋମୋଟିଭ୍ ଦଳର ସଦସ୍ୟଙ୍କ ସମେତ ଅନେକ ପେସାଦାର ମହିଳାଙ୍କୁ ଭେଟିଥିଲେ।

ଜୟଦେବ ଜେନାଙ୍କୁ ହତ୍ୟା ଧମକ



ଭୁବନେଶ୍ୱର, ୨୧।୩(ସଂଚାର ବ୍ୟୁରୋ): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କୁ ହତ୍ୟା ଧମକ ମିଳିଛି। ଗତ ୯ ତାରିଖରେ ତାଙ୍କୁ ହତ୍ୟା ଧମକ ମିଳିଥିବା ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଖଣି ମାଫିଆଙ୍କ ବିରୋଧରେ ସଭା କରିଥିବାରୁ ତାଙ୍କୁ ଏପରି ଧମକପୂର୍ଣ୍ଣ ମେସେଜ ଆସିଛି। ଗତ ଫେବ୍ରୁଆରୀ ୬ ତାରିଖରେ କେନ୍ଦୁଝରରେ ସେ ଏକ ବଡ଼ ସଭା କରିଥିଲେ। ସେଥିରେ ସେ ଖଣି ମାଫିଆ ବିରୋଧରେ ବ୍ୟାପକ ଅଭିଯୋଗ କରିଥିଲେ। ଉକ୍ତ ସଭା ପରେ ତାଙ୍କ ପାଖକୁ ଧମକପୂର୍ଣ୍ଣ ମେସେଜ ଆସିଥିବା ସେ କହିଛନ୍ତି। ଏନେଇ ସେ ପୁଲିସରେ ଅଭିଯୋଗ କରିଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ତୁରନ୍ତ ଅଭିଯୁକ୍ତକୁ ଗିରଫ ସହ ତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ଶ୍ରୀ ଜେନା ଦାବି କରିଛନ୍ତି।

ପ୍ରତାପଙ୍କ ବାସଭବନରେ ହଙ୍ଗାମା ଘଟଣାରେ ୨ ଗିରଫ



ଭୁବନେଶ୍ୱର, ୨୧।୩(ସଂଚାର ବ୍ୟୁରୋ): ବିଜେଡି ନେତା ପ୍ରତାପ ଜେନାଙ୍କ କ୍ୱାର୍ଟର୍ସ ଆଗରେ ହଙ୍ଗାମା କରିଥିବା ଘଟଣାରେ ୨ ଜଣଙ୍କୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସିଦ୍ଧାର୍ଥ ସ୍ୱାଇଁ ଓ ଦେବୀ ପ୍ରସାଦ ଲେଙ୍କା। ଉଭୟଙ୍କୁ ପୁଲିସ କୋର୍ଟ ଚାଲାଣ କରିଛି। ଶୁକ୍ରବାର ରାତିରେ ପ୍ରତାପଙ୍କ ଘର ଆଗରେ ବାଣ ଫୁଟାଇ ହଙ୍ଗାମା କରିଥିଲେ ଏହି ଦୁଇ ଯୁବଛାତ୍ର ନେତା। ଘର ଲୋକ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ନିଲମ୍ବିତ ନେତାଙ୍କ ହଙ୍ଗାମା ବେଳର ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ପ୍ରତାପ। ଗିରଫ ଅଭିଯୁକ୍ତମାନେ ବିଜେଡି ଛାତ୍ର ସଂଘର ପୂର୍ବତନ ସଭାପତି ଥିଲେ। ପ୍ରତାପ ଜେନାଙ୍କ ସରକାରୀ ବାସଭବନରେ ସୁରକ୍ଷା ବ୍ୟବସ୍ଥା ମଜବୁତ କରିଦିଆଯାଇଛି। ପୁଲିସ କହିଛି ଯେ ତଦନ୍ତ ସମୟରେ ଏହି ଘଟଣା ଏକ ରାଜନୈତିକ ସଂଗଠନର ଆଭ୍ୟନ୍ତରୀଣ ବିବାଦ ସହ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏଥିରେ କିଛି ବ୍ୟକ୍ତିଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ନିଲମ୍ବନ କରାଯାଇଥିବା ପରେ ଏହି ଆକ୍ରମଣ ଘଟିଥିଲା।

ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର

● ମୁଖପତ୍ର 'ମୈତ୍ରୀ' ଉନ୍ମୋଚିତ



ଭୁବନେଶ୍ୱର, ୨୧।୩(ସଂଚାର ବ୍ୟୁରୋ): ପ୍ରାଚୀନରୁ ମଧ୍ୟଯୁଗୀୟ ଓ ମଧ୍ୟଯୁଗୀୟରୁ ଆଧୁନିକ ଏବଂ ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତିଟି କବି ବସନ୍ତକୁ ଋତୁରାଜ ଭାବେ ବର୍ଣ୍ଣନା କରିଛନ୍ତି। ଗୀତାରେ ମଧ୍ୟ ସ୍ୱୟଂ ଶ୍ରୀକୃଷ୍ଣ କହିଛନ୍ତି ଋତୁମାନଙ୍କ ମଧ୍ୟରେ ମୁଁ କୁସୁମାକର ବସନ୍ତ। କବିକୁଳ ସେଇ ବସନ୍ତ ଋତୁରେ ଧରଣୀକୁ ପଲ୍ଲବ ବସନରେ ସଜାଇ ପିକର କୁହୁଧ୍ୱନିକୁ ବେଦମନ୍ତ୍ର ଭାବେ ବର୍ଣ୍ଣନା କରି ସ୍ଥାବରଜଙ୍ଗମ ସର୍ବତ୍ର ମଧୁମୟ କରି ବସନ୍ତ ଋତୁକୁ ଶ୍ରେଷ୍ଠ ଆସନରେ ବସାଇଥାନ୍ତି। ବସନ୍ତ ହେଉଛି ସୃଷ୍ଟି ସମୟର ଆରମ୍ଭ, କ୍ଷେତରେ ସୋରିଷ ଫୁଲ, ପରିବେଶରେ ସାମାନ୍ୟ ଆର୍ଦ୍ରତା ଓ ମଳୟର ପହିଲି ସ୍ପର୍ଶ ଶରୀରକୁ କରେ ଆମୋଦିତ। ଏଇ ବସନ୍ତ କବିମାନଙ୍କୁ କରିଦିଏ ବିଭୋର ବୋଲି କହିଛନ୍ତି ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର 'ଓଡ଼ିଆ ସାହିତ୍ୟରେ ଋତୁ ବସନ୍ତ'ରେ ଯୋଗଦେଇ ଅତିଥିମାନେ କହିଛନ୍ତି। ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ପ୍ରତିକ ସମୟରେ ପରିବେଶ ପ୍ରଦୂଷଣ ଯୋଗୁଁ ବସନ୍ତ ଋତୁର ମହକ ଦୂରେଇ ଯାଉଥିବାରୁ ପ୍ରକୃତ ବସନ୍ତକୁ ଉପଭୋଗ କରିବା ସକାଶେ ପୃଥିବୀ ପୃଷ୍ଠକୁ ସବୁଜିମାମୟ କରିବାକୁ ପଡ଼ିବ ବୋଲି କହିଥିଲେ। ସଭାରେ ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ପ୍ରଭାତ କୁମାର ନନ୍ଦ, ଡକ୍ଟର ଆରତି କର, ମିନତୀ ଷଡ଼ଙ୍ଗୀ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ମନୋଜ କୁମାର ଜେନା, ବିରଞ୍ଚି ନାରାୟଣ ଶତପଥୀ, କୈଳାଶ ଚନ୍ଦ୍ର ରଥ, ବିରଜା ପ୍ରସାଦ ଶତପଥୀ, ବିଜୟ କୁମାର ମହାନ୍ତି ଓ ଇଂ. ଗଣେଶ ଚନ୍ଦ୍ର ପଣ୍ଡା ବସନ୍ତ ଋତୁ ବର୍ଣ୍ଣନାରେ ଅଂଶଗ୍ରହଣ କରିଥିଲେ। ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସୁଜାତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

ବିଶ୍ୱ କବିତା ଦିବସରେ ନବୀନ ସୃତ୍ତଧର କବିତା ସମ୍ମାନ

ସମ୍ମାନିତ ହେଲେ କବି ଓ ଗୀତିକାର



ଭୁବନେଶ୍ୱର, ୨୧।୩(ସଂଚାର ବ୍ୟୁରୋ): ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ନବୀନ ସୃତ୍ତଧର ଟ୍ରଷ୍ଟ ପକ୍ଷରୁ ବିଶ୍ୱ କବିତା ଦିବସ ମହାସମାରୋହରେ ପାଳନ କରାଯାଇଛି। ଯେଉଁଥିରେ ଓଡ଼ିଶାର ଦୁଇ ବରେଣ୍ୟ କବି ଓ ଗୀତିକାର ଦେବଦାସ ଛୋଟରାୟ ଓ ଗୁରୁପ୍ରସାଦ ଶତପଥୀଙ୍କୁ ଅନୁଷ୍ଠାନର ଶ୍ରେଷ୍ଠ ସମ୍ମାନ ନବୀନ ସୃତ୍ତଧର କବିତା ସମ୍ମାନ ପ୍ରଦାନ କରାଯାଇଛି। ଏହାସହିତ ୯ ଜଣ ଯୁବ ଓ ପ୍ରବୀଣ ଓଡ଼ିଆ ଜାତିର ବର୍ତ୍ତାବହଙ୍କୁ ନବୀନ ସୃତ୍ତଧର କବିତା ଆଶିର୍ବାଦ ସମ୍ମାନ ପ୍ରଦାନ କରାଯାଇଛି। ଆଜି ପ୍ରଥମ ପର୍ଯ୍ୟାୟର ଆୟୋଜିତ ହୋଇଥିବା ସଭାକୁ

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ରବିବାର ୨୨ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର
Sunday 22 March 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ମୂଲ୍ୟବୃଦ୍ଧି

ବର୍ତ୍ତମାନ ବିଶ୍ୱ ଏକ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ଇରାନ୍ ସହିତ ଚାଲୁଥିବା ଯୁଦ୍ଧ ଏବଂ ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଲାଗାତାର ପ୍ରଭାବରେ ତୈଳ ଓ ଗ୍ୟାସ୍ ମୂଲ୍ୟ ଆକାଶଛୁଆଁ ହୋଇଛି। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବା ଫଳରେ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତୈଳ ମୂଲ୍ୟ ପ୍ରତି ବ୍ୟାରେଲ୍ ୧୦୦ ଡଲାର ଅତିକ୍ରମ କରିଛି ଏବଂ ଏହା ଇନ୍ଧନ, ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ଦ୍ରବ୍ୟର ମୂଲ୍ୟକୁ ଊର୍ଦ୍ଧ୍ୱଗାମୀ କରୁଛି। ଯୁଦ୍ଧ କେବଳ ମାନବୀୟ କ୍ଷତି ନୁହେଁ, ଏହା ବିଶ୍ୱ ଅର୍ଥନୀତିକୁ ଧ୍ୱଂସ କରୁଛି। ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବାରୁ, ନିଷେଧାଜ୍ଞା ଲାଗୁ ହେଉଛି ଏବଂ ସରକାରୀ ଖର୍ଚ୍ଚ ବଢାଉଛି। ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ) କହିଛି ଯେ ଯଦି ତୈଳ ମୂଲ୍ୟ ୧୦ ପ୍ରତିଶତ ବଢ଼େ ଏବଂ ଏହା ପ୍ରାୟ ଏକ ବର୍ଷ ପାଇଁ ବଜାୟ ରହେ ତେବେ ବିଶ୍ୱ ମୂଲ୍ୟବୃଦ୍ଧି ୪୦ ଆଧାର ପଏଣ୍ଟ ବଢ଼ିପାରେ ଏବଂ ଆର୍ଥିକ ଉତ୍ପାଦନ ୦.୧ ରୁ ୦.୨ ପ୍ରତିଶତ କମିପାରେ। ଏହି ସଙ୍କଟ କେନ୍ଦ୍ରୀୟ ବ୍ୟାଙ୍କ ଗୁଡ଼ିକୁ ଚିନ୍ତାରେ ପକାଇଛି। ଯୁକ୍ତରାଷ୍ଟ୍ର ଫେଡ୍ ଏବଂ ଇଉରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ୍ ସୁଧ ହାର



କମାଇବା ପ୍ରକ୍ରିୟା ବିଳମ୍ବ କରୁଛନ୍ତି। ଏହାଦ୍ୱାରା ଆର୍ଥିକ ସ୍ଥିତିରେ ସ୍ଥିରତାର ଭୟ ବଢୁଛି ଏବଂ ଆର୍ଥିକ ମନ୍ଦାର ଆଶଙ୍କା ଦେଖାଦେଇଛି।

୨୦୨୨ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପରେ ଖାଦ୍ୟ ଶସ୍ୟ ଓ ଶକ୍ତି ସଙ୍କଟ ସୃଷ୍ଟି ହୋଇଥିଲା। ଏହା ବିଶ୍ୱବ୍ୟାପୀ ମୂଲ୍ୟବୃଦ୍ଧିରେ ସହଯୋଗ କରିଥିଲା ଏବଂ ଉନ୍ନତ ଦେଶଗୁଡ଼ିକରେ ମୂଲ୍ୟବୃଦ୍ଧି ମଲ୍ଟି-ଡିକେଡ୍ ଉଚ୍ଚତାରେ ପହଞ୍ଚିଥିଲା। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏହି ସଙ୍କଟକୁ ଆହୁରି ଗଭୀର କରୁଛି। ତୈଳ ଓ ଗ୍ୟାସ୍ ବଜାରର ଅସ୍ଥିରତା ଯୋଗୁଁ ପରିବହନ, କୃଷି ଓ ଶିଳ୍ପ କ୍ଷେତ୍ର ପ୍ରଭାବିତ ହେଉଛି। ବିଶ୍ୱ ବାଣିଜ୍ୟ ଶୃଙ୍ଖଳା ବିଘ୍ନିତ ହେବା ସହ ଉନ୍ନୟନଶୀଳ ଦେଶଗୁଡ଼ିକରେ ଖାଦ୍ୟ ସୁରକ୍ଷା ସଙ୍କଟ ଦେଖାଦେଇଛି।

ଭାରତ ପରି ଦେଶରେ ଏହି ପ୍ରଭାବ ଅତ୍ୟନ୍ତ ଗମ୍ଭୀର। ଭାରତରେ ତୈଳ ଆମଦାନୀ ଅନ୍ୟ ଦେଶ ଉପରେ ନିର୍ଭରତା ଯୋଗୁଁ ପେଟ୍ରୋଲ ଓ ଡିଜେଲ୍ ମୂଲ୍ୟ ବଢ଼ିବା ସହ ପରିବହନ ଖର୍ଚ୍ଚ ଉଠୁଛି। ଫଳରେ ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀର ମୂଲ୍ୟ ବଢୁଛି। ଓଡ଼ିଶାର କୃଷକ, ଶ୍ରମିକ ଓ ସାଧାରଣ ଜନତା ଏହାର ସିଧାସଳଖ ଶିକାର ହେଉଛନ୍ତି। ଦାରିଦ୍ର୍ୟତା ବଢୁଛି, ଜୀବନଯାପନ କଷ୍ଟକର ହେଉଛି ଏବଂ ସରକାରୀ ସହାୟତା ପ୍ରୟାସ ବାଧିତ ହେଉଛି। ଇତିହାସ ପ୍ରମାଣ କରେ ଯେ ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯେଉଁ ମୂଲ୍ୟବୃଦ୍ଧି ଓ ଆର୍ଥିକ ମନ୍ଦା ଦେଖାଯାଇଥିଲା ଏବେ ମଧ୍ୟ ସେହି ଘଟଣାର ପୁନରାବୃତ୍ତି ହେବାକୁ ଯାଉଛି।

ଯୁଦ୍ଧ କୌଣସି ସମାଧାନ ନୁହେଁ। ଏହା କେବଳ ଧ୍ୱଂସ ଆଣେ। କୂଟନୀତିକ ଆଲୋଚନା, ଶାନ୍ତି ସ୍ଥାପନା ଏବଂ ଆନ୍ତର୍ଜାତିକ ସହଯୋଗ ଆବଶ୍ୟକ। ନବୀକରଣୀୟ ଶକ୍ତି ଉତ୍ସ ଯଥା ସୌର ଓ ପବନ ଶକ୍ତିରେ ନିବେଶ କରି ତୈଳ ନିର୍ଭରତା କମାଇବା ଉଚିତ୍। ବିଶ୍ୱ ନେତାମାନେ ଯୁଦ୍ଧ ବନ୍ଦ କରି ଆର୍ଥିକ ସ୍ଥିରତାର ପଥ ବାଛନ୍ତୁ। ଯଦି ଏହି ସଙ୍କଟ ଜାରି ରହେ ତେବେ ବିଶ୍ୱ ଅର୍ଥନୀତି ଗମ୍ଭୀର ମନ୍ଦାର ଶିକାର ହେବ ଏବଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ପ୍ରଭାବିତ ହେବ।

ବର୍ତ୍ତମାନ ବି ସମୟ ଅଛି ଯୁଦ୍ଧ ବନ୍ଦ କରି ଶାନ୍ତିର ବାର୍ତ୍ତା ପ୍ରଚାର କରିବା ବଡ ବଡ ରାଷ୍ଟ୍ରମାନଙ୍କ ଦାୟିତ୍ୱ। ଏହା କେବଳ ଆର୍ଥିକ ସମୃଦ୍ଧି ନୁହେଁ, ମାନବୀୟ ମୂଲ୍ୟବୋଧର ପ୍ରଶ୍ନ ମଧ୍ୟ। ବିଶ୍ୱ ସମ୍ପ୍ରଦାୟ ଏକତ୍ରିତ ହୋଇ ଏହି ସଙ୍କଟରୁ ବିଶ୍ୱକୁ ଉଦ୍ଧାର କରନ୍ତୁ। କାରଣ କେବଳ ଶାନ୍ତିର ମାର୍ଗ ହିଁ ବିଶ୍ୱକୁ ସ୍ଥିର ଓ ସମୃଦ୍ଧ କରିପାରିବ।

ହଜାରେ ବର୍ଷର ସହର କଟକ, ଆଦର ପାଉନି ଫୁଟ୍‌ବଲ



ଗୋପୀନାଥ ଦାଶ

କଟକ ହେଉଛି ଓଡ଼ିଶାର କ୍ରୀଡ଼ାଜଗତର ପ୍ରାଣକେନ୍ଦ୍ର। ପୁଣି ହଜାର ବର୍ଷର ସହର ଭାବରେ ଏହାର ପରିଚିତି। ସହରର ଦୁଇ ପଟରେ ମହାନଦୀ ଓ କାଠଯୋଡ଼ି। ଏହି ସହରରେ ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟ ଠାରୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଛତ୍ରବଜାର ଠାରୁ ଓଡ଼ିଶା ହାଇକୋର୍ଟ କେତେ କ'ଣ ରାଜ୍ୟ ଓ ବିଶ୍ୱକୁ ସମୃଦ୍ଧ ଓ ଗୌରବମୟ କରୁଥିବା ଅନୁଷ୍ଠାନ ରହିଛି। ତେବେ ଆମେ ଏଠାରେ ଫୁଟବଲ ଖେଳ ସମ୍ପର୍କରେ କଟକ ସହରର ସମ୍ପର୍କକୁ ନେଇ ଆଲୋଚନାଟି ରଖୁଛୁ। ଏହି ସହରରେ ୧୯୫୦ ଦଶକରେ ବାରବାଟୀ ଷ୍ଟାଡିୟମ ସ୍ଥାପନ ହେବାପରେ ଓଡ଼ିଶାର କ୍ରୀଡ଼ା ମାନଚିତ୍ର ସମୃଦ୍ଧ ହୋଇଥିଲା। ଫୁଟବଲ ଖେଳରୁ ବାରବାଟୀ ଷ୍ଟାଡିୟମ ଜବ୍ଦ ଲାଭ କରି ଓଡ଼ିଶାର ପୁରଲ୍ଲୀରେ ଖେଳର ପ୍ରସାର ଲାଭ କରିଥିଲା। ସମ୍ପ୍ରତି ବାରବାଟୀ ଷ୍ଟାଡିୟମଟି ସମ୍ପୂର୍ଣ୍ଣ ଭାବରେ କ୍ରିକେଟ କବଜାରେ ରହିଛି। ଯାହାଫଳରେ ଏଠାରେ ଆଉ ଫୁଟବଲ ଖେଳ ଦେଖିବାକୁ ମିଳୁନାହିଁ। ସେହିଭଳି ଖେଳାଳୀମାନେ ମଧ୍ୟ ଦିଗହରା ହୋଇଗଲେଣି। ଫୁଟବଲ ଖେଳକୁ ଅଣଦେଖା କରାଯିବା ସହ ଏହି ଖେଳକୁ କାହିଁକି ହତାଦର କରାଯାଉଛି ଏହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

ବାରବାଟୀ ଷ୍ଟାଡିୟମ ସ୍ଥାପିତ ହେବା ପରେ ଓଡ଼ିଶାର ଫୁଟବଲ କ୍ଷେତ୍ରରେ ଏକ ନୂତନ ଯୁଗ ସୃଷ୍ଟି ହୋଇଥିଲା। ୧୯୬୭ ମସିହାରେ ଏହି ବାରବାଟୀରେ ସର୍ବପ୍ରଥମ ସନ୍ତୋଷ ଟ୍ରଫି ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାରେ ମହୀଶୂର ବଙ୍ଗଳାକୁ ୧-୦ ଗୋଲରେ ପରାସ୍ତ କରିଥିଲା। ପରେ ପରେ ୧୯୮୦, ୧୯୯୪ରେ ବାରବାଟୀ ଷ୍ଟାଡିୟମ ଠାରେ ସନ୍ତୋଷ ଟ୍ରଫି ଜାତୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିଭଳି ୧୯୬୧-୬୨ ମସିହାରେ କଳଙ୍ଗ କପ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ବ୍ୟତୀତ ଏହି ଷ୍ଟାଡିୟମରେ କେତେକ ଆନ୍ତର୍ଜାତିକ ସ୍ତରର ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭରପୁର ଦର୍ଶକ ଏହି ମ୍ୟାଚ ଗୁଡ଼ିକ ଉପଭୋଗ କରୁଥିଲେ। ସର୍ବଭାରତୀୟ ସ୍ତରରେ ବାରବାଟୀ ଷ୍ଟାଡିୟମର ସମ୍ମାନ ବେଶ ବୃଦ୍ଧି ପାଇଥିଲା।

୧୯୪୭ ମସିହା ଓ ୧୯୫୦ ମସିହାରେ ଓଡ଼ିଶା ସନ୍ତୋଷ ଟ୍ରଫି ପ୍ରତିଯୋଗିତାରେ ସେମିଫାଇନାଲ ସ୍ତରକୁ ଉନ୍ନୀତ ହୋଇଥିଲା। ପୁଣି ୧୯୫୨ ମସିହାରେ ଏବଂ ୧୯୭୬ ମସିହାରେ ସେମିଫାଇନାଲ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା ଦେଶର ଅନ୍ୟତମ ଅଗ୍ରଗାମୀ ଦଳ ରୂପେ ସ୍ୱୀକୃତ ହୋଇଥିଲା। ୧୯୭୬ ଏବଂ ୧୯୮୦ ମସିହାରେ କଟକ ଠାରେ ସନ୍ତୋଷ ଟ୍ରଫିଜାତୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବା ରାଜ୍ୟ କ୍ରୀଡ଼ା ଇତିହାସରେ ଏକ ଉଲ୍ଲେଖଯୋଗ୍ୟ ଘଟଣା। ପରବର୍ତ୍ତୀ କାଳରେ କେବଳ କଟକ ନୁହେଁ, ସମ୍ବଲପୁର, ବାରିପଦା, ବ୍ରହ୍ମପୁର, ବାଲେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ ଭଳି ପ୍ରତିବର୍ଷ ବହୁ ଫୁଟବଲ ପ୍ରତିଯୋଗିତା ମାଧ୍ୟମରେ କ୍ରୀଡ଼ାର ପ୍ରସାର ହେଲା। ୧୯୬୧ ମସିହାରେ ଓଡ଼ିଶା ଫୁଟବଲ ଆସୋସିଏସନ ଗଠନ ଏବଂ ଅନ୍ୟାନ୍ୟ ଜିଲ୍ଲା ଆଥଲେଟିକ ଆସୋସିଏସନ ଗୁଡ଼ିକୁ ସଂଗଠିତ କରାଯିବା ଫଳରେ ଓଡ଼ିଶାରେ ଫୁଟବଲ ଖେଳର ବିକାଶ ସମ୍ଭବ ହୋଇଥିଲା। ବହୁ ଜାତୀୟ ଓ ଆନ୍ତର୍ଜାତୀୟ ଫୁଟବଲ ଦଳ ଓଡ଼ିଶାର ବିଭିନ୍ନ ପ୍ରତିଯୋଗିତାରେ ଯୋଗ ଦେବା ପାଇଁ ଆକୃଷ୍ଟ ହୋଇଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ଖେଳ ଲାଗି ପ୍ରକୃଷ୍ଟ କ୍ଷେତ୍ର ବାରବାଟୀ ଷ୍ଟାଡିୟମ ଏହି ଦିଗରେ ବହୁ ଭାବରେ ସହାୟକ ହୋଇପାରିଛି। ଓଡ଼ିଶା ଅଲିମ୍ପିକ ଆସୋସିଏସନ ଗଠିତ ହେବା ପରେ ରାଜ୍ୟରେ ସବୁ ପ୍ରକାର ଖେଳକୁଦ ସମ୍ପୃକ୍ତ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷାକାରୀ ରୂପେ କାର୍ଯ୍ୟକରିବା ଓଡ଼ିଶାର ଖେଳାଳି ଓ ବହୁ କ୍ରୀଡ଼ା ସଂସ୍ଥା ବହୁ ଭାବରେ ପ୍ରଭାବିତ ହୋଇଥିଲେ। ମାତ୍ର ଏବେ କ୍ରିକେଟ ଯୋଗୁଁ ଫୁଟବଲ ଠାରୁ ଆରମ୍ଭ କରି ଅନ୍ୟାନ୍ୟ କ୍ରୀଡ଼ା ଶୃଙ୍ଖଳାକୁ ଅଣଦେଖା ଓ ହତାଦର କରାଯାଉଛି ବୋଲି ଖେଳାଳି ଓ କ୍ରୀଡ଼ା ସଂସ୍ଥା ଗୁଡ଼ିକ ଅଭିଯୋଗ କରୁଛନ୍ତି। ବାରବାଟୀ ଷ୍ଟାଡିୟମକୁ କ୍ରିକେଟ ହାତରେ ଟେକି ଦେବା ଫଳରେ ଷ୍ଟାଡିୟମର ମାଲିକାନାରେ ଥିବା ଓଡ଼ିଶା ଅଲିମ୍ପିକ ଆସୋସିଏସନ ସମ୍ପୂର୍ଣ୍ଣ ନିରୁପାୟ। ଫୁଟବଲ ଖେଳ ଏକ ଆନନ୍ଦଦାୟକ ଖେଳ। ଏହି ଖେଳରେ ଭାଗ ନେଲେ ଯେତିକି ଆନନ୍ଦ ମିଳେ ଫୁଟବଲ ଖେଳର ଦର୍ଶକ ଭାବେ ମଧ୍ୟ ସେତିକି ଆନନ୍ଦ ମିଳିଥାଏ। ତେଣୁ ଫୁଟବଲ ଖେଳକୁ ଅଣଦେଖା ଓ ହତାଦର କରି କ୍ରିକେଟ ଆଡ଼କୁ ମୁହାଇବା ଯୋଗୁଁ ଓଡ଼ିଶାରେ ଫୁଟବଲ ଖେଳ ଦିନକୁ ଦିନ ହଜିଯିବାକୁ ବସିଛି। କ୍ରୀଡ଼ାନୁଷ୍ଠାନ ଗୁଡ଼ିକୁ ରାଜ୍ୟ ସରକାରଙ୍କର ଅନୁଦାନ କ୍ରୀଡ଼ାର ବିକାଶ କରାଇବା ପାଇଁ ଉଦ୍ଦିଷ୍ଟ। କିନ୍ତୁ ବିକାଶ ସାଧନର ଗତି ଶିଥିଳ ଓ ସମନ୍ୱୟବିହୀନ ବୋଲି ସ୍ୱୀକାର କରିବାକୁ ହେବ। ସବୁ ଯେପରି ପ୍ରଚାର ଆଭିମୁଖ୍ୟ ଓ ଭାଷଣସର୍ବସ୍ୱ ହୋଇପଡ଼ିଛି।

କ୍ରୀଡ଼ାନୁଷ୍ଠାନ ଗୁଡ଼ିକରେ ରାଜନୈତିକ ପ୍ରଭାବ କ୍ଷମତା ପାଇଁ ପ୍ରତିଦ୍ୱନ୍ଦ୍ୱିତା ଆବଶ୍ୟକ ହେଲେ କ୍ରୀଡ଼ା ପ୍ରଗତି ପଥରୋଧ କରି ନିଜ ନିଜ ସ୍ୱାର୍ଥ ହାସଲ ପ୍ରଚେଷ୍ଟା କ୍ରୀଡ଼ା କ୍ଷେତ୍ରରେ ବାଳକ, ବାଳିକା, ଯୁବକ ଓ ଯୁବତୀ ମାନଙ୍କୁ ଯେପରି ପ୍ରଭାବିତ କରିଚାଲିଛି ତାହା କ୍ରୀଡ଼ା ମାନଚିତ୍ରକୁ ବିକୃତ କରିବାର ଆଶଙ୍କା ଅଧିକ। ଯେଉଁ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ ଯାହାକି ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ଫୁଟବଲ ଖେଳ ପାଇଁ ପ୍ରସିଦ୍ଧି ଲାଭ କରିଥିଲା ଓ ଲୋକପ୍ରିୟତା ହାସଲ କରିପାରିଥିଲା ତାହା କ୍ରିକେଟ ଯୋଗୁଁ ହଜିଯାଇଛି। ତେଣୁ ବାରବାଟୀ ଷ୍ଟାଡିୟମ କ୍ରିକେଟ କବଜାରୁ କେବେ ମୁକ୍ତି ପାଇବ ତାହା ସାଧାରଣରେ ପ୍ରଶ୍ନ ହୋଇଉଠିଛି।

କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋବାଇଲ୍:୮୮୯୫୨୯୬୨୬

ଏକତା ହିଁ ସମୟର ଆହ୍ୱାନ



ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ସଂସଦରେ ୪ ଟି ଶ୍ରମ ଆଇନ ଗୃହୀତ ହେବା ପରେ ସାରା ଦେଶରେ ଶ୍ରମିକମାନଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ବୃଦ୍ଧି ପାଇଛି। ଫେବୃଆରୀ ୧୨ ତାରିଖରେ ବିଭିନ୍ନ ଶ୍ରମିକ ସଂଗଠନର ଡାକରାରେ, ସଂଗଠିତ ଏବଂ ଅଣ-ସଂଗଠିତ କ୍ଷେତ୍ରର ଶ୍ରମିକମାନେ, ଅଖିଳ ଭାରତୀୟ କୃଷକ ମୋର୍ଚ୍ଚା, ମନରେଗା ଏବଂ କୃଷି କ୍ଷେତ୍ରର ଗ୍ରାମୀଣ ଶ୍ରମିକମାନଙ୍କ ସହିତ, ଏକ ବ୍ୟାପକ ମୋର୍ଚ୍ଚା ଗଠନ କରି ଦାସତ୍ୱ ଆଇନ ବିରୁଦ୍ଧରେ ସାରା ଦେଶରେ ରାସ୍ତାକୁ ଓହ୍ଲାଇଥିଲେ। ସଂସଦ ଭିତରେ ବିରୋଧୀ ଦଳଗୁଡ଼ିକ ମିଳିତ ଭାବେ ପ୍ରତିବାଦ କରିଥିଲେ ଏବଂ ସେମାନଙ୍କ ସହିତ ଛିଡ଼ା ହୋଇଥିଲେ। ୧୮୬୦ ମସିହାରେ ଶ୍ରମିକମାନେ ବହୁ ସଂଘର୍ଷ ମାଧ୍ୟମରେ ହାସଲ କରିଥିବା ମୌଳିକ ଅଧିକାର ଯେଉଁଥିରେ ଉଦ୍ଦିଷ୍ଟ ଥିଲା ଆଠ ଘଣ୍ଟାର କାମ, ଏକ ସମ୍ମାନଜନକ ସର୍ବନିମ୍ନ ମଜୁରୀ, ଚାକିରିର ସୁରକ୍ଷା, ଏବଂ ସେମାନଙ୍କର ଦାବି କରିବା ପାଇଁ ଧର୍ମଘଟ କରିବାର ଅଧିକାରକୁ ଏହି ୪ଟି ଶ୍ରମ ଆଇନ ସବୁ ଶେଷ କରି ସେମାନଙ୍କୁ ମାଲିକମାନଙ୍କର ଗୋଲମ କରିଦେବ।

ଏଥି ସହିତ, ଗ୍ରାମାଞ୍ଚଳରେ ରୋଜଗାରର ଏକ ସାମ୍ବିଧାନିକ ସର୍ବନିମ୍ନ ଗ୍ୟାରେଣ୍ଟି ଦେଉଥିବା ମନରେଗା ଆଇନକୁ ଭିବି-ରାମଜୀ ଆଇନ ଦ୍ୱାରା ବଦଳାଯାଇଛି, ଯାହା ଗ୍ରାମାଞ୍ଚଳ ଶ୍ରମିକମାନଙ୍କୁ ସରକାରଙ୍କ ଇଚ୍ଛା ଉପରେ ନିର୍ଭରଶୀଳ କରିବ। ଏହା ଗ୍ରାମାଞ୍ଚଳର ଗରିବ, ମହିଳା, ବଞ୍ଚିତ ବର୍ଗ, ସମ୍ପ୍ରଦାୟଗୁଡ଼ିକ ଏବଂ ଯେଉଁମାନେ ପୂର୍ବରୁ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିଲେ, ସେମାନଙ୍କୁ ଅଧିକ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲିଦେବ। ଭାରତର ଯେଉଁ ସବୁ ଅଞ୍ଚଳରେ ପୂର୍ବରୁ ଆର୍ଥିକ ଅସମାନତା ଅତ୍ୟଧିକ ରହିଥିଲା, ଏହି ନୂତନ ଆଇନ ଯୋଗୁଁ ଏହି ବର୍ଗର ଲୋକମାନଙ୍କ ପାଇଁ ଅଧିକ କ୍ଷୁଧା, ଅବସାଦ ଏବଂ ଗୁଲାମିର ଜୀବନ ଜିଇଁବାକୁ ବାଧ୍ୟ କରିବ। ଏହାର ଅର୍ଥ ହେବ ଯେ, ନା ସେମାନଙ୍କୁ ନିଜ ଶ୍ରମ ପାଇଁ ଉଚିତ ମଜୁରୀ ମିଳିବ ଏବଂ ନା ସେମାନେ ସମାଜରେ ଆତ୍ମସମ୍ମାନ ସହ ଜଣେ ନାଗରିକ ଭାବେ ନିଜକୁ ଦେଖିପାରିବେ; ବରଂ ଓଲଟା ସେମାନଙ୍କୁ ସରକାର ଏବଂ ଗ୍ରାମୀଣ ସଭା ସଂରଚନାର ଦୟାର ପାତ୍ର ହୋଇ ବଞ୍ଚିବାକୁ ପଡ଼ିବ। ଏହା ଯେକୌଣସି ଗଣତାନ୍ତ୍ରିକ ସମାଜ ଗଠନ ପାଇଁ ଏକ ବଡ଼ ସଙ୍କଟ ସୃଷ୍ଟି କରିବ।

'ବିଶ୍ୱ ସ୍ତରରେ ଆମେରିକା ଯେଉଁଭଳି ଭାବେ ଆକ୍ରମଣ କରୁଛି, ତାହାର ତାପ ଆମ ଦେଶ ଉପରେ ମଧ୍ୟ ପଡୁଛି। ପ୍ରଥମେ ଆମେରିକା ନିଜ ସର୍ତ୍ତ ନ ମାନିବାରୁ ମନଇଚ୍ଛା ୫୦ ପ୍ରତିଶତ ଟାରିଫ୍ ଲଗାଇଲା ଏବଂ ଏବେ ତା'ର ତାପରେ ଏକ ଅସମାନ ଟ୍ରେଡ୍ ଡିଲ୍ (ବାଣିଜ୍ୟ ଚୁକ୍ତି) ହୋଇଯାଇଛି। ଦେଶର ଲୋକଙ୍କୁ କିମ୍ବା ସଂସଦକୁ ସଠିକ୍ ଭାବେ ଜଣାନାହିଁ ଯେ ଏହି ଡିଲ୍ରେ କ'ଣ କ'ଣ ହୋଇଛି, କିନ୍ତୁ ଯେଉଁ କଥାଟି ସ୍ପଷ୍ଟ ତାହା ହେଉଛି ଆମେରିକାକୁ ଆମ ରପ୍ତାନି ଉପରେ ଯେଉଁ ୩ ପ୍ରତିଶତ ଟ୍ୟାକ୍ସ ଥିଲା, ତାହାକୁ ୧୮ ପ୍ରତିଶତ କରିଦିଆଯାଇଛି ଏବଂ ଆମେରିକା ଆମକୁ ଯାହା ବିକିବ ସେଥିପାଇଁ ଆମେ କୌଣସି ଟ୍ୟାକ୍ସ ନେବୁ ନାହିଁ। ଏହାର ଅର୍ଥ ହେଉଛି ଆମ ରପ୍ତାନିର ଖର୍ଚ୍ଚ ଅଧିକ ହେବ ଏବଂ ସେମାନଙ୍କ ସାମଗ୍ରୀ ବିନା ଟ୍ୟାକ୍ସରେ ଭାରତକୁ ଆସିବ।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆଜି ପର୍ଯ୍ୟନ୍ତ ଭାରତ ନିଜର କୃଷି କ୍ଷେତ୍ରକୁ ଯେକୌଣସି ଚୁକ୍ତିରୁ ବାହାରେ ରଖିଥିଲା, କିନ୍ତୁ ଏହି ଚୁକ୍ତିରେ ତାହାକୁ ଖୋଲି ଦିଆଯାଇଛି। ଆମେରିକା ଏବଂ ଅନ୍ୟ ବିକଶିତ ଦେଶମାନେ ନିଜ ଚାଷୀଙ୍କୁ ଲକ୍ଷ ଲକ୍ଷ ଡଲାରର ସବସିଡି ଦେଉଥିବା ସମୟରେ, ଆମ ଦେଶରେ ଚାଷୀଙ୍କ ସବସିଡି (ଯାହା ଆଗରୁ ହଜାରରେ ଥିଲା) ସେଥିରେ କ୍ରମାଗତ ଭାବେ କମ କରାଯାଉଛି। ସାର ଏବଂ ବିହନ ଦରରେ କ୍ରମାଗତ ବୃଦ୍ଧି କୃଷିକୁ ଏକ କ୍ଷତିର ବ୍ୟବସାୟରେ ପରିଣତ କରିଦେଇଛି। ଏଭଳି ସ୍ଥିତିରେ ଆମେରିକାରୁ ଆସୁଥିବା ଶସ୍ତା ଆମଦାନୀ ସହ ଆମ ଚାଷୀ ବଜାରରେ ମୁକାବିଲା କରିପାରିବେ ନାହିଁ ଏବଂ ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭର କରୁଥିବା ଲୋକମାନେ ଏକ ବଡ଼ ଆର୍ଥିକ ସଙ୍କଟ ଭୋଗିବେ।

'ଆମେରିକୀୟ ସର୍ତ୍ତରେ ଏହି ଚୁକ୍ତି ଆମ ସାର୍ବଭୌମ ରାଷ୍ଟ୍ରର ଅବଧାରଣା ଉପରେ ଏକ ଆକ୍ରମଣ, କିନ୍ତୁ ସରକାର କ୍ରମାଗତ ଭାବେ ଉତ୍ତରଦାୟିତ୍ୱରୁ ଖସିଯାଉଛନ୍ତି। ସଂସଦ ଭିତରେ ମଧ୍ୟ ପ୍ରଧାନମନ୍ତ୍ରୀ ବିରୋଧୀଙ୍କ ପ୍ରଶ୍ନର ଉତ୍ତର ଦେଉ ନାହାଁନ୍ତି ଓ ଗୃହ ତ୍ୟାଗ କରି ଚାଲିଯାଉଛନ୍ତି। ପ୍ରକୃତରେ ଆମେରିକା ସହ ଟ୍ରେଡ୍ ଡିଲ୍ ହେଉ କିମ୍ବା ସେନାଧ୍ୟକ୍ଷ ନରୱଣେଜାଙ୍କ ବହିର ବିବାଦ ହେଉ, ସେଥିରେ ଉତ୍ତର ଦେଲେ ତାଙ୍କର ଯେଉଁ 'ଅବତାର' ଭାବମୂର୍ତ୍ତି ଗଢ଼ାଯାଇଛି ତାହାକୁ ଆଘାତ ଲାଗିବ, ସେଥିପାଇଁ ସେ ବିରୋଧୀ ସାଂସଦମାନଙ୍କ ପ୍ରଶ୍ନର ଉତ୍ତର ଦେଉ ନାହାଁନ୍ତି। ଦେଶର ଜନତା ଯେଉଁମାନେ ଏହି ନୀତି ଦ୍ୱାରା ପ୍ରଭାବିତ ହେବେ ଏବଂ ଯାହାଙ୍କ ଜୀବନ ସଙ୍କଟରେ ପଡ଼ିବ, ସେମାନଙ୍କ ପାଇଁ ଏକ ଯୋଜନାବଦ୍ଧ ନୀରବତା ଅବଲମ୍ବନ କରାଯାଉଛି। ଅନ୍ୟପଟେ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ଲୁଟ୍ କରିବା ପାଇଁ ସମସ୍ତ ସୁବିଧା କରି ଦିଆଯାଇଛି ଏବଂ ସେମାନଙ୍କ ସମର୍ଥନରେ ବୁଲଡୋଜର ଠାରୁ ଆରମ୍ଭ କରି ପୋଲିସ ଦମନର ସବୁ ଦ୍ୱାର ଖୋଲି ଦିଆଯାଇଛି।'

'ଉତ୍ତର ପ୍ରଦେଶ, ବିହାର, ଦିଲ୍ଲୀ ହେଉ କିମ୍ବା ଛତିଶଗଡ଼ରୁ ନେଇ ଉତ

ଆମେରିକାକୁ ଛାନିଆ କଲା ଇରାନ

ସାମରିକ ଘାଟିକୁ ମିସାଇଲ ମାଡ଼



ନୂଆଦିଲ୍ଲୀ, ୨୧।୩ଃ ଭୟଙ୍କର ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ। ଇସ୍ରାଏଲ-ଆମେରିକାର ମିଳିତ ଆକ୍ରମଣ। ପାଲଟା ଜବାବ ଦେଉଛି ଇରାନ। ଦିନକ ପୂର୍ବରୁ ନେତାନ୍ୟାହୁ କହିଥିଲେ- ଲକ୍ଷ୍ୟ ଶୀଘ୍ର ପୂରଣ ହେବ। ଆମେ ଜିତିବୁ। ଟ୍ରମ୍ପ କହିଛନ୍ତି- ଆମେ ବିଜୟର ନିକଟତର, ବନ୍ଦ ହେବ ଇରାନ ମିଶନ। କିନ୍ତୁ ବାସ୍ତବିକ ରେଜଲ୍ଟ କହୁଛି ଆଉ କିଛି। ଇରାନ ଯେଭଳି ଆକ୍ରମଣ କରିଛି, ତାହା ସବୁଠୁ ଆଶ୍ଚର୍ଯ୍ୟର ବିଷୟ। ଇରାନ ମଧ୍ୟ ଏହାର ଆକ୍ରମଣ ଦ୍ୱାରା ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଆଶ୍ଚର୍ଯ୍ୟ କରିବାରେ ସଫଳ ହୋଇଛି।

ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଦାବି କରିଛି ଯେ ଇରାନ ଡିଏଗୋ ଗାର୍ସିଆରେ ଦୁଇଟି ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଏହା ଇରାନଠାରୁ ପ୍ରାୟ ୪ ହଜାର କିଲୋମିଟର ଦୂରରେ ଅବସ୍ଥିତ ଏବଂ ଏହାର କ୍ଷେପଣାସ୍ତ୍ର କ୍ଷମତାଠାରୁ ବହୁ ଦୂରରେ ଏହାକୁ ଟାର୍ଗେଟ କରାଯାଇଛି। ଡିଏଗୋ ଗାର୍ସିଆ ଭାରତ ମହାସାଗରରେ ଏକ ମିଳିତ ଆମେରିକା-ୟୁକେ ସାମରିକ ଘାଟି ଅଟେ। ଇରାନ ସେଠାରେ ଦୁଇଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ଯଦିଓ କ୍ଷେପଣାସ୍ତ୍ର ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇନାହିଁ।କିନ୍ତୁ ଏହି ଆକ୍ରମଣକୁ ମଧ୍ୟପ୍ରାଚ୍ୟ ବାହାରେ ନିଜର ପ୍ରଭାବ ବିସ୍ତାର କରିବା ଏବଂ ଆମେରିକୀୟ ସ୍ୱାର୍ଥକୁ ବିପଦରେ ପକାଇବା ପାଇଁ ଇରାନ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ।

ଦୁଇଟି ସୂତ୍ର ଅନୁଯାୟୀ, ଗୋଟିଏ କ୍ଷେପଣାସ୍ତ୍ର ଉଡ଼ାଣ ସମୟରେ ଏକ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି କରିଥିଲା। ଅନ୍ୟ କ୍ଷେପଣାସ୍ତ୍ରକୁ ଅଟକାଇବା ପାଇଁ ଏକ ଏସଏମ-3 ଇଣ୍ଟରସେପ୍ଟ କରିଥିଲା। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁସାରେ କ୍ଷେପଣାସ୍ତ୍ରଟି ଅଟକାଯାଇଥିଲା କି ନାହିଁ ତାହା ସ୍ପଷ୍ଟ ଭାବରେ ନିର୍ଣ୍ଣୟ କରିବା ଅସମ୍ଭବ। ଡିଏଗୋ ଗାର୍ସିଆ ଇରାନରୁ ପ୍ରାୟ ଚାରି ହଜାର କିଲୋମିଟର ଦୂରରେ ଅବସ୍ଥିତ। ଆମେରିକା ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ସାମରିକ ଘାଟିକୁ ଟାର୍ଗେଟ କରିବା ପାଇଁ ଇରାନର ପଦକ୍ଷେପ ସୂଚାଇ ଦିଏ ଯେ ଏହାର କ୍ଷେପଣାସ୍ତ୍ରଗୁଡ଼ିକର ଦୂରତା ତେହେରାନ ପୂର୍ବରୁ ସ୍ୱୀକାର କରିଥିବା ଅପେକ୍ଷା ବହୁତ ଅଧିକ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଗତ ମାସରେ ଦାବି କରିଥିଲେ ଯେ ଇରାନ ଜାଣିଶୁଣି ଏହାର କ୍ଷେପଣାସ୍ତ୍ରର ପରିସରକୁ ୨ ହଜାର କିଲୋମିଟର ପର୍ଯ୍ୟନ୍ତ ସୀମିତ ରଖିଛି।

ଡିଏଗୋ ଗାର୍ସିଆ ଭାରତ ମହାସାଗରରେ ଏକ ଛୋଟ, ଦୂରବର୍ତ୍ତୀ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଦ୍ୱୀପ। ଏହା ସ୍ଫଟିକ ନୀଳ ଜଳ ଦ୍ୱାରା ଘେରି ରହିଛି। ତଥାପି, ଏହା ଏକ ପର୍ଯ୍ୟଟନ ସ୍ଥଳ ନୁହେଁ ଏବଂ ସାଧାରଣ ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ଭାବରେ ନିଷେଧ। ଏହା ଏକ ଅତ୍ୟନ୍ତ ଗୁପ୍ତ ଆମେରିକା ଏବଂ ୟୁକେ ସାମରିକ ଘାଟି, ଯାହା ଦଶନ୍ଧି ଧରି ଗୁଜବ ଏବଂ ରହସ୍ୟରେ ଘୋଡ଼ାଇ ହୋଇ ରହିଛି। ଏହି ଘାଟି ଉଭୟ ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ସ୍ଥାନ, ଯାହା ସମଗ୍ର ଅଞ୍ଚଳରେ ସେମାନଙ୍କର ସାମରିକ ଅଭିଯାନ ଏବଂ ଲଜିଷ୍ଟିକ୍ସକୁ ସମର୍ଥନ କରେ। ତଥାପି, ସାମରିକ ଉପସ୍ଥିତି ଏବଂ ଏହି ଅଞ୍ଚଳର ସ୍ଥାନୀୟ ସମ୍ପ୍ରଦାୟ ଉପରେ ଏହାର ପ୍ରଭାବ ପ୍ରାୟତଃ ବିବାଦ ଏବଂ ବିତର୍କର ବିଷୟ।

ଇରାନ ରାଷ୍ଟ୍ରପତିଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ



ଇଦ୍ ଏବଂ ନୌରଜର ଶୁଭକାମନା ଜଣାଇଲେ

କ୍ଷେତ୍ରୀୟ ସ୍ଥିରତା ଓ ସାମୁଦ୍ରିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ

ନୂଆଦିଲ୍ଲୀ, ୨୧।୩ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇରାନ୍ ରାଷ୍ଟ୍ରପତି ଡକ୍ଟର ମସୁଦ ପେଜେକସିୟାନଙ୍କ ସହ କଥା ହୋଇଛନ୍ତି। ଉଭୟଙ୍କ ମଧ୍ୟରେ କ୍ଷେତ୍ରୀୟ ଘଟଣାକ୍ରମ ଏବଂ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ନେଇ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ଇଦ୍ ଏବଂ ନୌରୋଜର ପବିତ୍ର ଅବସରରେ ରାଷ୍ଟ୍ରପତି ଡକ୍ଟର ମସୁଦ ପେଜେଶକିୟନଙ୍କୁ ତାଙ୍କର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ। ଏହି ପାର୍ବଣ ଋତୁ ପଶ୍ଚିମ ଏସୀୟ କ୍ଷେତ୍ର ପାଇଁ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧିର ଏକ ସମୟ ଆଣିବ ବୋଲି ଆଲୋଚନା ସମୟରେ ଉଭୟ ନେତା ମିଳିତ ଭାବେ ଆଶା ପ୍ରକାଶ କରିଥିଲେ।

ମୋଦୀ ଏହି ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣକୁ ନିନ୍ଦା କରି କହିଛନ୍ତି ଯେ ଏପରି କାର୍ଯ୍ୟ ଆଞ୍ଚଳିକ ସ୍ଥିରତାକୁ ବିପଦରେ ପକାଇଛି। ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ବିପର୍ଯ୍ୟସ୍ତ କରୁଛି। ପ୍ରଧାନମନ୍ତ୍ରୀ ଜାହାଜ ଚଳାଚଳ ସ୍ୱାଧୀନତାକୁ ସୁରକ୍ଷା ଦେବା ଏବଂ ଅନ୍ତର୍ଜାତୀୟ ଜାହାଜ ଚଳାଚଳ ମାର୍ଗଗୁଡ଼ିକୁ ଖୋଲା ଓ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ଦେଶରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷା ଏବଂ ନିରାପତ୍ତା ସୁନିଶ୍ଚିତ କରିବାରେ ଇରାନର ନିରନ୍ତର ସମର୍ଥନ ପାଇଁ ତାଙ୍କର ଆନ୍ତରିକ କୃତଜ୍ଞତା ପ୍ରକାଶ କରିଥିଲେ।

ଇରାନ ସୁପ୍ରିମ ଲିଡରଙ୍କ ହୁଙ୍କାର, କହିଲେ ହାରୁଛନ୍ତି ଶତ୍ରୁ



ତେହେରାନ, ୨୧।୩ଃ ଇରାନ ସୁପ୍ରିମ ଲିଡର ଅୟାତୋଲା ମୁଜତବା ଖାମେନି ଆମେରିକା ଓ ଇସ୍ରାଏଲ ଦ୍ୱାରା ଆରମ୍ଭ କରାଯାଇଥିବା ଯୁଦ୍ଧର ୩ ସପ୍ତାହ ପରେ ଶୁକ୍ରବାର ଆଉ ଏକ ଲିଖିତ ବୟାନ ଜାରି କରିଛନ୍ତି। ଏଥିରେ ସେ ଇରାନ ଲୋକଙ୍କ ଦୃଢତାକୁ ଉଚ୍ଚ ପ୍ରଶଂସା କରିଥିବା ବେଳେ ଏହି ଯୁଦ୍ଧରେ ଆମର ଶତ୍ରୁ ପରାଜିତ ହେଉଥିବା ଦାବି କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଓ ଇସ୍ରାଏଲ ଭ୍ରମରେ ପଡି ଶୀର୍ଷ ନେତାଙ୍କୁ ହତ୍ୟା କରି ଦେଶର ସରକାର ଭାଙ୍ଗିବାକୁ ଯୋଜନା କରିଥିଲେ। ହେଲେ ତାହା ପଣ୍ଡ ହୋଇଛି।

ପାରସ୍ୟ ନବବର୍ଷ 'ନବରୋଜ' ଅବସରରେ ଜାରି କରାଯାଇଥିବା ତାଙ୍କର ଏହି ପତ୍ରକୁ ଇରାନ ଟେଲିଭିଜନରେ ପାଠ କରାଯାଇଛି। ଖେମେନି ଇରାନ ଜନତାଙ୍କ ପ୍ରଶଂସା କରି କହିଛନ୍ତି ଯେ ସେମାନେ ସାରା ଦେଶର ସହର, ମହଲା ଓ ମସଜିଦମାନଙ୍କରେ ମଜଭୁତ ପ୍ରତିରକ୍ଷା ବ୍ୟବସ୍ଥା ସୃଷ୍ଟି କରିଛନ୍ତି। ଫଳରେ ଶତ୍ରୁ ଭ୍ରମିତ ହୋଇ ତର୍କହୀନ ଓ ଅସଙ୍ଗତ ବୟାନବାଜି ଆରମ୍ଭ କରିଛନ୍ତି। ଖାମେନି ତାଙ୍କ ପିତା ଅୟାତୋଲା ଅଲୀ ଖେମେନିଙ୍କ ମୃତ୍ୟୁ ପରେ ଶାସନ ସମ୍ଭାଳିବା ପରଠାରୁ ଆଉ କେବେ ସାର୍ବଜନିକ ଭାବେ ଦେଖା ଯାଇ ନାହାନ୍ତି। ଯୁଦ୍ଧର ପ୍ରଥମ ଦିନରେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଥିଲା।

ଇସ୍ରାଏଲ ଓ ଆମେରିକୀୟ ଅଧିକାରୀମାନେ ମୁଜତବା ଆହତ ହୋଇଥିବା ଦାବି କରିଥିଲେ। ତେବେ ମୁଜତବା ତାଙ୍କ ଲିଖିତ ପତ୍ରରେ ଇରାନ ଗଣରାଜ୍ୟର ଶତ୍ରୁ ଇସ୍ରାଏଲ ଓ ଆମେରିକା ଜାରି ଯୁଦ୍ଧରେ ପରାଜୟର ସମ୍ମୁଖୀନ ହୋଇଥିବା କହିଛନ୍ତି। ଖାମେନି କହିଛନ୍ତି ଯେ ଆମ ଦେଶବାସୀଙ୍କ ମଧ୍ୟରେ ବିଶେଷ ଏକତା କାରଣରୁ ଧାର୍ମିକ, ବୌଦ୍ଧିକ, ସାଂସ୍କୃତିକ ଓ ରାଜନୈତିକ ପୃଷ୍ଠଭୂମିରେ ମତପାର୍ଥକ୍ୟ ସତ୍ତ୍ୱେ ଶତ୍ରୁକୁ ପରାଜୟର ସମ୍ମୁଖୀନ ହେବାକୁ ପଡୁଛି। ଏଥି ମଧ୍ୟରେ ଇରାନ ସାରା ବିଶ୍ୱର ମନୋରଞ୍ଜନ ଓ ପର୍ଯ୍ୟଟନ ସ୍ଥଳଙ୍କୁ ଟାର୍ଗେଟ୍ କରିବ ବୋଲି ଧମକ ଦେଇଛି ଓ କହିଛି ଏଥିପାଇଁ ସେ ମିଜାଇଲ ତିଆରି କରୁଛି।

ବାରାଣାସୀରେ କଲେଜରେ ଛାତ୍ରଙ୍କୁ ହତ୍ୟା ଘଟଣା

ଅଭିଯୁକ୍ତର ଏନ୍‌କାଉଣ୍ଟର ପରେ ଶବଦାହ ହେବ: ବାପା

ଲକ୍ଷ୍ନୌ, ୨୧।୩ଃ ଉତ୍ତରପ୍ରଦେଶ ବାରାଣାସୀର ଉଦୟ ପ୍ରତାପ କଲେଜରେ ଛାତ୍ରଙ୍କୁ ଗୁଳି କରି ହତ୍ୟା ମାମଲାର ନୂଆ ଟ୍ୱିଷ୍ଟ ଆସିଛି। ଛାତ୍ରଙ୍କ ମୃତଦେହ ନେବାକୁ ରୋକଠୋକ ମନା କରିଦେଇଛନ୍ତି ମୃତକ ବାପା। ଏହାସହିତ ଅଭିଯୁକ୍ତଙ୍କୁ ପୋଲିସ ଏନକାଉଣ୍ଟର କରିବାକୁ ସୂର୍ଯ୍ୟପ୍ରତାପ ଦେବଙ୍କ ବାପା ଦାବି ରଖିଛନ୍ତି।

ମୃତକ ସୂର୍ଯ୍ୟ ପ୍ରତାପ ସିଂଙ୍କ ଘର ଉତ୍ତରପ୍ରଦେଶର ଗାଜିପୁର ଅଞ୍ଚଳରେ। ସେ ବାରାଣାସୀ ୟୁନିଭର୍ସିଟିରେ ବିଏସ୍‌ସି ବିଭାଗର ଛାତ୍ର ଥିଲେ। ସାମାନ୍ୟ କଥାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ହୋଇଥିଲା। ଏହି ବିବାଦ ଲାଗି ସୂର୍ଯ୍ୟପ୍ରତାପଙ୍କୁ ଦିନ ଦ୍ୱିପହରେ ଗୁଳି କରିଥିଲେ। ଏହାପରେ ତୁରନ୍ତ ସୂର୍ଯ୍ୟପ୍ରତାପଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲକୁ ଚିକିତ୍ସା ନିମନ୍ତେ ନେଉଥିଲେ। ହେଲେ ଅଧାରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେପଟେ ଏହି ଘଟଣା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରେ ବନ୍ଧୁକ ଏବଂ ବାଇକ୍ ଛାଡ଼ି ଫେରାର ମାରିଥିଲେ। ପୁଲିସ ଘଟଣାର ତଦନ୍ତ ପାଇଁ ଆରମ୍ଭ କରିଥିଲା ପ୍ରକ୍ରିୟା। ହତ୍ୟାକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଧରିବା ପାଇଁ ୬ଟି ଗଠନ କରାଯାଇଥିଲା। ହେଲେ ଏସବୁ ଭିତରେ ଛାତ୍ରଙ୍କ ବାପା ଦେଇଛନ୍ତି ବିସ୍ଫୋରକ ବୟାନ। ସେ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟରେ ହତ୍ୟା କରାଯାଇନାହିଁ, ସେ ପର୍ଯ୍ୟନ୍ତ ସେ ତାଙ୍କ ପୁଅର ମୃତଦେହକୁ ନେବେନି କି ଶବଦାହ ବି କରିବିନାହିଁ।

୧୨ହଜାର କିମି ଲକ୍ଷ୍ୟଭେଦ କ୍ଷେପଣାସ୍ତ୍ର ତିଆରି କରୁଛି ଭାରତ



ଇସଲାମାବାଦ, ୨୧।୩ଃ ଭାରତର ଅଗ୍ନି କ୍ଷେପଣାସ୍ତ୍ରକୁ ନେଇ ପାକିସ୍ତାନ ପ୍ରଶ୍ନ ଉଠାଇଛି। ଭାରତ ୧୨,୦୦୦ କିଲୋମିଟରରୁ ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣ କରୁଛି ବୋଲି ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି । ଅଗ୍ନି-୫ ଏବେ କାର୍ଯ୍ୟକ୍ଷମ ଥିବାବେଳେ ଏହା ୮,୦୦୦ କିମି ପର୍ଯ୍ୟନ୍ତ ନିକ୍ଷେପିତ ହୋଇପାରିବା କ୍ଷମତା ରହିଛି। ଅଗ୍ନି-୬, ଏକ ତ୍ରି-ସ୍ତରୀୟ ଆନ୍ତଃମହାଦେଶୀୟ ପ୍ରଣାଳୀ ଯାହାର ୧୨,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କ୍ଷମତା ରହିଥିବା ପାକିସ୍ତାନ ଆକଳନ କରିଛି । ମେ ୨୦୧୮ଠାରୁ ଭାରତ ଏହାକୁ ବିକଶିତ କରିବା ଦିଗରେ କାର୍ଯ୍ୟ କରୁଛି ବୋଲି ପାକିସ୍ତାନ କହିକଛି। ଏହାସହିତ କେ-୫ ବୁଡ଼ାଜାହାଜରୁ ଭାରତ ୫୦୦୦ରୁ ୮୦୦୦ କିଲୋମିଟର ପର୍ଯ୍ୟନ୍ତ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପିତ କରିପାରିବ। ଭାରତର ଅରିହନ୍ତ ଶ୍ରେଣୀର ପରମାଣୁ ବୁଡ଼ାଜାହାଜ ପାଇଁ ଏସବୁ କ୍ଷେପଣାସ୍ତ୍ର ବିକଶିତ ହେଉଛ । ପାକିସ୍ତାନ ଯୁକ୍ତି କରିଛି ଯେ, ବିସ୍ତାରିତ ସମୁଦ୍ରରୁ ଭାରତ କେ-୫ ନିୟୋଜନ କରି ୟୁରୋପ, ରୁଷ, ଇସ୍ରାଏଲ ଏବଂ ଆମେରିକାର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳଗୁଡ଼ିକୁ ଟାର୍ଗେଟ କରିବାକୁ ସକ୍ଷମ କରିବ। ଆମେରିକା ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଲସୀ ଗବାର୍ଡ଼ଙ୍କ ୨୦୨୬ ବାର୍ଷିକ ବିପଦ ମୂଲ୍ୟାଙ୍କନ ରିପୋର୍ଟ ପରେ ପାକିସ୍ତାନ ଭାରତ ବିରୋଧରେ ଏହିସବୁ ଯୁକ୍ତି ରଖିଛି। ଗବାର୍ଡଙ୍କ ରିପୋର୍ଟରେ ପାକିସ୍ତାନ ଆମେରିକା ପାଇଁ ବିପଦ ସୃଷ୍ଟି କରିପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ବିକାଶ କରୁଥିବା ଦେଶ ଭାବରେ ରୁଷ, ଚୀନ୍, ଉତ୍ତର କୋରିଆ ଏବଂ ଇରାନ ସହିତ ସ୍ଥାନିତ କରାଯାଇଥିଲା । ପାକିସ୍ତାନର ଦୀର୍ଘ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ବିକାଶରେ ସମ୍ଭାବ୍ୟ ଭାବରେ ଆମେରିକାକୁ ଆକ୍ରମଣ କରିବାର କ୍ଷମତା ଥିବା ଆଇସିବିଏମ୍ ଅନ୍ତର୍ଭୁକ୍ତ ହୋଇପାରେ ବୋଲି ଏଥିରେ କୁହାଯାଇଥିଲା । ପାକିସ୍ତାନ କିନ୍ତୁ ନିଜସ୍ୱ କାର୍ଯ୍ୟକ୍ରମକୁ ପ୍ରତ୍ୟାଖ୍ୟାନ କରିବା ସହିତ ଭାରତ ପ୍ରତି ୱାସିଂଟନର ଦୃଷ୍ଟିକୁ ନିର୍ଦ୍ଦେଶିତ କରିବା ଉଦ୍ଦେଶ୍ୟରେ ଏହିସବୁ ଦାବି କରିଛି ।

ଆତଙ୍କବାଦ ପାଇଁ ସର୍ବାଧିକ ପ୍ରଭାବିତ ହୋଇଛି ପାକିସ୍ତାନ



କର୍ମଫଳ ଭୋଗୁଛି ଦେଶ

ନୂଆଦିଲ୍ଲୀ, ୨୧।୩ଃ କଲା କର୍ମର ଫଳ ଭୋଗୁଛି ପାକିସ୍ତାନ। ଆତଙ୍କବାଦକୁ ଜନ୍ମ ଦେଇ ପୋଷୁଥିଲା, ପଡ଼ୋଶୀମାନଙ୍କୁ କ୍ଷତି ପହଞ୍ଚାଇବାକୁ ରଣନୀତି କରୁଥିଲା। ଏବେ ସେହି ଜାଲରେ ଫସିଯାଇଛି ପାକିସ୍ତାନ। ଦିନେ ଆତଙ୍କବାଦକୁ ରାଷ୍ଟ୍ର-ପ୍ରାୟୋଜିତ ନୀତି ଭାବରେ ବ୍ୟବହାର କରୁଥିବା ପାକିସ୍ତାନ ଏବେ ନିଜେ ଶିକାର ହୋଇଛି, ନିଜକୁ ରକ୍ତାକ୍ତ କରୁଛି। ଏଭଳି ତଥ୍ୟ ଦେଇଛି ଗ୍ଲୋବାଲ୍ ଟେରୋରିଜିମ ଇଣ୍ଡେକ୍ସ (ଜିଟିଆଇ) 2026। ଏହି ତାଲିକାରେ ଶୀର୍ଷରେ ପାକିସ୍ତାନ। ଆତଙ୍କବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ଦେଶ ହୋଇଛି ପାକିସ୍ତାନ। ପଡ଼ୋଶୀ ଦେଶ ତାଲିକାରେ ବୁର୍କିନା ଫାସୋକୁ ପଛରେ ପକାଇ ଦେଇଛି। ଟାଇମ୍ସ ଅଫ୍ ଇଣ୍ଡିଆର ରିପୋର୍ଟ ଅନୁଯାୟୀ, ୨୦୨୫ରେ ବିଶ୍ୱବ୍ୟାପୀ ଆତଙ୍କବାଦୀ ଘଟଣା ଏବଂ ମୃତ୍ୟୁ ହ୍ରାସ ପାଇଛି। ତଥାପି, ପାକିସ୍ତାନରେ ଆତଙ୍କବାଦ ସମ୍ବନ୍ଧୀୟ ଘଟଣାରେ ୬ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ୨୦୨୫ରେ ପାକିସ୍ତାନରେ ଗତ ଦଶନ୍ଧି ମଧ୍ୟରେ ଆତଙ୍କବାଦରୁ ସର୍ବାଧିକ ମୃତ୍ୟୁ ହୋଇଛି। ତେହେରିକ୍-ଏ-ତାଲିବାନ୍ (ଟିଟିପି) ଏବଂ ବଲୁଚ୍ ଲିବରେସନ୍ ଆର୍ମି (ବିଏଲଏ) ଏଥିରେ ପ୍ରମୁଖ ଅବଦାନ ରଖିଛନ୍ତି। ଉଭୟ ସଂଗଠନ ସରକାରଙ୍କ ବିରୁଦ୍ଧରେ ସେମାନଙ୍କର ଆକ୍ରମଣକୁ ତୀବ୍ର କରିଛନ୍ତି।

ଜିଟିଆଇ ରିପୋର୍ଟ ଅନୁଯାୟୀ, ଦକ୍ଷିଣ-ପଶ୍ଚିମ ପାକିସ୍ତାନର ବେଲୁଚିସ୍ତାନ ଏବଂ ଉତ୍ତର-ପଶ୍ଚିମ ପାକିସ୍ତାନର ଖାଇବର ପଖତୁନଖ୍ୱା ଆତଙ୍କବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ଅଞ୍ଚଳ। ୨୦୨୫ରେ ପାକିସ୍ତାନରେ ହୋଇଥିବା ୭୪ ପ୍ରତିଶତ ଆତଙ୍କବାଦୀ ଆକ୍ରମଣ ଏହି ଅଞ୍ଚଳଗୁଡ଼ିକରେ ହୋଇଥିଲା। ଆତଙ୍କବାଦୀ ଘଟଣାରେ ମୃତ୍ୟୁବରଣ କରିଥିବା ୬୭ ପ୍ରତିଶତ ମଧ୍ୟ ଏହି ଅଞ୍ଚଳଗୁଡ଼ିକରୁ ଆସିଥିଲେ।

ରିପୋର୍ଟ ଅନୁଯାୟୀ, ଇସଲାମିକ୍ ଷ୍ଟେଟ୍ ବିଶ୍ୱର ସବୁଠାରୁ ବିପଦପୂର୍ଣ୍ଣ ଆତଙ୍କବାଦୀ ସଂଗଠନ। ଜମାତ ନୁସରତ ଅଲ୍-ଇସଲାମ୍ ୱାଲ୍ ମୁସଲିମିନ୍ (ଜେଏନ୍‌ଏଇ) ଦ୍ୱିତୀୟ ସ୍ଥାନରେ ଅଛି। ତେହେରିକ୍-ଏ-ତାଲିବାନ୍ (ଟିଟିପି) ବିଶ୍ୱର ତୃତୀୟ ସବୁଠାରୁ ମାରାତ୍ମକ ଆତଙ୍କବାଦୀ ସଂଗଠନ। ଗ୍ଲୋବାଲ୍ ଟେରୋରିଜିମ ରାଙ୍କିଂରେ ଭାରତ ୧୩ତମ ସ୍ଥାନରେ ଅଛି। ପାକିସ୍ତାନ ଏବଂ ଆଫଗାନିସ୍ତାନ ପରେ ଭାରତ ଦକ୍ଷିଣ ଏସିଆରେ ତୃତୀୟ ସ୍ଥାନରେ ଅଛି। ରିପୋର୍ଟରେ ଆତଙ୍କବାଦ ବିରୋଧରେ ଭାରତର ପ୍ରୟାସକୁ ପ୍ରଶଂସା କରାଯାଇଛି। ଗତ ବର୍ଷ ତୁଳନାରେ ଭାରତରେ ଆତଙ୍କବାଦୀ ଆକ୍ରମଣ ୪୩ ପ୍ରତିଶତ ହ୍ରାସ ପାଇଛି। ଯେତେବେଳେ ଆତଙ୍କବାଦ ଯୋଗୁଁ ମୃତ୍ୟୁ ସଂଖ୍ୟା ମଧ୍ୟ ହ୍ରାସ ପାଇଛି।

କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ

୧୦ ମୃତ ୫୯ ଆହତ



ଦକ୍ଷିଣ କୋରିଆ, ୨୧।୩ଃ ଦକ୍ଷିଣ କୋରିଆର ମଧ୍ୟଭାଗରେ ଅବସ୍ଥିତ ଡେଜେଓନ୍ ସହରର ଏକ କାର୍ ପାର୍ଟସ୍ କାରଖାନାରେ ଶନିବାର ଅପରାହ୍ନରେ ଘଟିଥିବା ଏକ ଭୟଙ୍କର ଅଗ୍ନିକାଣ୍ଡରେ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୫୯ ଜଣ ଆହତ ହୋଇଛନ୍ତି। ଗୃହ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଆହତଙ୍କ ମଧ୍ୟରୁ ୨୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଏବଂ ଅଗ୍ନିଶମ ବାହିନୀ ଏବେ ମଧ୍ୟ ଭଗ୍ନାବଶେଷ ମଧ୍ୟରେ ନିଖୋଜ ଥିବା ଅନ୍ୟ ୪ ଜଣଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଅଗ୍ନିକାଣ୍ଡ ସମୟରେ ପ୍ଲାଣ୍ଟରେ ମୋଟ ୧୭୦ ଜଣ କର୍ମଚାରୀ କାମ କରୁଥିଲେ, ଯେଉଁମାନଙ୍କ ମଧ୍ୟରୁ କିଛି ମୃତଦେହ କୋଠାର ଦ୍ୱିତୀୟ ଓ ତୃତୀୟ ମହଲାରୁ ଉଦ୍ଧାର କରାଯାଇଛି।

ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କାରଖାନା କୋଠାଟି ଭୁଶୁଡ଼ି ପଡ଼ିବାର ଆଶଙ୍କା ଥିବାରୁ ଉଦ୍ଧାରକାରୀ ଦଳ ସଙ୍ଗେ ସଙ୍ଗେ ଭିତରକୁ ପ୍ରବେଶ କରିପାରି ନଥିଲେ। ଏଥିସହିତ କାରଖାନା ପରିସରରେ ପ୍ରାୟ ୨୦୦ କିଲୋଗ୍ରାମ ସୋଡିୟମ୍ ଗଚ୍ଛିତ ଥିବାରୁ ଏକ ବଡ଼ ଧରଣର ବିସ୍ଫୋରଣ ଘଟିବାର ଭୟ ସୃଷ୍ଟି ହୋଇଥିଲା, ଯାହା ଅଗ୍ନିଶମ କାର୍ଯ୍ୟକୁ ଅଧିକ ବିପଜ୍ଜନକ କରିଦେଇଥିଲା।

ଏହି ଦୁଃଖଦ ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତ

ଛେଣ୍ଡିପଦାରେ ୧୭୨ କୋଟିର ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ

ଗାଁ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଲକ୍ଷ୍ୟ: ଧର୍ମେନ୍ଦ୍ର

ଅନୁଗୁଳ,୨୧।୩(ସଂଚାର ବ୍ୟୁରୋ): ପ୍ରତ୍ୟେକ ଗ୍ରାମରେ ବିକାଶର ଧାରାକୁ ସୁଦୃଢ଼ କରି ଜନସାଧାରଣଙ୍କ ଜୀବନ ଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ହିଁ ଆମର ମୂଳ ଲକ୍ଷ୍ୟ ବୋଲି ଶନିବାର ଅନୁଗୁଳ ଜିଲ୍ଲା ଛେଣ୍ଡିପଦାଠାରେ ପ୍ରାୟ ୧୭୨ କୋଟି ଟଙ୍କା ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଛେଣ୍ଡିପଦା ଅଞ୍ଚଳର ପ୍ରଗତି ପାଇଁ ନିର୍ମିତ ହେବାକୁ ଥିବା ଷ୍ଟାଡିୟମ୍ ଓ ନୂତନ କମ୍ୟୁନିଟି ସେଣ୍ଟର ଭଳି ବୃହତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିସହିତ ୪୨ ଜଣ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଛି। ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୁଗୁଳ ଜିଲ୍ଲାକୁ ପ୍ରାୟ ୨୫ ହଜାର ଘର ଆସିବ ଓ ଡବଲ ଇଞ୍ଜିନ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଭତ୍ତା ପହଞ୍ଚାଇବ। ଅନୁଗୋଳ ଓ ଛେଣ୍ଡିପଦା ବିକଶିତ ହେଲେ ହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ବିକଶିତ ଭାରତ' ଓ ଓଡ଼ିଶା ସରକାରଙ୍କ 'ବିକଶିତ ଓଡ଼ିଶା' ଲକ୍ଷ୍ୟ ତେବେ ସମ୍ଭବ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ପରିବେଶ ଗଢ଼ିବା ଲକ୍ଷ୍ୟରେ ସେ ସ୍କୁଲଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସମସ୍ତ ଶିକ୍ଷକଙ୍କ ସହଯୋଗ ଲୋଡ଼ିଛନ୍ତି। ଶେଷରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ସହ ପାଣି, ଘର ଓ ରୋଜଗାର ଭଳି ସମସ୍ୟାର ସମାଧାନ ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି।

କାର୍ଯ୍ୟକ୍ରମ ପରେ ଶ୍ରୀ ପ୍ରଧାନ ଛେଣ୍ଡିପଦାଠାରେ ଦଳର ଏକ ନୂତନ କାର୍ଯ୍ୟାଳୟ ଉଦଘାଟନ କରିବା ସହ ମିଶ୍ରଣ ପର୍ବରେ ନୂଆ ସଦସ୍ୟଙ୍କୁ ଦଳରେ ସ୍ୱାଗତ କରିଥିଲେ। ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ଯେପରି ପ୍ରତ୍ୟେକ ସରକାରୀ ଯୋଜନାର ସୁଫଳ ସଠିକ୍ ଭାବେ ପହଞ୍ଚିପାରିବ, ସେଥିପାଇଁ ନିଷ୍ଠାର ସହ ଦାୟିତ୍ୱ ନେବାକୁ ସେ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି।



ନୀଳଗିରିରେ ଦିନକୁ ଦିନ ଛିନତାଇ ଘଟଣା ବଢୁଛି

ନୀଳଗିରି, ୨୧।୩ (ସଂଚାର ବ୍ୟୁରୋ) : ନୀଳଗିରି ଅଞ୍ଚଳରେ ଦିନକୁ ଦିନ ରାସ୍ତାରୁ ଛିନତାଇ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଏଥିରେ ଶିକାର ହେଉଛନ୍ତି ନିରୀହ ଜନତା। ଗତକାଲି ରାତ୍ରି ପ୍ରାୟ ୭ରୁ ୮ଘଟିକା ସମୟରେ ନୀଳଗିରି ବ୍ଲକ ର ଅଯୋଧ୍ୟା-ଜାମୁବଣି ର ମଝୀ ରାସ୍ତା ରେ ମହିଷାପଙ୍କା ଗ୍ରାମର ତପନ କୁମାର ସିଂ(୨୬)। ଚାଲି ଚାଲି ଯାଉଥିବା ବେଳେ ଅଯୋଧ୍ୟା ପଟରୁ ଦ୍ରୁତ ବେଗରେ ଏକ ବାଇକ ଯୋଗେ ଆସି ତପନ ଙ୍କ ବେକରେ ତେଲେଙ୍ଗା କଟୁରୀ ଲଗାଇ ଭୟଭୀତ କରିଥିଲେ। ଏଥିରେ ତପନ ଭୟଭୀତ ହୋଇ ଜୀବନ ବିକଳରେ ମୋବାଇଲ, ମନିପର୍ସ ଦେଇଥିଲେ।ତେବେ ଦୁର୍ବୃତ୍ତ ମାନେ ଆଖି ପିଛୁଳା କେ ମିତ୍ରପୁର ରାସ୍ତା ଦେଇ ଫେରାର ହୋଇଯାଇଥିଲେ। ମୋବାଇଲ ସହିତ ମନିପର୍ସ ରେ ୫ ହଜାର ଟଙ୍କା ଓ ମେମୋରୀ ଚିପ କାର୍ଡ ଥିବାକୁ ନେଇ ସେ ଆଜି ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଅମ୍ବିକା ପ୍ରସାଦ ଦାସଙ୍କୁ ଡକ୍ଟରେଟ

ନୂଆଦିଲ୍ଲୀ,୨୧।୩(ସଂଚାର ବ୍ୟୁରୋ): ଗଣମାଧ୍ୟମ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତା ପାଇଁ ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସଙ୍କୁ ଆଜି ଏଠାରେ ଅନୁଷ୍ଠିତ ସମାବର୍ତ୍ତନ ସମାରୋହରେ ଆମେରିକାର ଚିକାଗୋ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକତାରେ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ୍ କ୍ଲବ୍ ଅଫ୍ ଇଣ୍ଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିର୍ଭୀକ ରିପୋର୍ଟିଂ ଓ ସାମାଜିକ ଦାୟିତ୍ୱବୋଧ ଦ୍ୱାରା ବର୍ଣ୍ଣିତ ତାଙ୍କର ପ୍ରାୟ ୪ ଦଶନ୍ଧିର କ୍ୟାରିଅର ପାଳନ କରାଯାଇଥିଲା। ଶ୍ରୀ ଦାସଏବେ 'ଓଡ଼ିଶା ଏକ୍ସପ୍ରେସ୍'ର ସମ୍ପାଦକ ଭାବେ କାର୍ଯ୍ୟ କରୁଛନ୍ତି। ୧୯୮୬ରୁ ଗଣମାଧ୍ୟମ କ୍ଷେତ୍ରରେ ଜଣେ ପ୍ରମୁଖ ବ୍ୟକ୍ତିତ୍ୱ ଭାବେ ପରିଚିତ ଶ୍ରୀ ଦାସ 'ସତ କହିବାକୁ କିଆଁ ଡରିବି' ଶୀର୍ଷକ ସ୍ତମ୍ଭ ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ପାରମ୍ପରିକ ରିପୋର୍ଟିଂ ବ୍ୟତୀତ ସେ ସାର୍ବଜନୀନ ନୀତି, ଗଣମାଧ୍ୟମ ପରିଚାଳନା ଓ ସାମାଜିକ ସଚେତନତାରେ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି, ଯାହାକୁ ବିଶ୍ୱବିଦ୍ୟାଳୟ ଏହି ସମ୍ମାନଜନକ ସ୍ଥାନ ପାଇଁ ପ୍ରମୁଖ କାରଣ ଭାବେ ଉଲ୍ଲେଖ କରିଛି। ଏହି ସମ୍ମାନ ପ୍ରବୀଣ ସମ୍ପାଦକ ଏବଂ ତାଙ୍କ ପ୍ରକାଶନ ପାଇଁ ପ୍ରଶଂସାର ଏକ କ୍ରମକୁ ସାମିଲ କରିଛି। ଜାନୁଆରୀ ୨୦୨୦ରେ ଯୋଗର ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଭୂମିକା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶା ଏକ୍ସପ୍ରେସକୁ ସ୍ୱୀକୃତି ଦିଆଯାଇଥିଲା ଓ ଶ୍ରୀ ଦାସ ନୂଆଦିଲ୍ଲୀରେ କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀଙ୍କଠାରୁ ଜାତୀୟ ପୁରସ୍କାର ପାଇଥିଲେ। ଘୋଷଣା ପରେ ସାରା ରାଜ୍ୟରୁ ଶୁଭେଚ୍ଛୁ ଓ ସହକର୍ମୀମାନେ ଶ୍ରୀ ଦାସଙ୍କୁ ସାମ୍ବାଦିକତା କ୍ଷେତ୍ର ପ୍ରତି ତାଙ୍କର ନିରନ୍ତର ଉତ୍ସର୍ଗ ପାଇଁ ଅଭିନନ୍ଦନ ଜଣାଇଛନ୍ତି।



● କୋଡ଼ିଙ୍ଗାମାଳିରେ ବେଦାନ୍ତର ଉଲ୍ଲେଖନୀୟ ଉପଲବ୍ଧି

ଅଙ୍ଗାରକାମ୍ଳ ନିର୍ଗମନରେ ୫୦ ପ୍ରତିଶତ ହ୍ରାସ



ଭୁବନେଶ୍ୱର,୨୧।୩(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଏହାର କୋଡ଼ିଙ୍ଗାମାଳି ବକ୍ସାଇଟ୍ ଖଣିରେ ବୈଦ୍ୟୁତିକ ଯାନ (ଇଭି) ଲୋଡର ନିୟୋଜିତ କରି ଡି-କାର୍ବୋନାଇଜେସନ୍ ମାଇଲଖୁଣ୍ଟ ହାସଲ କରିଛି। ଏହାଦ୍ୱାରା ଲୋଡିଂ କାର୍ଯ୍ୟକଳାପରୁ ୫୦ ପ୍ରତିଶତ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ହୋଇପାରିଛି। ଆଗାମୀ ୨୦୫୦ ସୁଦ୍ଧା ମୋଟ-ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଦିଗରେ କମ୍ପାନୀର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସିଙ୍ଗାରାମ ସାଇଡିଂରେ ପୂର୍ବରୁ ୬ଟି ଡିଜେଲ ଲୋଡର୍ ଉପରେ ନିର୍ଭର କରିବାକୁ ପଡୁଥିଲା। ନୂତନ ୩.୩ ଡିଜେଲରୁ ଇଭି ବ୍ୟବସ୍ଥା ସହ ଅଙ୍ଗାରକାମ୍ଳ ନିର୍ଗମନ ଘଣ୍ଟା ପ୍ରତି ୧୨୦ କିଗ୍ରା ହ୍ରାସ ପାଇଛି, ଯାହା ସ୍ୱଚ୍ଛ ଓ ଅଧିକ ଦକ୍ଷ ଖନନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ଏହି ପରିବର୍ତ୍ତନ ବାୟୁ ଓ ଶବ୍ଦ ପ୍ରଦୂଷଣ ହ୍ରାସ, ଉଚ୍ଚ ଶକ୍ତି ଦକ୍ଷତା ଏବଂ ଜୀବାଶ୍ମ ଇନ୍ଧନ ନିର୍ଭରଶୀଳତା ହ୍ରାସ ସହ ପରିବେଶଗତ ଲାଭ ଆଣିଦେଇଛି।

ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ବ୍ୟାପକ ଦୂରଦୃଷ୍ଟିର ଏକ ଅଂଶବିଶେଷ, ଯାହା ସମସ୍ତ ପରିଚାଳନା କ୍ଷେତ୍ରରେ ଏକ ସମ୍ପୂର୍ଣ୍ଣ ବୈଦ୍ୟୁତିକ ଫ୍ଲିଟ୍ ପ୍ରସ୍ତୁତ କରିବ। କମ୍ପାନୀ ପୂର୍ବରୁ ଓଡ଼ିଶା ଓ ଛତିଶଗଡ଼ରେ ଦେଶର ସର୍ବବୃହତ ଲିଥିୟମ୍-ଆୟନ ବ୍ୟାଟେରୀଚାଳିତ ବୈଦ୍ୟୁତିକ ଫୋର୍କଲିଫ୍ଟ ପରିଚାଳନା କରିସାରିଛି ଓ ୨୦୫୦ କିମ୍ବା ଏହା ପୂର୍ବରୁ ଶୂନ୍ୟ-ଅଙ୍ଗାରକାମ୍ଳ ନିର୍ଗମନ ଲକ୍ଷ୍ୟ ହାସଲ ସହ ଏହାର ଡି-କାର୍ବୋନାଇଜେସନ୍ ଲକ୍ଷ୍ୟକୁ ଆଗକୁ ବଢ଼ାଇଚାଲିଛି। ଏନେଇ ବେଦାନ୍ତ ଆଲୁମିନାର ବିଜନେସ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତ ଆଲୁମିନିୟମରେ ଆମେ ବୈଦ୍ୟୁତିକ ଯାନକୁ ଶକ୍ତିର ଏକ ସ୍ଥାୟୀ ଓ ଅକ୍ଷୟ ଶକ୍ତି ଉତ୍ସ ଭାବେ ଦେଖୁଛୁ। ଏହା ଆମର ପରିଚାଳନା ଓ ପୃଥିବୀପୃଷ୍ଠର ଭବିଷ୍ୟତକୁ ଶକ୍ତି ପ୍ରଦାନ କରେ। କୋଡିଙ୍ଗାମାଳିରେ ଇଭି ଲୋଡରରେ ନିବେଶ ଦର୍ଶାଉଛି ଯେ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା କିପରି ଦୀର୍ଘକାଳୀନ ନମନୀୟତା ସୃଷ୍ଟି କରିବା ସହ ତୁରନ୍ତ ନିର୍ଗମନ ହ୍ରାସ ପ୍ରଦାନ କରେ। ଏହି ସଫଳତା ଆମର ନେଟ୍-ଜିରୋ ଯାତ୍ରାକୁ ସୁଦୃଢ଼ କରିବା ସହ ବିନା ଆପୋଷ ବୁଝାମଣାରେ ସ୍ଥାୟୀ ନବସୃଜନ ଖଣି କ୍ଷେତ୍ରର ଉତ୍କର୍ଷତାକୁ ଆଗେଇ ନେଉଥିବା ପ୍ରମାଣିତ।

● ପାକିସ୍ତାନ ପାଇଁ ଗୁଇନ୍ଦାଗିରୀ କରୁଥିଲେ ନାବାଳକ

ରିଲ୍ସ ବାହାନାରେ ଭିଡିଓ କରି ହ୍ୱାଟ୍ସଆପରେ ପଠାଉଥିଲେ

ନୂଆଦିଲ୍ଲୀ, ୨୧।୩: ଭାରତର ପ୍ରମୁଖ ସାମରିକ ପ୍ରତିଷ୍ଠାନ ଓ ସୁରକ୍ଷା ଘାଟିଗୁଡ଼ିକୁ ଟାର୍ଗେଟ କରି ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ର ରଚାଯାଉଥିବା ନେଇ ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏକ ଗୁପ୍ତଚର ନେଟୱାର୍କର ପର୍ଦ୍ଦାଫାଶ କରିଛନ୍ତି । ଦିଲ୍ଲୀ, ମୁମ୍ବାଇ, ହରିୟାଣା ଓ ରାଜସ୍ଥାନର ସମ୍ବେଦନଶୀଳ ସାମରିକ ଅଞ୍ଚଳର ଫଟୋ, ଭିଡିଓ ଓ ଜିପିଏସ୍ ଲୋକେସନ ସୋସିଆଲ ମିଡିଆ ମାଧ୍ୟମରେ ପାକିସ୍ତାନ, ଦୁବାଇ ଓ ମାଲେସିଆ ପରି ଦେଶକୁ ପଠାଯାଉଥିବା ଜଣାପଡ଼ିଛି। କୌଣସି ପୁଲିସ ଓ ସ୍ୱତନ୍ତ୍ର ତଦନ୍ତ ଦଳ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନେ କହିଛନ୍ତି ଯେ ସେମାନେ ପାକିସ୍ତାନୀ ଇଣ୍ଟେଲିଜେନ୍ସ



ଅପରେଟର 'ସର୍ଦ୍ଦାର' ଓରଫ ଜୋରା ସିଂହର ସିଧାସଳଖ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ ଏବଂ ଏଥିପାଇଁ ପଞ୍ଜାବ ଦେଇ ହାୱାଲା ମାଧ୍ୟମରେ ସେମାନଙ୍କ ପାଖକୁ ଟଙ୍କା ପହଞ୍ଚୁଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ପାକିସ୍ତାନୀ ହ୍ୟାଣ୍ଡଲରମାନେ ଗୁପ୍ତଚର ବୃତ୍ତି ପାଇଁ ବିଶେଷ କରି ଅଳ୍ପ ଶିକ୍ଷିତ, ଦୈନିକ ମଜୁରିଆ ଓ ନବମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରମାନଙ୍କୁ ବ୍ୟବହାର କରୁଥିଲେ। ଏହି ନାବାଳକମାନେ ପ୍ରତିବନ୍ଧିତ ସାମରିକ ଅଞ୍ଚଳ ନିକଟକୁ ଯାଇ 'ସୋସିଆଲ ମିଡିଆ ରିଲ୍' ତିଆରି କରିବା ବାହାନାରେ ଭିଡିଓ ଓ ଫଟୋ ଉଠାଉଥିଲେ ଏବଂ ପରେ ସେଗୁଡ଼ିକୁ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ପାକିସ୍ତାନ ପଠାଉଥିଲେ। ଜୋଧପୁର, ବିକାନେର ଓ ଗୁଜୁରାଟର ଭୁଜ୍ ସ୍ଥିତ ବାୟୁସେନା ଘାଟି ପରି ଅତି ସମ୍ବେଦନଶୀଳ ସ୍ଥାନର ଗୁପ୍ତ ସୂଚନା ଏହି ଚ୍ୟାଙ୍ଗ ମାଧ୍ୟମରେ ଶତ୍ରୁ ଦେଶ ପାଖକୁ ଯାଇଛି। ତେବେ ଗିରଫ ହୋଇଥିବା ସୁହେଲ, ବିବେକ, ଗଗନ ଓ ଦୁର୍ଗେଶଙ୍କ ପରି ଅଭିଯୁକ୍ତମାନେ ମୁମ୍ବାଇ ବନ୍ଦରଠାରୁ ଆରମ୍ଭ କରି ଦିଲ୍ଲୀ କ୍ୟାଣ୍ଟ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଇବା ଏବଂ ଗୁପ୍ତ ତଥ୍ୟ ସଂଗ୍ରହ କରିବା କାର୍ଯ୍ୟରେ ନିୟୋଜିତ ଥିଲେ। ଅଧିକାଂଶ ଅଭିଯୁକ୍ତ ଜାଣିଶୁଣି ଦେଶ ବିରୋଧୀ କାର୍ଯ୍ୟରେ ସାମିଲ ଥିଲେ ଏବଂ ସେମାନଙ୍କର ବିଳାସପୂର୍ଣ୍ଣ ଜୀବନଶୈଳୀ ପାଇଁ 'ସର୍ଦ୍ଦାର' ସେମାନଙ୍କୁ ଟଙ୍କାର ଲୋଭ ଦେଖାଉଥିଲା।

ଘରେ ପଶି ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ

ବ୍ରହ୍ମପୁର,୨୧।୩(ସଂଚାର ବ୍ୟୁରୋ): ଘରେ ପଶି ଯୁବତୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ। ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଶୁରଙ୍ଗୀ ପଞ୍ଚାୟତର ଖୋଳଭାଗପେଣ୍ଠ ଗାଁରେ ଘଟିଛି ଏପରି ଅଭାବନୀୟ ଘଟଣା। ଜଣେ ଯୁବତୀଙ୍କୁ ଘରେ ପଶି ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗ୍ରାମର କେ. କଇରାଙ୍କ ସାନ ଝିଅ ଘରେ ଏକାକୀ ଥିବା ବେଳେ ଏହି ଘଟଣା ଘଟିଛି। ଘର ଭିତରକୁ ଦୁବୃର୍ତ୍ତ ଯାଇ ଶରୀରର ପ୍ରାୟ କୋଡିଏ ରୁ ଉର୍ଦ୍ଧ୍ୱ ସ୍ଥାନରେ କାଟି କ୍ଷତାକ୍ତ କରି ଫେରାର ହୋଇଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାତ୍ରପୁର ଓ ପରେ ବ୍ରହ୍ମପୁର ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ତଦନ୍ତ ଆରମ୍ଭ କରିଥିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଖୋଜାଖୋଜି ଜାରି ରଖିଛି। ତେବେ ଆକ୍ରମଣର କାରଣ ଜଣାପଡିନାହିଁ। ତଦନ୍ତ ପରେ ଘଟଣା ବିଷୟରେ ଜଣାପଡ଼ିବ ବୋଲି ପୁଲିସ କହିଛି ।

ଆଦିବାସୀ ଏକତା ମଞ୍ଚର ବାମନଘାଟି ବନ୍ଦ ସ୍ଥଗିତ

ବାରିପଦା, ୨୧।୩ (ସଂଚାର ବ୍ୟୁରୋ) : ମୟୁରଭଞ୍ଜ ଜିଲ୍ଲା ତିରିଂ ଥାନା ଅନ୍ତର୍ଗତ ସୁନାପୋଷୀ ଗ୍ରାମରେ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକର ଆଦିବାସୀ ନାବାଳିକା ପ୍ରତି ବଳାତ୍କାର ଉଦ୍ୟମରେ ପୋଲିସଠାରୁ ନ୍ୟାୟ ପାଇଁ ଚଳିତ ମାସ ୧୩ ତାରିଖ ଦିନ ବହଳଦା ବାଇପାସରେ ରାସ୍ତା ଅବରୋଧ କରିଥିଲେ ।ରାସ୍ତା ଅବରୋଧ ସମୟରେ ପୋଲିସ ଅବରୋଧକାରୀଙ୍କୁ ମାଡ଼ ଦେବା ଫଳରେ ଉତ୍ୟକ୍ତ ଅବରୋଧକାରୀ ପୋଲିସଙ୍କୁ ପ୍ରତି ଆକ୍ରମଣ କରିବାରୁ ୨ ପୋଲିସ ଗୁରୁତର ଥିବାବେଳେ ୧୧ କର୍ମଚାରୀ ଆହତ ହୋଇଥିଲେ ।ପୋଲିସ ଘଟଣାକୁ ନେଇ ୨୭ ମହିଳା ସମେତ ୩୪ ଜଣଙ୍କୁ ବିଭିନ୍ନ ସାଂଘାତିକ ଦଫାରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଜେଲରେ ଥିବା ମହିଳା ଏବଂ ପୁରୁଷଙ୍କ ନାମରେ ମାମଲା କଟାଯାଇ ନିର୍ଦୋଷରେ ଜାମିନ ଦେବା ପାଇଁ ଆଦିବାସୀ ଏକତା ମଞ୍ଚ, ବିଜେଡି,ଝାଡ଼ଖଣ୍ଡ ମୁକ୍ତି ମୋର୍ଚା,କଂଗ୍ରେସ ତରଫରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦିନ ଧରି ଧାରଣା ଦେଇଥିଲେ ।ପ୍ରଶାସନ ନ ଶୁଣିବାରୁ ବାଧ୍ୟ ହୋଇ ୨୦/୨୧ ଦୁଇଦିନ ଧରି ବାମନଘାଟୀ ଉପଖଣ୍ଡ ବନ୍ଦ ଡାକରା ଦିଆଯାଇଥିଲା। ଗତକାଲି ବାମନଘାଟୀ ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିଲା । ଅପରାହ୍ନରେ ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ



ଯଦୁନାଥ ଯେନା ଆସେକା କାର୍ଯ୍ୟାଳୟ ପରିସରରେ ଆସେକା ନେତୃବୃନ୍ଦ,ପ୍ରାକ୍ତନ ମନ୍ତ୍ରୀ ସୁଦାମ ମାରାଣ୍ଡୀ,ରାଇରଙ୍ଗପୁପୁର ବିଜେଡି ବିଧାୟକ ପ୍ରାର୍ଥୀ ରାଇସେନ ମୁର୍ମୁ,ସାରସକଣା ବିଜେଡି ବିଧାୟକ ପ୍ରାର୍ଥୀ ଦେବାଶିଷ ମାରାଣ୍ଡୀ, ରାଇରଙ୍ଗପୁର ପୌରାଧ୍ୟକ୍ଷ ଅଭିଷେକ ପଟନାୟକ,ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ,ଝାଡ଼ଖଣ୍ଡ ମୁକ୍ତି ମୋର୍ଚା ସୁନିଲ ମାଝୀ,ସାଲୁକିସ୍ଥ ,ସମେତ ଅନ୍ୟ ନେତୃବୃନ୍ଦ ଙ୍କ ସହ ଆଲୋଚନା କରି ଏକ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ।ଜେଲରେ ଥିବା ଆଦିବାସୀଙ୍କ ଉପରେ ସଙ୍ଗୀନ ଦଫା ହଟାଇବା ସହ ଶନିବାର ଦିନ ସହ ସେମାନଙ୍କୁ ଜାମିନରେ ଖଲାସ କରାଯିବ । ସେହିଭଳି ବିଧାନସଭାରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ମଧ୍ୟ ଆଦିବାସୀମାନଙ୍କ ଉପରେ ମାମଲା ପ୍ରତ୍ୟାହାର କରାଯାଇ ଜେଲରୁ ଖଲାସ କରାଯିବା ପାଇଁ ବାଚସ୍ପତିଙ୍କ ଜରିଆରେ ସରକାରଙ୍କୁ ଅନୁରୋଧ କରିଥିଲେ । ପୋଲିସ ପ୍ରଶାସନଠାରୁ ପ୍ରତିଶ୍ରୁତି ପାଇଲାପରେ ଆଦିବାସୀ ଏକତା ମଞ୍ଚ ତରଫରୁ ଆସେକା କାର୍ଯ୍ୟାଳୟ ପରିସରରେ ଏକ ଖଓରଦାତଗ ସଂଜ୍ଞିଳନୀ ଆୟୋଜିତ ହୋଇଥିଲା ।ଏଥିରେ ଆବାହକ ଜୀତେନ୍ଦ୍ର ନାଥ ହାଁସଦା,ପ୍ରାକ୍ତନ କଂଗ୍ରେସ ବିଧାୟକ ଲକ୍ଷ୍ମଣ ମାଝୀ,ବିଜେଡି ଯୁବନେତା ଅଭିଷେକ ପଟନାୟକ , ମନୋରଞ୍ଜନ ହାଃସଦା,ରାମଚନ୍ଦ୍ର ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ । ନେତୃବୃନ୍ଦ କହିଥିଲେ ପ୍ରଶାସନ ଉପରେ ଆମରସଂପୂର୍ଣ୍ଣ ବିଶ୍ୱାସ ଅଛି । ପ୍ରଶାସନର ଲିଖିତ ପ୍ରତିଶ୍ରୁତି ପରେ ଆମେ ବନ୍ଦକୁ ସ୍ଥଗିତ କରୁଛୁ । ଶନିବାର ଦିନ ଜେଲ ପିଡିତା ମାନଙ୍କୁ ଯଦି ଜାମିନ ନ ମିଳେ ପରବର୍ତ୍ତି କାର୍ଯ୍ୟକ୍ରମ ବୈଠକ ପରେ ସିଦ୍ଧାନ୍ତ ନେବୁ ।ବନ୍ଦକୁ ବାମଘାଟୀ ପୁର୍ଣ ସମର୍ଥନ ଦେଇଥିବାରୁ ସମସ୍ତଙ୍କୁ କମିଟି ତରଫରୁ କୃତଜ୍ଞତା ଜଣାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବଢ଼ିଲା...

ପ୍ରତିଷ୍ଠାନର ମାଲିକମାନେ ମଧ୍ୟ ଦୁଃସ୍ଥିତି ଦେଇ ଗତି କରୁଛନ୍ତି।

ଆଜି ମନ୍ତ୍ରଣାଳୟ ସଚିବ ନୀରଜ ମିଉଲ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବମାନଙ୍କ ପାଖକୁ ପଠାଇଥିବା ଚିଠିରେ କୁହାଯାଇଛି ଯେ ଏହି ଅତିରିକ୍ତ କୋଟାରେ ମିଳିବାକୁ ଥିବା ଗ୍ୟାସ୍ ଡିଲର ଉତ୍ପାଦନକାରୀ

ମା' ହସ୍ପିଟାଲରେ, ମୃତ ପୁଅର ଶେଷକୃତ୍ୟ କଲେ ଶ୍ମଶାନବନ୍ଧୁ



ସୁନ୍ଦରଗଡ, ୨୧।୩ (ସଂଚାର ବ୍ୟୁରୋ): ସ୍ଥାନୀୟ ରାଜବାଟି ଅଞ୍ଚଳର ଶୁଶାନ୍ତ ଧରେଇ ଯକ୍ଷ୍ମା ରୋଗରେ ପିଡିତ ହୋଇ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟ ଠାରେ ଚିକିତ୍ସିତ ହେଉଥିଲା। ଗତକାଲି ରାତିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ଏପଟେ ଶୁଶାନ୍ତଙ୍କ ମା' ମଧ୍ୟ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଆଉ ସାହା ଭରସା କେହି ନ ଥିବାରୁ ଓ ଦୀର୍ଘ ୧୨ ଘଣ୍ଟାରୁ ଅଧିକ କାଳ ଶୁଶାନ୍ତଙ୍କ ଶବ ପଡି ରହିବା ପରେ ଦୁଇ ନମ୍ବର ୱାର୍ଡର କାଉନସିଲର ଅନିଲ ମହାପାତ୍ରଙ୍କୁ ଶୁଶାନ୍ତଙ୍କ କିଛି ସହକର୍ମୀ ଓ ପାଖ ପଡୋଶୀ ସମସ୍ତ ବିଷୟ କହିବା ପରେ ଅନିଲ ମହାପାତ୍ର ଟିମ ଶ୍ମଶାନ ବନ୍ଧୁ ସଦସ୍ୟମାନଙ୍କୁ ଯୋଗାଯୋଗ କରି ଶବସଂସ୍କାର ନିମନ୍ତେ ଅନୁରୋଧ କରିଥିଲେ। ଟିମ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ଚିଣ୍ଟୁ ରଜ୍ଜା ଓ ଦେବେନ୍ଦ୍ର ସାହୁ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟ ଠାରୁ ଶବ ଆଣିବା ସହିତ ସୁନ୍ଦରଗଡ ସ୍ୱର୍ଗଦ୍ୱାର ଠାରେ ଶେଷକୃତ ସମ୍ପନ୍ନ କରିଥିଲେ। ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ ତରଫରୁ ଶବସଂସ୍କାର ନିମନ୍ତେ ଆବଶ୍ୟକ ସାମଗ୍ରୀ ଗୁଡିକ ଯୋଗାଇ ଦିଆଯାଇଥିଲା।

ଡିଜିପିଙ୍କ ଦ୍ୱାରା ଖୋର୍ଦ୍ଧା ଏସ୍‌ପି ସମ୍ମାନିତ



ଖୋର୍ଦ୍ଧା, ୨୧।୩ (ସଂଚାର ବ୍ୟୁରୋ): ଭୁବନେଶ୍ୱରର ପୋଲିସ ଭବନରେ ଆୟୋଜିତ ଏକ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହରେ ଖୋର୍ଦ୍ଧା ଏସ୍ପି ବିବେକାନନ୍ଦ ଶର୍ମାଙ୍କୁ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ୨୦୨୫ ମସିହାରେ ଏକ ଏନଡିପିଏସ୍ ମାମଲାର ତଦନ୍ତ ଏବଂ ପ୍ରଭାବଶାଳୀ ତଦାରଖରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି, ଯାହା ଫଳରେ ସଫଳ ଦଣ୍ଡ ମିଳିଛି। ଏହି ସଫଳତା ଏକ ନିଶାମୁକ୍ତ ସମାଜ ପ୍ରତି ପ୍ରତିବଦ୍ଧତା, ବୃତ୍ତିଗତତାକୁ ପ୍ରତିଫଳିତ କରେ। ସମ୍ବର୍ଦ୍ଧନା ଉତ୍ସବରେ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ, ଯେଉଁଠାରେ ରାଜ୍ୟ ସାରାରୁ ବିଶିଷ୍ଟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କ ଅନୁକରଣୀୟ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ପୋଲିସ ନିଶାଦ୍ରବ୍ୟ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖିବା ଏବଂ ଗୁଣାତ୍ମକ ତଦନ୍ତ ଏବଂ ଏନଡିପିଏସ୍ ମାମଲାର ସମୟୋଚିତ ଦଣ୍ଡ ବିଧାନ ମାଧ୍ୟମରେ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

ବାଇକ୍ ଚୋରକୁ କୋର୍ଟ ଚାଲାଣ



ଫୁଲବାଣୀ, ୨୧।୩ (ସଂଚାର ବ୍ୟୁରୋ): ଖଜୁରୀପଡ଼ା ଥାନା ଅନ୍ତର୍ଗତ ଗୁଦାରୀ ଅଞ୍ଚଳରୁ ଏକ ବାଇକ୍ ଚୋରି କରି ଫେରାର ହେଉଥିବା ବେଳେ ପୁଲିସ ଚଢ଼ାଉ କରି ଚୋରକୁ କାବୁ କରିବାରେ ସଫଳ ହୋଇଛି। ପୁଲିସ ବାଇକ୍‌ଟିକୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଚୋରକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗୁଦାରୀ ଗ୍ରାମରୁ ଓଡି ୧୨ ଡି ୨୪୧୫ ବଜାଜ୍ ପଲ୍ସର୍ ବାଇକ୍ ଚୋରି ହେଉଥିବା ନେଇ ପୁଲିସ ପାଖରେ ବିଶ୍ୱସ୍ତ ସୂତ୍ରରୁ ଖବର ପହଞ୍ଚିଥିଲା। ଖବର ପାଇବା କ୍ଷଣି ଖଜୁରୀପଡ଼ା ଥାନା ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ତୁରନ୍ତ ସମ୍ପୃକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ବଲ ଗୋଡ଼ ଅଞ୍ଚଳର ସୌକ୍ ଅସିଫ ମହମ୍ମଦ ବାଇକ୍ ନେଇ ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ତାକୁ ଘେରି ଯାଇଥିଲା। ଘଟଣାସ୍ଥଳରୁ ଚୋରି ହୋଇଥିବା ବାଇକ୍‌କୁ ଜବତ କରାଯାଇଛି। ପୋଲିସ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରିବା ପରେ ତା'ର ସମ୍ପୃକ୍ତି ଜଣାପଡ଼ିଥିଲା ପରେ କୋର୍ଟ ଚାଲାଣ କରାଯାଇଛି।

ଭତରା ସମାଜରୁ ବାସନ୍ଦ ବିଧାୟକ ସଦାଶିବ ପ୍ରଧାନୀଙ୍କ ପରିବାର

ନବରଙ୍ଗପୁର, ୨୧।୩ (ସଂଚାର ବ୍ୟୁରୋ): ନିଜ ଝିଅକୁ ଅନ୍ୟ ଜାତିରେ ବିବାହ କରିବାକୁ ପ୍ରସ୍ତୁତ ହେଉଥିବାକୁ ନେଇ ଅଡୁଆରେ ଫସିଛନ୍ତି ନବରଙ୍ଗପୁରର ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ। ତାଙ୍କୁ ଓ ତାଙ୍କ ପରିବାରକୁ ନିଜ ଜାତିରୁ ବାସନ୍ଦ କରିଛି ଅଖିଳ ଭାରତୀୟ ଭତରା ବିକାଶ ପରିଷଦ। ଏନେଇ ପରିଷଦ ପକ୍ଷରୁ ଚିଠି ମାଧ୍ୟମରେ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ନବରଙ୍ଗପୁର ବିଧାନସଭା କ୍ଷେତ୍ରର ପୂର୍ବତନ ବିଜେଡି ବିଧାୟକ ସଦାଶିବ ପ୍ରଧାନୀ ତାଙ୍କ ଝିଅକୁ ଭତରା ସମାଜର ନୀତି ଓ ନିୟମ ନ ମାନି ଅନ୍ୟ ଜାତି (ବ୍ରାହ୍ମଣ)ର ପୁଅକୁ ବିବାହ କରିବାକୁ ଯାଉଥିବା ବୈଠକରେ ଆଲୋଚନା ହୋଇଥିଲା। ତାଙ୍କ ଝିଅ ଓ ଅନ୍ୟ ଜାତିର ପୁଅ ସହ ନିର୍ବନ୍ଧ ସରି ଯାଇଥିବା ବେଳେ ଏହା ଜିଲ୍ଲା ଅଖିଳ ଭାରତୀୟ ବିକାଶ ପରିଷଦ ଜାଣି ପାରିଥିଲେ। ଜଣେ ଭତରା ପରିବାରର ହୋଇଥିଲେ ସୁଦ୍ଧା ଅନ୍ୟ ଜାତିର ପୁଅକୁ ବିବାହ ଦେଉ ଥିବାରୁ ଜିଲ୍ଲା ଭତରା ସମାଜ ତରଫରୁ ଏହାକୁ ଘୋର ବିରୋଧ କରିବା ସହ ଆଜି ଝରିଗାଁ ବ୍ଲକ ଧାମଣାଗୁଡା ଅନ୍ତର୍ଗତ ଦକ୍ତେଶ୍ୱରି ମନ୍ଦିର ପରିସରରେ ଜିଲ୍ଲାର ୧୦ ଗୋଟି ବ୍ଲକର ଭତରା ସମାଜର କାର୍ଯ୍ୟକର୍ତ୍ତାଙ୍କୁ ଡକାଯାଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଭତରା ସମାଜର ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ ଓ ତାଙ୍କ ପରିବାରକୁ ଭତରା ସମାଜ ତରଫରୁ ବାସନ୍ଦ କରାଯାଇଥିଲା। ଏହି ବାସନ୍ଦ ସମୟରେ ଶ୍ରୀ ପ୍ରଧାନୀଙ୍କ ପରିବାର ଲୋକଙ୍କ କୌଣସି ସୁଖ, ଦୁଃଖ କିମ୍ବା ସାମାଜିକ କାର୍ଯ୍ୟରେ ଜିଲ୍ଲାର ଭତରା ସମାଜର ଲୋକେ ଯୋଗ ଦେବେ ନାହିଁ। ଏନେଇ ଉଭୟ ଭତରା ବିକାଶ ପରିଷଦର କୌଣସି ସଦସ୍ୟ କିମ୍ବା ସଦାଶିବ ପ୍ରଧାନୀ ଓ ତାଙ୍କ ପରିବାରର କୌଣସି ସଦସ୍ୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ବିଚିତ୍ର ଶିକ୍ଷା ବ୍ୟବସ୍ଥା
ଗୋଟିଏ ଗୃହରେ ୨ଟି ଶ୍ରେଣୀର ପିଲା



ହିଞ୍ଜିଳିକାଟୁ, ୨୧।୩ (ସଂଚାର ବ୍ୟୁରୋ): ଶିକ୍ଷାକୁ ସରକାର ସଦାବେଳେ ଗୁରୁତ୍ୱ ଦେଇ ଆସୁଥିବାବେଳେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି। ହେଲେ ଗ୍ରାଉଣ୍ଡ ଜିରୋକୁ ଯାଇ ବାସ୍ତବ ସ୍ଥିତି ପରଖିଲେ ପୁରା ଓଲଟା। ସଭିଏଁ ପଢିବେ, ସଭିଏଁ ବଢ଼ିବେ ନାରା ଏବେ ଯେମିତି ପିଲାଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଯେଉଁ କୋଠରୀରେ ଗୋଟିଏ ଶ୍ରେଣୀ ହେବା କଥା, ସେହି ଗୋଟିଏ କୋଠରୀରେ ଦୁଇ ଦୁଇଟି ଶ୍ରେଣୀରେ ପାଠପଢା କିଭଳି ଚାଲୁଥିବ ତାହା ସ୍ପଷ୍ଟ ଅନୁମେୟ। ଏହି ଦୃଶ୍ୟ ହେଉଛି ହିଞ୍ଜିଳିକାଟୁ ପୌରପରିଷଦ ରେଗିଡି ପ୍ରାଥମିକ ବିଦ୍ୟାଳୟର।

ପ୍ରକାଶ ଥାଉ କି, ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ୨୦୦୩ ମସିହା ଜୁନ ୨୯ ତାରିଖରେ ମାତ୍ର ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରେଗିଡି ବିଦ୍ୟାଳୟ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଆଉ ହିଞ୍ଜିଳିକାଟୁ ପୌରାଞ୍ଚଳର ୧୦ ନଂ ୱାର୍ଡରେ ରହିଛି ରେଗିଡି ପ୍ରାଥମିକ ବିଦ୍ୟାଳୟ। ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ସମୁଦାୟ ୧୦୨ ପିଲା ପାଠ ପଢ଼ନ୍ତି। ଦିନକୁ ଦିନ ପିଲା ସଂଖ୍ୟା ବଢିବା ବଦଳେ କମୁଛି। ରେଗିଡି, ମୋହନ କଲୋନୀ, ବ୍ଲକ ଓ ନୂଆଗଡର ପିଲେ ପାଠ ପଢ଼ାରେ ନାମ ଲେଖାଉଛନ୍ତି। କାର୍ଯ୍ୟାଳୟ ଓ ପିଲାଙ୍କ ମଧ୍ୟାହ୍ନ ଭୋଜନ ଖାଇବା କୋଠରୀକୁ ବାଦ୍ ଦେଲେ ୬ଟି କୋଠରୀ ରହିଛି କିନ୍ତୁ ପଲସ୍ତରା ଖସିବା ଆଶଙ୍କାରେ ମାତ୍ର ୩ଟି କୋଠାରେ ପାଠପଢ଼ା ଚାଲିଛି। ମଧ୍ୟାହ୍ନ ଭୋଜନ କୋଠା କଥା ନ କହିଲେ ଭଲ ଛାତ ଆଁ କରି ମୃତ୍ୟୁକୁ ଡାକୁଛି। ଯାହାକି ନିର୍ମାନାର କାର୍ଯ୍ୟ ଜଳଜଳ ଦିଶୁଛି। ଆଉ ଦୁଇଟି କୋଠା ଶିକ୍ଷଣ ସାମଗ୍ରୀ ଭଣ୍ଡାର ଗୃହ ଅନ୍ୟଟିରେ ପିଲା ଖାଉଛନ୍ତି। ପିଲାଙ୍କ ପାଇଁ ଖେଳ ପଡ଼ିଆ ନାହିଁ କିନ୍ତୁ ସମ୍ମୁଖରେ ମିନି ପାର୍କ ଅଛି, ବ୍ୟାୟାମଶାଳା ଏବେ ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆଡ୍ଡାସ୍ଥଳୀ। ୨ ଜଣ ଶିକ୍ଷକ ଓ ଜଣେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ସବୁଲି ହେଉଛି ପ୍ରାଥମିକ ବିଦ୍ୟାଳୟ। ପ୍ରଧାନ ଶିକ୍ଷକ ପଦ ଦୀର୍ଘ ୧୨ ବର୍ଷ ହେଲା ପୂରଣ ହୋଇପାରୁନାହିଁ। ଏଭଳି ସ୍ଥଳେ ଶିକ୍ଷା ବିଭାଗ ଉପରୋକ୍ତ ସମସ୍ୟା ଗୁଡ଼ିକରେ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବାକୁ ଅଂଚଳବାସୀ ଦାବି କରିଛନ୍ତି।

ଛାତରୁ ପଲସ୍ତରା ଖସିବା ଆଶଙ୍କା
୧୨ ବର୍ଷ ହେଲା ନାହାନ୍ତି ସ୍ଥାୟୀ ପ୍ରଧାନ ଶିକ୍ଷକ
ଦିନକୁ ଦିନ କମୁଛି ପିଲାଙ୍କ ସଂଖ୍ୟା

ମେଘା ପାଣି ପ୍ରକଳ୍ପ ହେଲା କାଳ
ପାଣି ସଙ୍କଟ ଭୋଗୁଛନ୍ତି କାଳରୁହିର ୬ ପରିବାର



ବାଲିଆପାଳ, ୨୧।୩ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ଅଧିନରେ ଥିବା କାଳରୁହିରୁ କାଠପୋଲ ରାସ୍ତା ପାର୍ଶ୍ୱରେ ଛଅ ପରିବାରରେ ପ୍ରାୟ ତିରିଶରୁ ଚାଳିଶି ଲୋକ ବସବାସ କରନ୍ତି। ପଞ୍ଚାୟତର ଥିବା ବସୁଧା ପାଣି ପାଇପରୁ ଆବଶ୍ୟକ

କୋଷ୍ଟ କେନାଲ ପାଣି ପିଇ ବିତାଉଛନ୍ତି ଜୀବନ

ଅନୁସାରେ ପାଣି ପାଇ ପାରୁଥିଲେ। ମାତ୍ର ଦୁଇ ମାସ ତଳେ ବାଲିଆପାଳରେ ବ୍ଲଷ୍ଟାର ଠିକାଦାର ସଂସ୍ଥା ଦ୍ୱାରା ଚାଲୁ ରହିଥିବା ମେଘା ପ୍ରକଳ୍ପର ମୋଟା ପାଇପ ଲେବର ମାନଙ୍କ ଦ୍ୱାରା ପକାଯାଇଥିଲା। ସେବେଠାରୁ ବସୁଧା ପାଣି ପାଇପରୁ ବୁନ୍ଦାଏ ମଧ୍ୟ ପାଣି ବାହାରୁନାହିଁ। ପାନୀୟ ଜଳ ପାଇଁ ଦୁଇ କିଲୋମିଟର ରାସ୍ତା ଯିବାକୁ ପଡୁଛି ନଚେତ ପାଖରେ ବୋହି ଯାଉଥିବା କୋଷ୍ଟ କେନାଲ ପାଣିରେ ଜୀବନ ବିତାଉଛନ୍ତି ଏହି ଛଅ ପରିବାର।

ଏନେଇ ସଂସ୍ଥା ଏବଂ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରି ନଯ୍ୟାନ୍ତ ହେଲେଣି ଲୋକେ। ଗ୍ରୀଷ୍ମପ୍ରବାହ ପାଇଁ ଏବେ କୋଷ୍ଟ କେନାଲରେ ପାଣି କ୍ରମଶଃ କମୁଥିବାରୁ ନିତି ବ୍ୟବହାର୍ଯ୍ୟ ପାଇଁ ଉପଯୁକ୍ତ ହୋଇପାରୁନାହିଁ। ଲୋକେ ଜାମକୁଣ୍ଡା ପଞ୍ଚାୟତର ସରପଞ୍ଚ କାଞ୍ଚନବାଳା ମାହାନାଙ୍କୁ ଅଭିଯୋଗ କରିବା ପରେ ତାଙ୍କର ଆଉ ଛଅ ମାସ କାର୍ଯ୍ୟକାଳ ରହିଛି ମୁଁ କିଛି ବୁଝି ପାରିବି ନାହିଁ ବୋଲି ଅଭିଯୋଗ କରିଛନ୍ତି ସୁରେନ୍ଦ୍ର କର, ଅସିତ ସାମଲ, ମନ୍ମଥ ସାହୁ, ଗୋପାଳ ଜେନା, ମନ୍ମଥ ଘଡି, ରଜନୀକାନ୍ତ ସାହୁ, ଜଗନ୍ନାଥ ଘଡାଇ ପ୍ରମୁଖ।

ଏନେଇ ବାଲିଆପାଳ ଆରଡବ୍ଲ୍ୟୁଏସଏସର ଅଧିକାରୀ ପଙ୍କଜ କୁମାର ତ୍ରିପାଠୀ କହିଛିନ୍ତି ଆମକୁ କୌଣସି ଅଭିଯୋଗ ଆସିନାହିଁ । ସରପଞ୍ଚ ଶ୍ରୀମତୀ ମାହାନା କହିଛନ୍ତି ଯେହେତୁ ଏହା ପଞ୍ଚାୟତର କାର୍ଯ୍ୟ ନୁହଁ ତଥାପି ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି।

ନୀଳାଚଳ ଇସ୍ପାତରେ ଶିଳ୍ପ ସୁରକ୍ଷା ପାଇଁ ଜରୁରୀକାଳୀନ ମକ୍ ଡ୍ରିଲ୍



ଯାଜପୁର, ୨୧।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ)ରେ ଏହାର କଳିଙ୍ଗନଗର ପ୍ଲାଣ୍ଟ ପରିସରରେ ଶିଳ୍ପ ସୁରକ୍ଷା ଏବଂ ଜରୁରୀକାଳୀନ ସତର୍କତା ପାଇଁ ଏକ ପୂର୍ଣ୍ଣକାଳୀନ ଅନ୍-ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। କୋଇଲା ଏବଂ ବାଇ-ପ୍ରୋଡକ୍ଟ ପ୍ଲାଣ୍ଟର 'ଟାର୍ ଷ୍ଟୋରେଜ୍' ଅଞ୍ଚଳରେ ନିଆଁ ଲାଗିଲେ କିପରି ଉଦ୍ଧାର କରାଯିବ, ସେଥିପାଇଁ ଏକ ମିଳିତ ଅଭ୍ୟାସ କରାଯାଇଥିଲା। ଏହି ମକ୍ ଡ୍ରିଲ୍ ଯାଜପୁର ଜୋନ୍‌ର କାରଖାନା ଏବଂ ବଏଲର ସହକାରୀ ନିର୍ଦ୍ଦେଶକ ଶ୍ରୀ ଗଣେଶ୍ୱର ମାଡିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ଦାନଗଦୀର ଅଗ୍ନିଶମ କେନ୍ଦ୍ର ଅଧିକାରୀ ଶ୍ରୀ ସୁରେଶ କୁମାର ଜେନାଙ୍କ ସମେତ ଆଭ୍ୟନ୍ତରୀଣ ସୁରକ୍ଷା ନେତୃତ୍ୱ ବୃନ୍ଦ ଅଂଶଗ୍ରହଣ କରିଥିଲେ। ଏହି ମକ୍ ଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଉଚ୍ଚ-ବିପଦପୂର୍ଣ୍ଣ ପରିସ୍ଥିତିକୁ ସମ୍ଭାଳିବା ପାଇଁ ପ୍ଲାଣ୍ଟର ପ୍ରସ୍ତୁତି ଏବଂ ଜରୁରୀକାଳୀନ ସେବାଗୁଡ଼ିକର ସଠିକ୍ ସମନ୍ୱୟର ଏକ ବ୍ୟାପକ ସମୀକ୍ଷା କରିବା।

ସ୍ୱାସ୍ଥ୍ୟ ଓ ରକ୍ତ ପରୀକ୍ଷା ଶିବିର



ଫୁଲବାଣୀ, ୨୧।୩ (ସଂଚାର ବ୍ୟୁରୋ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କନ୍ଧମାଳ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି, ଭୁବନେଶ୍ୱରର ମିଳିତ ସହଯୋଗରେ ଏକ ଗୋଷ୍ଠିସ୍ତରୀୟ ସ୍ୱାସ୍ଥ୍ୟ ଶିବିର ଓ ରକ୍ତ ପରିକ୍ଷା କାର୍ଯ୍ୟକ୍ରମ ସ୍ଥାନୀୟ ଗୁଦାରୀ ଆୟୁଷମାନ ଆରୋଗ୍ୟ ମନ୍ଦିର ଠାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନ ମାଧ୍ୟମରେ ଜିଲ୍ଲାରେ ଚାଲିଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ଦ୍ୱାରା କନ୍ଧମାଳ ଜିଲ୍ଲାର କୋଣ ଅନୁକୋଣରେ ଥିବା ଏଚ୍‌ଆଇଭି ସଂକ୍ରମିତ ମାନଙ୍କୁ ଚିହ୍ନଟ କରିବା ପାଇଁ ଗୋଷ୍ଠି ସ୍ତରରେ ସ୍ୱାସ୍ଥ୍ୟ ଶିବିର ସହିତ ସାମୂହିକ ରକ୍ତ ପରୀକ୍ଷା କରାଯାଉଛ। ଏହି ଶିବିରରେ ସାଧାରଣ ରୋଗୀଙ୍କର ଚିକିତ୍ସା ସହିତ ତିନି ପ୍ରକାର ଯଥା- ହେପାଟାଇଟିସ୍-ବି, ହେପାଟାଇଟିସ୍-ସି ଓ ଏଚ୍.ଆ.ଇ.ଭି. ପାଇଁ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ଡାକ୍ତର ସତ୍ୟଶିବ ପରିଡା, ଡାକ୍ତର ଚିନ୍ମୟ କୁମାର ବେହେରା ଓ ଡାକ୍ତର ବିଶ୍ୱରଞ୍ଜନ ଦାସ ଯୋଗଦେଇ ରୋଗୀମାନଙ୍କର ଚିକିତ୍ସା କରିଥିବା ବେଳେ ଫାର୍ମାସିଷ୍ଟ ଜଗନ୍ନାଥ ଗୌଡଙ୍କ ସହଯୋଗରେ ମୋଟ ଭାବରେ ୭୭ ଜଣଙ୍କୁ ମାଗଣା ଔଷଧ ବଂଟନ କରାଯାଇଥିଲା।

ନୀଳଗିରି ମେଡିକାଲ ଶୌଚାଳୟରେ ଝୁଲୁଛି ତାଲା



ରୋଗୀ ବ୍ୟବହାର ପାଇଁ ଉଦ୍ଘିଷ୍ଟ ଶୌଚାଳୟ ବନ୍ଦ କାହା ସ୍ୱାର୍ଥରେ ?

ନୀଳଗିରି, ୨୧।୩ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ ସ୍ୱାସ୍ଥ କେନ୍ଦ୍ର, ନୀଳଗିରି ପରିସରରେ ୨୦୧୫ ମସିହାରେ ତତ୍କାଳୀନ ବାଲେଶ୍ୱର ସାଂସଦ ରବୀନ୍ଦ୍ର ଜେନା ଓ ତତ୍କାଳୀନ ନୀଳଗିରି ବିଧାୟକ ଇଂ ସୁକାନ୍ତ ନାୟକଙ୍କ ଦ୍ୱାରା ୧୦ ଲକ୍ଷ ଟଙ୍କା ଅନୁଦାନ ରାଶିରେନୀଳଗିରି ହସ୍ପିଟାଲରପରିସର ଚିବି ୱାଡ଼ ନିକଟରେ ରୋଗୀଙ୍କ ଉଦ୍ଦେଶ୍ୟରେ ଏକ ପୁରୁଷ ଓ ମହିଳା ଶୌଚାଳୟ ନିର୍ମାଣ କରାଯାଇ ତତ୍କାଳୀନ ସାଂସଦ ଶ୍ରୀଯୁକ୍ତ ଜେନା ଓ ତତ୍କାଳୀନ ବିଧାୟକ ଶ୍ରୀଯୁକ୍ତ ନାୟକ ଏବଂ ତତ୍କାଳୀନ ଏସ୍ ଡିଏମଓ ଡ଼. ଅଜୟ କୁମାର ସାମଲଙ୍କ ଦ୍ୱାରା ଗତ ତା୯/୪/୨୦୧୫ ମସିହାରେ ଉଦଘାଟିତ ହୋଇଥିଲା। ପରବର୍ତ୍ତୀ ସମୟରେ ବେଶ ରୋଗୀ ଓ ରୋଗୀଙ୍କ ସହିତ ଆସିଥିବା ସମ୍ପର୍କୀୟମାନେ ବ୍ୟବହାର କରୁଥିଲେ। ଦୀର୍ଘ ପ୍ରାୟ ୨ବର୍ଷ ହେଲା ସଦା ସର୍ବଦା ଉକ୍ତ ଶୌଚାଳୟରେ ତାଲା ପଡିରହୁଥିବା ଦେଖିବାକୁ ମିଳିଛି। ବିଶେଷ କରି ରୋଗୀଙ୍କ ଉଦ୍ଦେଶ୍ୟରେ ଏହି ଶୌଚାଳୟକୁ ରୋଗୀ ଓ ସମ୍ପର୍କୀୟ ଶୌଚ ପାଇଁ ଯାଉଥିବା ବେଳେ ତାଲା ପଡିଥିବା କାରଣରୁ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି।

ଗତ ୨ବର୍ଷ ଆଗରୁ ଉକ୍ତ ଶୌଚାଳୟ ଭିତର ପାଖରେ ବିଛା ଯାଇଥିବା ମାର୍ବଲ ଟାଇଲ ସୁରକ୍ଷିତ ଅବସ୍ଥାରେ ଥିଲେ ମଧ୍ୟ ତାକୁ ଭଙ୍ଗା ଯାଇ ପୁଣି ଆଉଥରେ ନୂତନ ଭାବେ ଟାଇଲ ବିଛେଇବାକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛି। ଲକ୍ଷ ଲକ୍ଷ ଟଙ୍କାର ମାର୍ବଲ ଟାଇଲସ ନଷ୍ଟ କରାଯାଇ ପୁଣି ନୂତନ ଟାଇଲ ବିଛାଣି କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠିଛି ? ତେବେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି। ଘଟଣା ସମ୍ପର୍କରେ ଏସଡିମି ଡ଼. ସତ୍ୟନାରାୟଣ ନାୟକ ପଚାରିବାରୁ ସେ କୌଣସି ଉତ୍ତର ଦେବାକୁ ମନା କରିଥିଲେ।

ବିନା ସୂଚନା ଫଳକରେ ପୋଖରୀ ଖନନ



ଆନନ୍ଦପୁର, ୨୧।

ପାରା ଆଥଲେଟ୍

ଜୀବନ ସଂଘର୍ଷର ବିଜେତା

ହରିୟାଣା ପ୍ରଥମ, ତାମିଲନାଡୁ ଦ୍ୱିତୀୟ, ଗୁଜରାଟ ତୃତୀୟ

ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୧୭ଟି ପଦକ



ଭୁବନେଶ୍ୱର,୨୧।୩ (ସଂଚାର ବ୍ୟୁରୋ): ୨୪ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିୟାନସିପ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମଠାରେ ଉଦଯାପିତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସମସ୍ତ ବିଜେତା ଆଥଲେଟଙ୍କୁ ପୁରସ୍କୃତ କରିବା ସହ ଆଗାମୀ ସମୟରେ ସମସ୍ତ ଖେଳରେ ନିଜର ପରିଶ୍ରମ ଅବ୍ୟାହତ ରଖିବା ପାଇଁ ପରାମର୍ଶ ଦେଇଥିଲେ। ହାର ଜିତ ତ ସବୁ ଖେଳାଳି ଜୀବନରେ ଆସିଥାଏ, କିନ୍ତୁ ପ୍ରକୃତ ଜୀବନର ସଂଘର୍ଷକୁ ଜିତିଯାଇଥିବା ବିଜେତା ହେଉଛନ୍ତି ଆପଣମାନେ। କାରଣ ଆପଣମାନେ ନିଜର ଦୁର୍ବଳତାକୁ ନିଜର ଶକ୍ତି କରିଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ସମ୍ବୋଧନ କରି କହିଥିଲେ। ନିଜ ଅଭିଭାଷଣରେ ଅଲିମ୍ପିକ ପଦକ ବିଜେତା ପ୍ରମୋଦ ଭଗତ ଓ ଭି. ରମେଶ ରାଓଙ୍କ ପରି କ୍ରୀଡାବିତଙ୍କ ପଥ ଅନୁସରଣ କରି ଉତ୍କର୍ଷ ହାସଲ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କ୍ରୀଡ଼ାବିତମାନଙ୍କୁ ପରାମର୍ଶ ଦେଇଥିଲେ। ସଫଳତା ଆପଣମାନଙ୍କୁ ଅପେକ୍ଷା କରି ରହିଛି। ଆପଣଙ୍କୁ କେହି ଅଟକେଇପାରିବେ ନାହିଁ। ଆଜି ଯେଉଁ ଓଡ଼ିଆ ଆଥଲେଟମାନେ ସଫଳତା ହାସଲ କରିଛନ୍ତି, ମେଡାଲ ପାଇଛନ୍ତି, ସେମାନେ ତାଙ୍କର ଉଦ୍ୟମ ଜାରି ରଖନ୍ତୁ, ବିଶ୍ୱ ସ୍ତରରେ ନିଜର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରନ୍ତୁ। ବିଶ୍ୱରେ ଓଡ଼ିଶାର ପ୍ରତିଭାକୁ ନୂଆ ପରିଚୟ ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ଚାମ୍ପିୟନସିପରେ ୨୮ଟି ରାଜ୍ୟର ୧୪୬୦ ଜଣ ପାରା-ଆଥଲେଟ୍ ଭାଗ ନେଇଥିଲେ। ଆଜି ଉଦ୍‌ଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ଚମ୍ପିୟାନ ଦଳ ଭାବେ ହରିୟାଣାକୁ ୯୫ଟି, ତାମିଲନାଡୁକୁ ୫୧ଟି ଓ ଗୁଜରାଟକୁ ୩୦ଟି ମେଡାଲ ମିଳିଛି। ଏହି ଚାମ୍ପିୟନସିପରେ ଓଡ଼ିଶା ୫ଟି ସ୍ୱର୍ଣ୍ଣ ପଦକ ସହିତ ସମୁଦାୟ ୧୭ଟି ପଦକ ପାଇଛି।

ମୁଖ୍ୟ ଶାସନ ସଚିବଙ୍କ ସଚିବସ୍ତରୀୟ ବୈଠକ

ସରକାରୀ କୋଠାର ବିଦ୍ୟୁତ ବ୍ୟବସ୍ଥା ତନଖି ନିର୍ଦ୍ଦେଶ



- ଜୁନ ସୁଦ୍ଧା ଆଉ ୨୪ ହଜାର ପଦବୀ ପୂରଣ ଲକ୍ଷ୍ୟ
- ଏବେ ସୁଦ୍ଧା ୭୮.୭୭% ରାଜସ୍ୱ ଆଦାୟ ହୋଇଛି

ଭୁବନେଶ୍ୱର,୨୧।୩(ସଂଚାର ବ୍ୟୁରୋ):ସବୁ ସରକାରୀ କାର୍ଯ୍ୟାଳୟରେ ବିଦ୍ୟୁତ ସୁରକ୍ଷା ବ୍ୟବସ୍ଥାର ତନଖି ହେବ। ବୈଦ୍ୟୁତିକ ଉପକରଣର ନିୟମିତ ଯାଞ୍ଚ ସହ ଆବଶ୍ୟକ ଉନ୍ନତିକରଣ କାର୍ଯ୍ୟରେ ସତର୍କତା ଅବଲମ୍ବନ କରିବାକୁ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସଚିବସ୍ତରୀୟ ବୈଠକରେ ସବୁ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଜି ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ବ୍ୟୟ ଓ ଆସନ୍ତା ବଜେଟ ପାଇଁ ହୋଇଥିବା ଲକ୍ଷ୍ୟ ସମ୍ପର୍କରେ ସଚିବସ୍ତରୀୟ ବୈଠକରେ ଆଲୋଚନା ହୋଇଛି।

ବୈଠକରେ ଅର୍ଥ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଅଦ୍ୟାବଧି ହୋଇଥିବା ଆର୍ଥିକ ସ୍ଥିତି ଉପସ୍ଥାପନ କରାଯାଇଥିଲା। ଏହି ଆର୍ଥିକ ବର୍ଷରେ ବଜେଟ୍ ଅନୁମୋଦନ ଅନୁସାରେ ଅଦ୍ୟାବଧି ବିଭିନ୍ନ ବିଭାଗ ଦ୍ୱାରା ହୋଇଥିବା ଖର୍ଚ୍ଚ ଓ ରାଜସ୍ୱ ଆଦାୟ ଧାର୍ଯ୍ୟ ଲକ୍ଷ୍ୟ ପୂରଣର ତଥ୍ୟ ଉପସ୍ଥାପନ କରାଯାଇଥିଲା। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ସମବାୟ ଓ ଶକ୍ତି ବିଭାଗ ସମେତ ସାମାଜିକ କ୍ଷେତ୍ର ସମ୍ପର୍କିତ ବିଭିନ୍ନ ବିଭାଗରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଖର୍ଚ୍ଚ ହାର ଗତବର୍ଷ ଏହି ସମୟ ତୁଳନାରେ ବୃଦ୍ଧି ଘଟିଛି। ବୈଠକରେ ବିଭିନ୍ନ କ୍ଷେତ୍ରରୁ ଅଦ୍ୟାବଧି ରାଜସ୍ୱ ଆଦାୟ ଲକ୍ଷ୍ୟ ପ୍ରାୟ ୭୮.୭୭ ପ୍ରତିଶତ ହୋଇଥିବା ଜଣାଯାଇଛି। ଚଳିତ ମାସ ଶେଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ କାର୍ଯ୍ୟ ଅଗ୍ରଗତି ସହ ଓ ଖର୍ଚ୍ଚ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ବଜେଟ୍ ଓ କେନ୍ଦ୍ର ସରକାରଙ୍କ ଓଡ଼ିଶା ସମ୍ପର୍କିତ ବିକାଶମୂଳକ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ବାବଦରେ ରାଜ୍ୟ ମୁଖ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା, ପୌରାଞ୍ଚଳ, ବ୍ଲକ ଓ ଗ୍ରାମସଭା ସ୍ତରରେ 'ବଜେଟ୍ ସଭା' ଆୟୋଜନ କରାଯାଇ ଜନସାଧାରଣଙ୍କୁ ସୂଚନା ଦେବାକୁ ପଦକ୍ଷେପ ନିଆଯିବ। ଏହାଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଦକ୍ଷ ଓ ସ୍ୱଚ୍ଛତାର ସହ କାର୍ଯ୍ୟାନ୍ୱୟନ ହୋଇପାରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଥିସହ ବିଭିନ୍ନ ବିଭାଗରେ ଖାଲି ଥିବା ପଦବୀ ପୂରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସ୍ଥିର କରାଯାଇଛି। ଆଗାମୀ ଜୁନ୍ ସୁଦ୍ଧା ରାଜ୍ୟ ସରକାର ବିଭିନ୍ନ ବିଭାଗରେ ଖାଲି ଥିବା ୬୫ ହଜାର ପଦବୀ ପୂରଣ ପାଇଁ ଲକ୍ଷ୍ୟ ରଖିଥିବା ବେଳେ ସେଥି ମଧ୍ୟରୁ ୪୧,୦୬୩ଟି ପଦବୀ ପୂରଣ ହୋଇଛି ଓ ଅବଶିଷ୍ଟ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଇଥିବା ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୫ ପଏଣ୍ଟ କାର୍ଯ୍ୟସୂଚୀ ମଧ୍ୟରେ ପ୍ରମୁଖ ପଦକ୍ଷେପ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ପାଇଁ ପ୍ରସ୍ତୁତ ଓଡ଼ିଶା ଭିଜନ୍‌ର ଲକ୍ଷ୍ୟ ସାଧନ ପାଇଁ ପ୍ରସ୍ତୁତ ପ୍ରମୁଖ ଜନକଲ୍ୟାଣକାରୀ ବିକାଶ କ୍ଷେତ୍ର ପ୍ରକଳ୍ପ ଓ କାର୍ଯ୍ୟକ୍ରମ କାର୍ଯ୍ୟକାରିତା ଅଗ୍ରଗତିର ଆଲୋଚନା କରାଯାଇଥିଲା।

ବିଧାୟକ ଯାଉଥିବା ବସ୍ ଜଳିଗଲା

ଅଳ୍ପକେ ବର୍ତ୍ତିଲେ ୪୦ ଯାତ୍ରୀ



ମାଲକାନଗିରି,୨୧।୩(ସଂଚାର ବ୍ୟୁରୋ): ହୁତୁ ହୁତୁ ହୋଇ ଜଳିଲା ବସ। ଜଣେ ବିଧାୟକ ଯାଉଥିବା ବସ୍‌ରେ ଅଚାନକ ନିଆଁ ଲାଗି ଏହା ପୂରାପୂରି ଜଳିଯାଇଛି। କିନ୍ତୁ ସୌଭାଗ୍ୟବଶତଃ ଉକ୍ତ ବସ୍‌ରେ ଥିବା ବିଧାୟକଙ୍କ ସମେତ ମୋଟ ୪୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମାଲକାନଗିରି ଯିବା ସମୟରେ ବସ୍‌ରେ ଏଭଳି ଅଘଟଣ ଘଟିଥିଲା। ଭୁବନେଶ୍ୱରର ବରମୁଣ୍ଡା ବସଷ୍ଟାଣ୍ଡରୁ ବସଟି ମାଲକାନଗିରି ଅଭିମୁଖେ ଯାତ୍ରା କରୁଥିଲା। ତେବେ ଆନ୍ଧ୍ର ପ୍ରଦେଶର ରାମଭଦ୍ରପୁରମ ନିକଟରେ ପ୍ରାୟ ରାତି ୩ଟା ସମୟରେ ହଠାତ୍ ବସ୍‌ରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ବସ୍‌ଟି ପୂରାପୂରି ଜଳିଯାଇଛି। କିନ୍ତୁ ସେଥିରେ ଥିବା ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଥିଲା। ଫଳତଃ ଏହି ଅଗ୍ନିକାଣ୍ଡରେ କାହାର କିଛି ବି କ୍ଷତି ହୋଇନାହିଁ।

୭ କ୍ୱିଣ୍ଟାଲ୍ ଗଞ୍ଜେଇ, ପିକ୍‌ଅପ୍ ଭ୍ୟାନ୍ ଜବତ



ଫୁଲବାଣୀ,୨୧।୩(ସଂଚାର ବ୍ୟୁରୋ): ଜନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସକୁ ମିଳିଛି ବଡ଼ ସଫଳତା। ବିପୁଳ ପରିମାଣର ବେଆଇନ୍ ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡ଼ି ବସିଲା ପୁଲିସ୍। ବାରଖମା, ସୁଡ଼ା ଅଞ୍ଚଳରେ ପୁଲିସ୍ ପାଟ୍ରୋଲିଂ କରୁଥିବା ସମୟରେ ବାଲିଗୁଡ଼ା ଅଞ୍ଚଳରୁ ଅନ୍ୟ ଜିଲ୍ଲାକୁ ବିପୁଳ ପରିମାଣର ବେଆଇନ୍ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ପୁଲିସ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଞ୍ଚଳରେ ଯାଞ୍ଚକୁ କଡ଼ାକଡ଼ି କରିଥିଲା। ଏକ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି-୩୧-୫୯୦୧) ପୁଲିସକୁ ଦେଖି ଦ୍ରୁତ ଗତିରେ ଯାଉଥିବା ସମୟରେ ତା'ର ପିଛା କରି ପୁଲିସ୍ ସୁଡ଼ା ନିକଟରେ ଏହାକୁ କାବୁ କରିଥିଲା। ତେବେ ପୋଲିସ୍ ଆଖିରେ ଧୂଳିଦେଇ ଘଟଣାସ୍ଥଳରୁ ଚୋରା ଚାଲାଣକାରୀମାନେ ଫେରାର୍ ହୋଇଯାଇଛନ୍ତି। ପୁଲିସ୍ ୭ କ୍ୱିଣ୍ଟାଲ୍ ଓଜନର ବେଆଇନ୍ ଗଞ୍ଜେଇ ଜବତ କରିବା ସହ ସହ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏନେଇ ୭୪/୨୬ରେ ମାମଲା ରୁଜୁ କରି ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି।

କଫ ସିରପ୍ ଜବତ, ୪ ଗିରଫ

୨ଟି କାର୍ ଓ ୩ଟି ଦୁଇଚକିଆ ସହ ୧.୨୭ ଲକ୍ଷ ଜବତ



ଖୋର୍ଦ୍ଧା,୨୧।୩(ସଂଚାର ବ୍ୟୁରୋ): ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ପୁଲିସ ଖୋର୍ଦ୍ଧାରେ ଚାଲିଥିବା ନିଶା ନିବାରଣ ଅଭିଯାନରେ ୪ ଜଣ ସନ୍ଦିଗ୍ଧ ନିଶା ବ୍ୟବସାୟୀଙ୍କୁ ଗିରଫ କରିଛି ଓ ଏନଡିପିଏସ୍ ଅଧୀନରେ ୮୫୦ ବୋତଲ କୋଡିନ୍ ମିଶ୍ରିତ ପ୍ରତିବନ୍ଧିତ ଏସ୍ଟୁଫ୍ କଫ ସିରପ ଜବତ କରିଛି। ଜଟଣୀ ବାଇପାସ୍ ନିକଟରେ ସନ୍ଦିଗ୍ଧ ନିଶା ବ୍ୟବସାୟୀ ମୋଦି ପଡ଼ିଆରେ କଫ ସିରପ ଗଚ୍ଛିତ ରଖିବା ସହ ବିକ୍ରି ଓ ପରିବହନ କରୁଥିବା ନେଇ ନିର୍ଦ୍ଦିଷ୍ଟ ସୂତ୍ରରୁ ସୂଚନା ପାଇ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଆଇଆଇସିଙ୍କ ତତ୍ତ୍ୱାବଧାନରେ ଉମେଶ କୁମାର ସାହୁ, ଏସ୍‌ଆଇ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଏକ ଦଳ ଚଢ଼ାଉ କରିଥିଲା। ଏନେଇ ପୁଲିସ୍ ୪ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ବେଗୁନିଆର କାଦବା ଗ୍ରାମର ରଞ୍ଜନ ପାଟ୍ଟଶାଣୀ (୨୫), କଟକ ବାଲିସାହିର ଜ୍ୟୋତି ରଞ୍ଜନ ସାହୁ (୩୪), କଟକ ସେକ୍ ବଜାରର ତ୍ରିଲୋଚନ ସାହୁ (୪୨) ଓ ଜଗନ୍ନାଥ ପ୍ରଧାନ (୪୪)। ଏଥିସହ ପୁଲିସ୍ ୧ ଲକ୍ଷ ୨୭ ହଜାର ନଗଦ ଟଙ୍କା, ଗୋଟିଏ ନେକ୍ସନ୍ (ନଂ.ଓଡି୦୨ସିଆର୍ ୧୩୩୩), ଗୋଟିଏ କାର୍ (ନଂ.ଓଆର୍୦୨ବିକ୍ୟୁ ୧୩୩), ଗୋଟିଏ ପଲ୍‌ସର (ନଂ.ଓଡି୨୫ଏସ୍ ୧୮୯୪), ଗୋଟିଏ ବଜାଜ ଚେତକ ଇଭି ସ୍କୁଟି (ନଂ.ଟିଭିଡିଡି-୨ ଡିଇ ୬୪୪୨) ଓ ୫ଟି ମୋବାଇଲ୍ ଜବତ କରିଛି। ଚୋରା ସାମଗ୍ରୀର ମୂଳ ସନ୍ଧାନ ଓ ଅବୈଧ ନିଶା କାରବାରରେ ଜଡ଼ିତ ବ୍ୟାପକ ନେଟୱର୍କର ପର୍ଦ୍ଦାଫାସ ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ଖୋର୍ଦ୍ଧା ପୁଲିସ ଅଧୀକ୍ଷକ ବିବେକାନନ୍ଦ ଶର୍ମା କହିଛନ୍ତି।

ବିସ୍ଫୋରଣ ଖୋଲିଲା ବେଆଇନ କାରବାର

ବିନା ଲାଇସେନ୍ସରେ ଚାଲିଥିଲା ଗ୍ୟାସ୍ ବେପାର



ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ): ଭୁବନେଶ୍ୱର କଳିଙ୍ଗ ନଗର ଅଞ୍ଚଳରେ ଗ୍ୟାସ ଫିଲିଂ ବେଳେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ ଜଣେ ଗୁରୁତର ହୋଇ ଏମ୍ସରେ ଭର୍ତ୍ତି ହୋଇଛି। ବିସ୍ଫୋରଣରେ ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ୪ଟି ଗଡି ଜଳିଯାଇଛି। ବେଆଇନ ଗ୍ୟାସ ଏଜେନ୍ସି ଖୋଲିବା ସହିତ ଘର ଭିତରେ ଚୋରାରେ ବଡ ଟାଙ୍କିରୁ ୫ ଲିଟର ଟାଙ୍କିକୁ ଫିଲିଂ ବେଳେ ବିସ୍ଫୋରଣ ହୋଇଥିଲା। ଅସାବଧାନତା ଯୋଗୁଁ ଗ୍ୟାସ ଟାଙ୍କିରେ ନିଆଁ ଲାଗିଥିଲା। ଏଥିରେ ୧୬ଟି ବଡ ଟାଙ୍କି ଓ ୫ଟି ଛୋଟ ଟାଙ୍କି ବିସ୍ଫୋରଣ ହୋଇଥିଲା।

ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏହି ବିସ୍ଫୋରଣ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଦେଇଥିଲା। ଚାହୁଁ ଚାହୁଁ କେଇ ମିନିଟ୍ ମଧ୍ୟରେ ହୋଇଥିଲା ସିରିଏଲ ବିସ୍ଫୋରଣ। ଗ୍ୟାସ ଭର୍ତ୍ତି ଥିବା ଟାଙ୍କି ସବୁ ଏମିତି ଫାଟିଥିଲା ଯେ ଅନେକ ଦୂରକୁ ଛିଟିକି ପଡ଼ିଥିଲା ଲୁହା ସିଲିଣ୍ଡର। ଏପଟେ ପ୍ରଚଣ୍ଡ ବିସ୍ଫୋରଣ ପରେ ହୁତୁ ହୁତ ଜଳିଥିଲା ଘର। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଜଳିପୋଡି ପାଉଁଶ ହୋଇସାରିଥିଲା ସବୁ କିଛି।

ଆଜି ଏ ଅଘଟଣରେ ୧୬ଟି ଟାଙ୍କି ଫାଟିଥିବା ବେଳେ ପୋଡ଼ି ଯାଇଛି ୪ରୁ ଅଧିକ ମୋଟର ସାଇକେଲ। ଆଉ ଆହତ ହୋଇଛନ୍ତି ଜଣେ ସ୍ଥାନୀୟ ବ୍ୟକ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଛି। ସେପଟେ ବିସ୍ଫୋରଣ ପରେ ଖୋଲିଛି ଏହି ଅଞ୍ଚଳରେ ଚାଲିଥିବା ବେଆଇନ୍ ଏଲପିଜି କାରବାରର ଗୁମର। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଯେ ଲାଇସେନ୍ସ ନ ଥାଇ ଉକ୍ତ ଘରେ ଦୀର୍ଘ ଦିନ ଧରି ଚାଲିଥିଲା ବ୍ୟବସାୟ। ଏଠାରେ ୫ କିଗ୍ରା ସିଲିଣ୍ଡରକୁ ରିଫିଲିଂ କରାଯାଉଥିଲା। ତେବେ ଲୋକଙ୍କ ଅଭିଯୋଗ ପରେ ବି ଯୋଗାଣ ବିଭାଗର କେମିତି ଯା' ଉପରେ ନଜର ପଡ଼ିନଥିଲା, ତାକୁ ନେଇ ବର୍ଷିଛନ୍ତି ସ୍ଥାନୀୟ ଲୋକେ।

କେଶୁରାରେ ଯୁବକଙ୍କୁ ହାଣିଲେ ଦୁବୃର୍ତ୍ତ

ଭୁବନେଶ୍ୱର, ୨୧।୩ (ସଂଚାର ବ୍ୟୁରୋ) : ଅଶାନ୍ତ ରାଜଧାନୀ, କେଶୁରା ଅଞ୍ଚଳରେ ଯୁବକଙ୍କୁ ହାଣିଲେ ଦୁବୃର୍ତ୍ତ । ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି । ଆଜି ସନ୍ଧ୍ୟା ସାତରୁ ସାଢେ ସାତ ପାଖାପାଖି ହେବ ରାଜା ନାମକ ଜଣେ ଯୁବକଙ୍କୁ ବଡ଼ଗଡ଼ ଥାନା ଅନ୍ତର୍ଗତ କେଶୁରା ଅଞ୍ଚଳ ଗୋଡେଇ ଗୋଡେଇ ହାଣି ଲହୁ ଲୁହାଣ କରିଥିଲେ ଦୁବୃର୍ତ୍ତ । ସ୍ଥାନୀୟ ଲୋକେ ଆକ୍ରମଣର ଶିକାର ହୋଇଥିବା ଯୁବକଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। ଆକ୍ରମଣର ଶିକାର ହୋଇଥିବା ଯୁବକ କେଶୁରା ଅଞ୍ଚଳକୁ କାହିଁକି ଯାଇଥିଲେ ଏବଂ ଉକ୍ତ ଆକ୍ରମଣକାରୀମାନେ କାହିଁକି ଆକ୍ରମଣ କଲେ ତାହା ସ୍ପଷ୍ଟ ଜଣା ପଡ଼ିନାହିଁ । ହେଲେ ଆକ୍ରମଣର ଶିକାର ଯୁବକଙ୍କ ଘର ନୟାଗଡ ଅଂଚଳରେ । ସେ ଜଣେ କାର ଚାଳକ ଭାବରେ କାମ କରନ୍ତି । ମାଲିକଙ୍କଠାରୁ କାର ନେଇ ହାଇଟେକ ଅଞ୍ଚଳକୁ ଆସିଥିଲେ । ହାଇଟେକ ଛକରେ ଗାଡି ରଖି ସନ୍ଧ୍ୟା ସମୟରେ କେଶୁରା ଅଂଚଳକୁ ଯାଇଥିଲେ ଏବଂ ଆକ୍ରମଣର ଶିକାର ହୋଇଥିଲେ ।

ରାଜ୍ୟବ୍ୟାପୀ ସଡ଼କ ସୁରକ୍ଷା ଅଭିଯାନ ଆରମ୍ଭ

ଦିନକରେ ୧୭ ହଜାର ୮୩୧ ଚାଲାଣ



- ୯.୫୭ କୋଟିର ଜରିମାନା, ୬୪ ଗାଡ଼ି ଅଟକ
- ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ

କଟକ/ଭୁବନେଶ୍ୱର,୨୧।୩(ସଂଚାର ବ୍ୟୁରୋ):କଟକରୁ କୋରାପୁଟ, ବାଲେଶ୍ୱରରୁ ବରଗଡ଼। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ଆରମ୍ଭ ହୋଇଛି ସଡ଼କ ସୁରକ୍ଷାକୁ ନେଇ ସ୍ୱତନ୍ତ୍ର ଅଭିଯାନ। ପ୍ରଥମ ଦିନରେ ସନ୍ଧ୍ୟା ୫ଟା ସୁଦ୍ଧା ମୋଟର ଯାନ ଆଇନ ଉଲ୍ଲଙ୍ଘନ ଯୋଗୁଁ ଉଲ୍ଲଂଘନକାରୀଙ୍କ ବିରୋଧରେ ଜାରି ହୋଇଛି ୧୭ ହଜାର ୮୩୧ଟି ଇ-ଚାଲାଣ। ଏହିଁ ଚାଲାଣ ବାବଦରେ ୯ କୋଟି ୫୭ ଲକ୍ଷ ୫୯ ହଜାର ୫୦୪ ଟଙ୍କାର ଜରିମାନା ଲାଗୁ କରାଯାଇଛି। ଏହାଛଡ଼ା ସଡ଼କ ସୁରକ୍ଷା ନିୟମର ଗୁରୁତର ଉଲ୍ଲଙ୍ଘନ ଯୋଗୁଁ ୬୪ଟି ଗାଡ଼ିକୁ ଅଟକ ରଖାଯାଇଛି। ପ୍ରତିଦିନ ଉଭୟ ସକାଳେ ଓ ସନ୍ଧ୍ୟାରେ ଏଭଳି ଏନଫୋର୍ସମେଣ୍ଟ ଜାରି ରହିବ ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୩୧ ତାରିଖ ଏହି ସ୍ୱତନ୍ତ୍ର ଅଭିଯାନ ଚାଲିବ। ଏନଫୋର୍ସମେଣ୍ଟ ବ୍ୟତୀତ, ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେବେ ଆରଟିଓ। ପ୍ରଥମ ଦିନରେ ବିଭିନ୍ନ ସ୍ଥାନରେ ଗାଡ଼ି ଚାଳକମାନଙ୍କ ସହ ସଡ଼କ ସୁରକ୍ଷାର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରାଯାଇଛି। ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ବୁଝାଯାଇଛି।

ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁସଂଖ୍ୟା ହ୍ରାସ ଲକ୍ଷ୍ୟରେ ଅଭିଯାନ ଅଧୀନରେ ସମସ୍ତ ଆରଟିଓ ଓ ଏଆରଟିଓ ଏଥିପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି। ଅଭିଯାନ ସମୟରେ ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ଦ୍ରୁତଗତି, ମଦ୍ୟପାନ କରି ଡ୍ରାଇଭିଂ କରିବା, ବିନା ହେଲମେଟରେ ବାଇକ୍ ଚଳାଇବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା, ଅବୈଧ ପାର୍କିଂ, ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର ଓ ଓଭରଲୋଡିଂ ଭଳି ନିୟମ ଉଲ୍ଲଙ୍ଘନ ପରି ମୋଟର ଯାନ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ଏହି ଅବସରରେ ରାଜଧାନୀରେ ଦୂରଗାମୀ ବସ୍ ଚାଳକ ଓ କର୍ମଚାରୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ତା'ଛଡ଼ା ଯାଜପୁରରେ ପରିବେଶ ସୁରକ୍ଷା ପାଇଁ ଯାନବାହନ ପ୍ରଦୂଷଣ ରୋକିବାକୁ ଏକ ଗୋଷ୍ଠୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଢେଙ୍କାନାଳରେ ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚକୋଲେଟ୍ ଓ ଫୁଲ ଦେଇ ସଚେତନ କରାଯାଇଥିଲ

SANCHAR
ସଂଚାର
ରବିବାର ୨୨ ମାର୍ଚ୍ଚ ୨୦୨୬
BUSINESS

ଉପଭୋକ୍ତାଙ୍କ ପାଇଁ ଏଲପିଜି ସିଲିଣ୍ଡର ବୁକିଂ ସମୟରେ ବଡ଼ ପରିବର୍ତ୍ତନ

ସକାଳ ୭ରୁ ୮ଟା ମଧ୍ୟରେ ବୁକ୍ କରିପାରିବେ

ନୂଆଦିଲ୍ଲୀ ୨୧।୩ଃ ଏଲପିଜି ଉପଭୋକ୍ତାଙ୍କ ନିମନ୍ତେ ଏବେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହୋଇଛି, ଏଥିରେ ସିଲିଣ୍ଡର ବୁକ୍ କରିବା ପୂର୍ବାପେକ୍ଷା କଷ୍ଟକର ହୋଇଛି। ଏହା ପୂର୍ବରୁ ଗ୍ୟାସ୍ ସିଲିଣ୍ଡର ଯେବେ ସେବେ ବୁକିଂ କରାଯଇ ପାରୁଥିଲା। ହେଲେ ଏବେ ସେମିତି ହୋଇ ପାରିବନାହିଁ। ନୂଆ ପ୍ରଣାଳୀରେ ଗ୍ୟାସ୍ ଏଜେନ୍ସୀ ବୁକିଂ ସମୟ ଓ ଅନ୍ତରାଳକୁ ନେଇ କଡ଼ା ନିୟମ ଲାଗୁ କରିଛନ୍ତି। ଏଣୁ ଗ୍ୟାସ୍ ଉପଭୋକ୍ତା ପୂର୍ବାପେକ୍ଷା ଅଧିକ ସତର୍କ ରହିବାକୁ ହେବ। ନୂଆ ନିୟମ ଅନୁସାରେ ଏବେ ଆଗଭଳି ଆଉ ୨୪ ଘଣ୍ଟା ବୁକିଂ କରି ହେବନି।

ଉପଭୋକ୍ତାଙ୍କୁ ନିର୍ଦ୍ଧାରିତ ବୁକିଂ ସମୟ ପାଳନ କରିବାକୁ ପଡିବ। ଏବେ ବୁକିଂ କେବଳ ସକାଳ ୫ଟାରୁ ୭ଟା ମଧ୍ୟରେ ହୋଇ ପାରିବ। ଏହା ପରେ ରାତି ୮ଟାରୁ ୧୨ ମଧ୍ୟରେ କଲ ଅଥବା ମ୍ୟାସେଜ ଜରିଆରେ ବୁକିଂ କରି ହେବ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ତାହା ହେଉଛି ସକାଳ ୭ଟା ପରେ ଓ ରାତି ୮ଟା ପୂର୍ବରୁ ଆଉ ବୁକିଂ ହୋଇ ପାରିବ ନାହିଁ। ଏଣୁ ଯଦି ଆପଣଙ୍କ ଗ୍ୟାସ୍ ସିଲିଣ୍ଡରରୁ ଶେଷ



ହୋଇଯାଇଛି ଏଥି ପାଇଁ ଆପଣଙ୍କୁ ପୂର୍ବରୁ ଯୋଜନା କରିବାକୁ ପଡିବ।

ଏହା ଛଡା ଆପଣ ଯଦି ସହରାଞ୍ଚଳରେ ରହୁଛନ୍ତି ଗୋଟିଏ ବୁକିଂର ୨୫ ଦିନ ପରେ ଦ୍ୱିତୀୟ ବୁକିଂ ହୋଇ ପାରିବ। ଗ୍ରାମାଞ୍ଚଳ ଲାଗି ଏହି ସୀମା ୪୫ ଦିନ। ମଝିରେ କେହି ଗ୍ୟାସ୍ ନେଇ ପାରିବେ ନାହିଁ। ୨୫ ଅଥବା ୪୫ ଦିନ ପୂର୍ବରୁ ନୂଆ ବୁକିଂକୁ ସିଷ୍ଟମ ସ୍ୱୀକାର କରିବ ନାହିଁ। ଏପରି ନିୟମ କରିବାର ଉଦ୍ଦେଶ୍ୟ ଗ୍ୟାସ୍ ଉପଲବ୍ଧତା ସନ୍ତୁଳିତ ରଖିବା ଓ ଅନାବଶ୍ୟକ ବୁକିଂକୁ ଅଟକାଇବା। ଏହି ନୂଆ ନିୟମ ଲାଗୁ ହେବା ଦ୍ୱାରା ଉପଭୋକ୍ତାଙ୍କୁ ସେମାନଙ୍କ ଆବଶ୍ୟକତା ଓ ସମୟକୁ ପ୍ରବନ୍ଧନ କରିବାକୁ ପଡିବ। ଗ୍ୟାସ୍ ଯୋଗାଣରେ କୌଣସି ପ୍ରକାରର ଅସୁବିଧା ଯେ ପରି ନ ହୁଏ ସେଥି ପାଇଁ ସଠିକ ସମୟରେ ବୁକିଂ ଓ ବ୍ୟବଧାନ ପାଳନ କରିବା ଏବେ ଅତ୍ୟନ୍ତ ଜରୁରି ହୋଇ ପଡିଛି।

ଯଦି ଆପଣ ଅନଲାଇନରେ ଏଲପିଜି ବୁକିଂ କରୁଥାନ୍ତି ତେବେ ବିତରଣକାରୀଙ୍କ ଅଧିକାରୀକ ୱେବସାଇଟ୍ କୁ ଯାଆନ୍ତୁ ଅଥବା ମୋବାଇଲ ଆପ ଖୋଲନ୍ତୁ। ନିଜର ପଞ୍ଜିକୃତ ମୋବାଇଲ ନମ୍ବର ଅଥବା ଏଲପିଜି ଆଇଡି ବ୍ୟବହାର କରି ଲଗଇନ କରନ୍ତୁ। ସିଲିଣ୍ଡର ରିଫିଲ ପାଇଁ ବୁକିଂ ବିକଳ୍ପ ବାଛନ୍ତୁ। ଏଥିରେ ନିଜର ବୁକିଂ ସମ୍ପର୍କିତ ସୂଚନା ଦିଅନ୍ତୁ ଓ ଅନୁରୋଧ ସବମିଟ୍ କରନ୍ତୁ। ଆପଣଙ୍କୁ ବୁକିଂ ନମ୍ବର ସହିତ ଏକ ପୁଷ୍ଟିକରଣ ମ୍ୟାସେଜ ମିଳିବ। ଏହି ଆପ ବା ୱେବସାଇଟରେ ନିଜର ସିଲିଣ୍ଡର ଡେଲିଭରୀ ସ୍ଥିତି ଜାଣିବା ପାଇଁ ବୁକିଂ ନମ୍ବର ବ୍ୟବହାର କରନ୍ତୁ। ସିଲିଣ୍ଡର ଡେଲିଭରୀ ପାଇଁ ବାହାରିଯିବା ପରେ ଓଟିପି ସତ୍ୟାପନ ପାଇଁ ନିଜ ଫୋନ ପାଖରେ ରଖନ୍ତୁ।


Jio DIGITAL LIFE

ଜାନୁଆରୀରେ ଜିଓ ସହ ଯୋଡ଼ିହେଲେ ୧.୮ ଲକ୍ଷରୁ ଅଧିକ ନୂତନ ଉପଭୋକ୍ତାଃ ଟ୍ରାଇ

ଭୁବନେଶ୍ୱର, ୨୧।୩ଃ ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରି, ରିଲାଏନ୍ସ ଜିଓ ଜାନୁଆରୀ ମାସରେ ରାଜ୍ୟରେ ସର୍ବାଧିକ ୧.୮ ଲକ୍ଷ ନୂତନ ମୋବାଇଲ୍ ଓ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତା ଯୋଡିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସବ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ, ଜାନୁଆରୀ ମାସରେ ଓଡ଼ିଶାରେ ୧.୫୬ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଉପଭୋକ୍ତା ଏବଂ ୨୩୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଉପଭୋକ୍ତା ଜିଓ ନେଟୱାର୍କରେ ଯୋଡି ହୋଇଛନ୍ତି। ଜାନୁଆରୀ ମାସରେ ଓଡ଼ିଶାରେ ଜିଓ ନେଟୱାର୍କରେ ଯୋଡି ହୋଇଥିବା ନୂତନ ଘରୋଇ ବ୍ରଡବ୍ୟାଣ୍ଡ ଗ୍ରାହକଙ୍କ ସଂଖ୍ୟା ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଦୁଇଗୁଣରୁ ଅଧିକ ରହିଥିବା ଜଣାପଡିଛି। ସମ୍ପ୍ରତି ଓଡ଼ିଶାରେ ୪୬ ପ୍ରତିଶତରୁ ଅଧିକ ମୋବାଇଲ୍ ଉପଭୋକ୍ତା ବଜାର ଅଂଶ ଏବଂ ଘରୋଇ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ୬୦ ପ୍ରତିଶତରୁ ଅଧିକ ଗ୍ରାହକ ବଜାର ଅଂଶ ସହିତ ଜିଓ ସର୍ବାଗ୍ରେ ରହିଛି। ଏଥି ସହିତ ଓଡ଼ିଶାରେ ଜିଓ ସର୍ବାଧିକ ୧.୬୪ କୋଟିରୁ ଅଧିକ ମୋବାଇଲ୍ ଉପଭୋକ୍ତା, ୩.୬୪ ଲକ୍ଷ ଜିଓଫାଇବର ଉପଭୋକ୍ତା ଏବଂ ୩.୫୧ ଲକ୍ଷ ଜିଓଏୟାରଫାଇବର ଉପଭୋକ୍ତାଙ୍କ ସହିତ ୱାୟାରଲେସ୍, ୱାୟାରଲାଇନ୍ ଏବଂ ଏଫଡବ୍ଲ୍ୟୁଏ କ୍ଷେତ୍ରରେ ଏହାର ନେତୃତ୍ୱ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଓଡ଼ିଶାରି ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ହଜାର ହଜାର ଗ୍ରାମରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଇ ଜିଓ ସେମାନଙ୍କ ଘରପାଖରେ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇଛି। ଟ୍ରାଇ ତଥ୍ୟ ଅନୁଯାୟୀ, ଜାତୀୟ ସ୍ତରରେ, ଜାନୁଆରୀ ମାସରେ ଜିଓ ୨୪ ଲକ୍ଷରୁ ଅଧିକ ନୂତନ ୱାୟାରଲେସ୍ ଉପଭୋକ୍ତା, ୧.୬୯ ଲକ୍ଷ ନୂତନ ୱାୟାରଲାଇନ୍ ଉପଭୋକ୍ତା ଏବଂ ୫.୮୫ ଲକ୍ଷରୁ ଅଧିକ ନୂତନ ଏଫଡବ୍ଲ୍ୟୁଏ (ଜିଓଏୟାରଫାଇବର) ଉପଭୋକ୍ତା ଯୋଡି ଏକ ନମ୍ବର ସ୍ଥାନ ବଜାୟ ରଖିଛି। ଏହାର ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଦୃଢ଼ ଭିତ୍ତିଭୂମି ଏବଂ ଗ୍ରାହକ-ସର୍ବପ୍ରଥମ ନୀତି ସହିତ, ଜିଓ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ଓଡ଼ିଶାର ଡିଜିଟାଲ୍ ପରିବର୍ତ୍ତନକୁ ଆଗେଇ ନେଇ ଚାଲିଛି।

୩୦୦ ବେଟିଂ ଆପ୍ ଓ ୱେବ୍‌ସାଇଟ୍ ବ୍ଲକ୍ କଲେ ସରକାର

ଅନ୍‌ଲାଇନ ବେଟିଂ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ



ନୂଆଦିଲ୍ଲୀ, ୨୧।୩ଃ ବେଆଇନ ଅନଲାଇନ୍ ଜୁଆ ଏବଂ ବେଟିଂ ପ୍ଲାଟର୍ମଗୁଡ଼ିକ ବିରୁଦ୍ଧରେ ଶୁକ୍ରବାର କେନ୍ଦ୍ର ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ୩୦୦ ବେଟିଂ ୱେବସାଇଟ୍ ଏବଂ ଆପ୍ ବ୍ଲକ୍ କରାଯାଇଛି। ସରକାରୀ ସୂତ୍ର ଅନୁଯାୟୀ, ଏପର୍ଯ୍ୟନ୍ତ ମୋଟ ୮,୪୦୦ ବେଟିଂ ପ୍ଲାଟଫର୍ମକୁ ବ୍ଲକ କରାଯାଇ ସାରିଲାଣି। ଏଥିମଧ୍ୟରୁ, ଅନଲାଇନ୍ ଗେମିଂ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ପ୍ରାୟ ୪,୯୦୦ ୱେବସାଇଟକୁ ବ୍ଲକ୍ କରାଯାଇଛି।ସରକାରୀ ସୂତ୍ର ଅନୁଯାୟୀ, ଯେଉଁ ପ୍ଲାଟ୍‌ଫର୍ମଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେଗୁଡ଼ିକ ମୁଖ୍ୟତଃ ଅବୈଧ ଅନଲାଇନ୍ ବେଟିଂ ଏବଂ ଜୁଆ ଖେଳ ସହ ଜଡ଼ିତ ଥିଲେ। ଏମାନଙ୍କ ପାଇଁ ବଡ଼ ଧରଣର ଅବୈଧ କାରବାର ଏବଂ ଜୁଆକୁ ପ୍ରୋତ୍ସାହନ ମିଳୁଥିଲା। ଏସବୁ ରୋକିବା ପାଇଁ, ଆଇଟି ଆଇନ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନ ଅନୁଯାୟୀ ନିରନ୍ତର ତଦାରଖ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସରକାର କହିଛନ୍ତି।

ଅନଲାଇନ୍ ଗେମିଂ ଆଇନ ପ୍ରଣୟନ ପରେ, ଏପରି ପ୍ଲାଟଫର୍ମଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ତୀବ୍ର ହୋଇଛି। ଡିଜିଟାଲ୍ ସ୍ଥାନକୁ ସୁରକ୍ଷିତ କରିବା ଏବଂ ବେଆଇନ କାର୍ଯ୍ୟକଳାପକୁ ରୋକିବା ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସରକାର କହିଛନ୍ତି।

ଭାରତରେ ଅନଲାଇନ୍ ଗେମିଂ ମାର୍କେଟ୍ ବର୍ତ୍ତମାନ ପ୍ରାୟ ୩୨,୦୦୦ କୋଟି (ପ୍ରାୟ ୩.୨ ବିଲିୟନ ଡଲାର) ମୂଲ୍ୟର। ଏହି ରାଜସ୍ୱର ୮୬% ରିୟଲ ମନ ଫର୍ମାଟରୁ ଆସିଥାଏ। ଏହା ୨୦୨୯ ସୁଦ୍ଧା ପ୍ରାୟ ୮୦,୦୦୦ କୋଟି (ପ୍ରାୟ ୮ ବିଲିୟନ ଡଲାର) ପହଞ୍ଚିବ ବୋଲି ଆଶା କରାଯାଉଥିଲା। ହେଲେ ଏବେ ଏମାନେ ରିୟଲ ମନି ଗେମ୍ ବନ୍ଦ କରିଦେଇଛନ୍ତି। ଡିଜିଟାଲ ଦୁନିଆକୁ ସୁରକ୍ଷିତ ରଖିବା ଓ ଲୋକଙ୍କୁ ଅର୍ଥହାନୀରୁ ସୁରକ୍ଷା ଦେବାକୁ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଉଛନ୍ତି ବୋଲି କହୁଥିବା ବେଳେ ଏହି ଇଣ୍ଡଷ୍ଟ୍ରୀ ସହ ଜଡ଼ିତ ଲୋକଙ୍କର କିନ୍ତୁ ଭିନ୍ନ ଦାବି ରହିଛି। ଶିଳ୍ପ ସହ ଜଡ଼ିତ ସଦସ୍ୟମାନେ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ୧୦୦,୦୦୦ ଚାକିରି ବିପଦରେ ପଡ଼ିପାରେ। ସରକାର ବାର୍ଷିକ ପ୍ରାୟ ୧୦,୦୦୦ ଟଙ୍କା ଟିକସ ମଧ୍ୟ ହରାଇପାରନ୍ତି।

୫ ଲକ୍ଷ ଯାଏଁ କ୍ଲେମ୍ ଅଟୋ-ସେଟେଲ୍ କରିବ ଇପିଏଫଓ

ନୂଆଦିଲ୍ଲୀ, ୨୧।୩ଃ ଚାକିରିଆଙ୍କ ପାଇଁ ଖୁସି ଖବର। ଏଣିକି ପିଏଫ୍ (ପିଏଫ) ଟଙ୍କା ଉଠାଇବା ପାଇଁ ଆଉ ଅଫିସ୍ ଦୌଡ଼ିବାକୁ ପଡ଼ିବ ନାହିଁ କିମ୍ବା ମାସ ମାସ ଅପେକ୍ଷା କରିବାକୁ ପଡ଼ିବ ନାହିଁ। କେନ୍ଦ୍ର ସରକାର 'ଇପିଏଫଓ ୩.୦' ବ୍ୟବସ୍ଥା ଜରିଆରେ ପ୍ରୋଭିଡେଣ୍ଟ୍ ଫଣ୍ଡ୍ ଏବଂ ପେନସନ୍



ସେବାକୁ ସମ୍ପୂର୍ଣ୍ଣ ଡିଜିଟାଲ୍ ଓ ସରଳ କରିଦେଇଛନ୍ତି। ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରମ ଓ ରୋଜଗାର ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ଏହି ନୂଆ ବ୍ୟବସ୍ଥା ବିଷୟରେ ସୂଚନା ଦେଇଛନ୍ତି। ୫ ଲକ୍ଷ ଟଙ୍କା ଯାଏଁ ଅଟୋ-ସେଟେଲମେଣ୍ଟଃ ପୂର୍ବରୁ କେବଳ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଲେମ୍ ସ୍ୱୟଂଚାଳିତ ଭାବେ ସେଟେଲ୍ ହେଉଥିଲା। କିନ୍ତୁ, ଏବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଲେମ୍ ବିନା କୌଣସି ମାନବିକ ହସ୍ତକ୍ଷେପରେ ସଫ୍ଟୱେର୍ ଦ୍ୱାରା ଯାଞ୍ଚ ହୋଇ ସିଧାସଳଖ ଆପଣଙ୍କ ବ୍ୟାଙ୍କ ଖାତାକୁ ଆସିଯିବ। ମାତ୍ର ୩-୪ ଦିନରେ ମିଳିବ ଟଙ୍କାଃ ପୂର୍ବରୁ ପିଏଫ୍ ଟଙ୍କା ପାଇବା ପାଇଁ ୭ ରୁ ୧୫ ଦିନ କିମ୍ବା କେବେ କେବେ ମାସେ ସମୟ ଲାଗୁଥିଲା। ଏହି ନୂଆ ସିଷ୍ଟମରେ ଆପଣ କ୍ଲେମ୍ କରିବାର ମାତ୍ର ୩ ରୁ ୪ ଦିନ ମଧ୍ୟରେ ଟଙ୍କା ଆପଣଙ୍କ ପାଖରେ ପହଞ୍ଚିବ। ଦସ୍ତାବେଜ ମୁକ୍ତ ପ୍ରକ୍ରିୟାଃ ଯଦି ଆପଣଙ୍କର KYC ଅର୍ଥାତ୍ ଆଧାର, ପାନ୍ ଏବଂ ବ୍ୟାଙ୍କ ଅପଡେଟ୍ ଅଛି, ତେବେ ଚେକ୍ ବୁକ୍ କିମ୍ବା ପାସବୁକ୍ ଅପଲୋଡ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ। ସିଷ୍ଟମ ନିଜେ ସବୁ ଯାଞ୍ଚ କରିନେବ। ଛୋଟ ଛୋଟ ଭୁଲ୍ ପାଇଁ ପୂର୍ବରୁ କ୍ଲେମ୍ ରିଜେକ୍ଟ ହୋଇଯାଉଥିଲା। କିନ୍ତୁ ଇପିଏଫଓ 3.0ରେ ଥିବା 'ଏରର କରେକ୍ସନ' ବ୍ୟବସ୍ଥା ଆପଣଙ୍କୁ ଫର୍ମ ପୂରଣ ସମୟରେ ହିଁ ଭୁଲ୍ ସଂଶୋଧନ କରିବାର ସୁଯୋଗ ଦେବ। ସମ୍ପୂର୍ଣ୍ଣ ବ୍ୟବସ୍ଥା ଡିଜିଟାଲ୍ ହୋଇଥିବାରୁ ଆପଣ ନିଜ କ୍ଲେମ୍ର ଷ୍ଟାଟସ୍ ମୋବାଇଲ୍ ଜରିଆରେ ତୁରନ୍ତ ଦେଖିପାରିବେ। ସରକାର ୧ ଜାନୁଆରୀ, ୨୦୨୫ ରୁ ସାରା ଦେଶରେ 'ସେଣ୍ଟ୍ରାଲାଇଜଡ୍ ପେନସନ୍ ପେମେଣ୍ଟ ସିଷ୍ଟମ' ଲାଗୁ କରିଛନ୍ତି। ଏହାଦ୍ୱାରା ପ୍ରାୟ ୭୦ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏଣିକି ପେନସନଧାରୀ ଦେଶର ଯେକୌଣସି ବ୍ୟାଙ୍କ ଶାଖାରୁ ନିଜର ପେନସନ୍ ପାଇପାରିବେ ଏବଂ ଏଥିରେ କୌଣସି ବିଳମ୍ବ ହେବ ନାହିଁ। ବର୍ତ୍ତମାନ ପେନସନ୍ ପରିମାଣ ବୃଦ୍ଧି ନେଇ ସରକାର କୌଣସି ବୃଡ଼ାକ୍ତ ନିଷ୍ପତ୍ତି ନେଇନାହାଁନ୍ତି। ବର୍ତ୍ତମାନ ସୁଦ୍ଧା ସର୍ବନିମ୍ନ ପେନସନ୍ ୧୦୦୦ ଟଙ୍କା ରହିଛି। ଏହା ସହିତ 'ଏଥ୍ଲୋଇ ଏନରୋଲମେଣ୍ଟ ସ୍କିମ୍ ୨୦୨୫' ଅଧୀନରେ ହଜାର ହଜାର ସଂସ୍ଥା ପଞ୍ଜିକୃତ ହୋଇସାରିଲେଣି, ଯାହା ମାର୍ଚ୍ଚ ୨୦୨୬ରୁ ସମ୍ପୂର୍ଣ୍ଣ ଭାବେ ଲାଗୁ ହେବ।

ଏଆଇ ନିୟନ୍ତ୍ରଣ ପାଇଁ ଟ୍ରମ୍ପଙ୍କ 'ମାଷ୍ଟରପ୍ଲାନ'

ଅଭିଭାବକଙ୍କ ହାତରେ ରହିବ ପିଲାଙ୍କ ଡିଜିଟାଲ୍ ସୁରକ୍ଷା



ନୂଆଦିଲ୍ଲୀ, ୨୧।୩ଃ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) କ୍ଷେତ୍ରରେ ବିଶ୍ୱରେ ନିଜର ଦବଦବା ବଜାୟ ରଖିବା ପାଇଁ ଆମେରିକା ଏକ ବଡ଼ ପଦକ୍ଷେପ ନେଇଛି। ଶୁକ୍ରବାର ଦିନ ହ୍ୱାଇଟ ହାଉସ୍ ପକ୍ଷରୁ ଏକ ନୂତନ ଏଆଇ ପଲିସି ଫ୍ରେମୱାର୍କ ଜାରି କରାଯାଇଛି। ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ଦେଶର ଶିଶୁ, ବିଭିନ୍ନ ସମ୍ପ୍ରଦାୟ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ଏଆଇର ସମ୍ଭାବ୍ୟ ବିପଦରୁ ସୁରକ୍ଷା ଦେବା ସହ ଏହି ପ୍ରଯୁକ୍ତିର ଦ୍ରୁତ ବିକାଶ କରିବା। ଟ୍ରମ୍ପ ପ୍ରଶାସନ ଚାହୁଁଛି ଯେ ସାରା ଆମେରିକାରେ ଏଆଇ ପାଇଁ ଏକକ ଆଇନ ରହୁ। ବିଭିନ୍ନ ରାଜ୍ୟ ନିଜ ନିଜ ହିସାବରେ ନିୟମ ପ୍ରସ୍ତୁତ ନ କରି ଗୋଟିଏ କେନ୍ଦ୍ରୀୟ ଢାଞ୍ଚାରେ କାମ କରନ୍ତୁ, ଯାହା ଦ୍ୱାରା ବ୍ୟବସାୟ ସହଜ ହୋଇପାରିବ। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ମାସରେ ରାଷ୍ଟ୍ରପତି ଟ୍ରମ୍ପ ଚେତାବନୀ ଦେଇଥିଲେ ଯେ ଯେଉଁ ରାଜ୍ୟଗୁଡ଼ିକର ଏଆଇ ନିୟମ ଆମେରିକାକୁ ବାଧା ଦେବ, ସେମାନଙ୍କୁ କେନ୍ଦ୍ରୀୟ ବ୍ରଡବ୍ୟାଣ୍ଡ ପାଣ୍ଠି ମିଳିବ ନାହିଁ। ପିଲାମାନଙ୍କର ପ୍ରାଇଭେସି ବା ଗୋପନୀୟତା ରକ୍ଷା ପାଇଁ ପିତାମାତାଙ୍କୁ ଆକାଉଣ୍ଟ ଏବଂ ଡିଭାଇସ୍ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଦିଆଯିବ। ଏଆଇ ମାଧ୍ୟମରେ ହେଉଥିବା ଯୌନ ଶୋଷଣ କିମ୍ବା ଆତ୍ମହତ୍ୟା ଭଳି ଉଦ୍ଦେଶ୍ୟମୂଳକ କଣ୍ଟେଣ୍ଟକୁ ରୋକିବା ପାଇଁ ସ୍ୱତନ୍ତ୍ର ଫିଚର୍ସ ସାମିଲ କରାଯିବ। ଏଆଇ ଚଳାଇବା ପାଇଁ ବହୁ ପରିମାଣର ବିଦ୍ୟୁତ୍ ଆବଶ୍ୟକ ହେଉଥିବା ବେଳେ, ହ୍ୱାଇଟ ହାଉସ୍ କଂଗ୍ରେସକୁ ଅନୁରୋଧ କରିଛି ଯେ ବଡ଼ ବଡ଼ ଡାଟା ସେଣ୍ଟରଗୁଡ଼ିକୁ ସେମାନଙ୍କ ପରିସରରେ ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ କରିବା ପାଇଁ ଅନୁମତି ଦିଆଯାଉ। ଏହାଦ୍ୱାରା ଗ୍ରିଡ୍ ଉପରେ ଚାପ କମିବ ଏବଂ ଏଆଇ ନେଟୱର୍କ ଦ୍ରୁତ ଗତିରେ ବଢ଼ିପାରିବ। ଏଆଇ ମାଧ୍ୟମରେ ହେଉଥିବା ଜାଲିଆଡିକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କ କ୍ଷମତା ବୃଦ୍ଧି କରିବାକୁ ଏହି ଯୋଜନାରେ ପ୍ରସ୍ତାବ ରଖାଯାଇଛି। ଏହା ସହିତ ଏଆଇ ଯେପରି ଜାତୀୟ ସୁରକ୍ଷା ପାଇଁ ବିପଦ ସୃଷ ନକରେ, ସେଥିପ୍ରତି ମଧ୍ୟ କଡ଼ା ନଜର ରଖାଯାଇଛି। "ଆମେ କଂଗ୍ରେସ ସହ ମିଶି ଏହି ଢାଞ୍ଚାକୁ ଖୁବଶୀଘ୍ର ଏକ ଆଇନରେ ପରିଣତ କରିବାକୁ ଚାହୁଁଛୁ, ଯାହା ଉପରେ ରାଷ୍ଟ୍ରପତି ସ୍ୱାକ୍ଷର କରିବେ।" ଏନେଇ ହ୍ୱାଇଟ୍ ହାଉସ ବୟାନ ଦେଇଛି।

ଆଜିର ସୁନା ଦର



ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୬୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର



ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨

ଟ୍ୟୁସନରେ ମାତିଛନ୍ତି ସରକାରୀ ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ

ଦୀର୍ଘଦିନ ରହିବା ପରେ ବି ହେଉନି ଅନ୍ୟତ୍ର ବଦଳି

ବାଲିଆପାଳ,୨୧।୩ (ସଂଚାର ବ୍ୟୁରୋ)ଃ ବାଲିଆପାଳରାଜ୍ୟରେ ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଦିଗରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଥିବାବେଳେ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ଗ୍ରାମାଞ୍ଚଳରେ ଶିକ୍ଷକମାନେ ଦୀର୍ଘଦିନ ଧରି ବିଦ୍ୟାଳୟରେ ରହିବା ସହିତ ଟ୍ୟୁସନ କରି ପିଲାଙ୍କ ଗାର୍ଡିଆନଠାରୁ ଲକ୍ଷାଧିକ ଟଙ୍କା ନେଉଥିବା ଘଟଣା ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରୁ ଦେଖିବାକୁ ମିଳୁଛି। ସେହିପରି ଟ୍ୟୁସନ ହେଉ ନଥିବା ପିଲା ପ୍ରତି ବିଦ୍ୟାଳୟରେ ଶିକ୍ଷକମାନେ ଆଦୌ ଗୁରୁତ୍ୱ ଦେଉ ନଥିବାରୁ ସେମାନେ ବାଧ୍ୟହୋଇ ଅଧାରୁ ପାଠପଢ଼ା ଛାଡୁଛନ୍ତି।

ସରକାରଙ୍କ ତରଫରୁ ପିଲାମାନଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ବହି, ଡ୍ରେସ, ଜୋତା, ରନ୍ଧାଖାଦ୍ୟଠାରୁ ଷ୍ଟାଇପେଣ୍ଡ ପର୍ଯ୍ୟନ୍ତ ଅନେକ ସୁବିଧା ଯୋଗାଇ ଦେଉଥିବା ବେଳେ ସବୁଠିରେ ଅର୍ଥ ବାଟମାରଣା ହେଉଥିବାର ଶୁଣିବାକୁ ମିଳୁଛି। ବିଦ୍ୟାଳୟରେ ପିଲାଙ୍କୁ ଦ୍ୱିପହରରେ ମିଳୁଥିବା ରନ୍ଧାଖାଦ୍ୟ ଭାତ ସାଙ୍ଗକୁ ପାଣିଆ ଡାଲିରେ ପିଲାଙ୍କ ପେଟ ପୂରୁ ନଥିବାରୁ ଅଣଶିକ୍ଷକମାନେ ଟ୍ୟୁସନ ଓ ବିଦ୍ୟାଳୟରେ ପିଲାଙ୍କ ପାଇଁ ଆସୁଥିବା ସମସ୍ତ ସୁବିଧାରୁ ଭାଗ ବସାଇ ମାସକୁ ଦରମାଠାରୁ ଦୁଇଗୁଣା ଅର୍ଥ କମାଉଥିବା ଶୁଣିବାକୁ ମିଳୁଛି। ଯାହାଫଳରେ ଅଧିକାଂଶ ପରିବାରବର୍ଗ ପିଲାଙ୍କୁ ସରକାରୀ ସ୍କୁଲକୁ ପିଲାଙ୍କୁ ନପଠାଇ ଶେଷରେ ପ୍ରାଇଭେଟ ସ୍କୁଲରେ ପଢ଼ାଇବା ପାଇଁ ମନ ବଳାଉଛନ୍ତି। ସେଠାରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ୮/୧୦ ହଜାର ଟଙ୍କା ଦରମାରେ ପିଲାମାନଙ୍କର ଆଦର ଯତ୍ନ ନେବା ସହିତ ଗୁରୁଜନମାନଙ୍କୁ ଭକ୍ତି, ପ୍ରାର୍ଥନା, ପାଠପଢ଼ା, ଡ୍ରେସ, ଖେଳ ଓ ନାଚଗୀତ ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପିଲାମାନଙ୍କର ମନୋବଳ ବଢ଼ାଇ ପାରୁଥିବାରୁ ପ୍ରତ୍ୟେକ ଗାର୍ଡିଆନ ପିଲାଙ୍କ ଭବିଷ୍ୟତ ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ପଛାଉ ନାହାନ୍ତି।

ଦିନକୁ ଦିନ ପ୍ରାଇଭେଟ ସ୍କୁଲରେ ପିଲାସଂଖ୍ୟା ବଢୁଥିବାରୁ ସରକାରୀ ସ୍କୁଲରେ ଆଉ ଆଗଭଳି ପିଲାସଂଖ୍ୟା ଦେଖିବାକୁ ମିଳୁନାହିଁ। ତା'ଛଡା ପୂର୍ବତନ ମୁଖ୍ୟମନ୍ତ୍ରୀ ସରକାରୀ ସ୍କୁଲ ଓ କଲେଜର ଶିକ୍ଷକ, ଶିକ୍ଷୟିତ୍ରୀମାନେ ଘରୋଇ ଟ୍ୟୁସନ କରିପାରିବେ ନାହିଁ ଏଥିପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ଶିକ୍ଷିତ ବେକାର ଯୁବକ, ଯୁବତୀ ସଂଖ୍ୟା ଅନେକ ଥିବାରୁ ସେମାନେ ଆପାତତଃ ଟିଉସନ କରି ପରିବାରବର୍ଗଙ୍କୁ ପୋଷିପାରିବେ। ସେହିପରି ସରକାରୀ ନୀତିନିୟମ ଖୁବ୍ ପ୍ରଶଂସନୀୟ କିନ୍ତୁ ଏହି ନିୟମ ଖାଲି କାଗଜ କଲମରେ ସୀମିତ ରହୁଥିବାରୁ ତଦନ୍ତ ହେଉନାହିଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ସେଥିପାଇଁ ସରକାରଙ୍କ ନୀତି ନିୟମକୁ ସାଧାରଣ ଲୋକେ କଡ଼ା ସମାଲୋଚନା କରୁଛନ୍ତି। ବର୍ତ୍ତମାନର ନୂତନ ସରକାର ଆସିବା ପରେ ଶିକ୍ଷାନୀତିରେ ବିଭିନ୍ନ ଦିଗରେ ସୁଧାର ଆଣିବା ସହିତ ଅମାନିଆ ଶିକ୍ଷକମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେଲେ ବିଦ୍ୟାଳୟରେ ଆଗଭଳି ପାଠପଢ଼ା ହେବା ସହିତ ଉନ୍ନତ ମାନର ପିଲା ସୃଷ୍ଟି ହୋଇପାରନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

ପଖାଳ ପରବ ଆୟୋଜିତ



ଯାଜପୁର,୨୧।୩ (ସଂଚାର ବ୍ୟୁରୋ)ଃ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ମିଶନ ଶକ୍ତି କେନ୍ଦ୍ରଠାରେ ଆୟୋଜିତ ହୋଇଛି ପଖାଳ ପରବ। ପଖାଳ ଦିବସ ଅବସରରେ ରାଜ୍ୟ ସାରା ସମସ୍ତ ଜିଲ୍ଲାରେ ପଖାଳ ଦିବସ ପାଳନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, କନକ ବର୍ଦ୍ଧନ ସିଂହଦେଓ ଏବଂ ବାଚସ୍ପତି ସୁରମା ପାଢ଼ୀ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପଖାଳ ପରବରେ ଯୋଗ ଦେଇଥିଲେ। ଆଭାସୀ ମାଧ୍ୟମରେ ଯାଜପୁର ସମେତ ବିଭିନ୍ନ ଜିଲ୍ଲାର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ସଂସ୍କୃତିରେ ପଖାଳର ମହତ୍ତ୍ୱ, ମହାପ୍ରଭୁଙ୍କ ପ୍ରିୟ ପଖାଳ, ପଖାଳର ଔଷଧୀୟ ଗୁଣ ଇତ୍ୟାଦି ବିଭିନ୍ନ ଦିଗ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଯାଜପୁରରେ ଆୟୋଜିତ ପଖାଳ ପରବରେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇଥିଲେ। ଏହାସହ ପଖାଳ ଏବଂ ବିଭିନ୍ନ ଓଡ଼ିଆ ପାରମ୍ପରିକ ବ୍ୟଞ୍ଜନର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ପ୍ରଶାସନର ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦେବବ୍ରତ ସାହୁ ପଖାଳ ପରବ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ



ଢେଙ୍କାନାଳ,୨୧।୩ (ସଂଚାର ବ୍ୟୁରୋ)ଃ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ବିଶ୍ୱ ପଖାଳ ଦିବସ ଜିଲ୍ଲା ସଭାପତି ରମେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଜିଲ୍ଲାର ପ୍ରତ୍ୟେକ ଜୋନ୍‌ରୁ କର୍ମୀମାନେ ଯୋଗଦେଇ ପ୍ରଥମେ କାମାକ୍ଷାନଗରରେ ମୃତ କଲେଜ ଛାତ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସମ୍ପର୍କରେ ଆଇନଜୀବୀ ରବୀନ୍ଦ୍ର ମୋହନ ତ୍ରିପାଠୀ ଆଲୋଚନା କରିଥିଲେ। ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଯୋଗଦେଇ ଜିଲ୍ଲାର ସମସ୍ତ ଜିଲ୍ଲାପରିଷଦ ଜୋନ୍‌ରେ ପ୍ରାର୍ଥୀ ଚୟନ ଓ ନିର୍ବାଚନ ଲଢ଼ିବା ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ସୋସିଆଲ ମିଡ଼ିଆ ପ୍ରଭାରୀ ବିଷ୍ଣୁ ପ୍ରସାଦ ପଣ୍ଡା ଯୋଗଦେଇ ସୋସିଆଲ ମିଡିଆର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ସଭା ପରିଚାଳନା କରି ସରକାରଙ୍କର ପିସି, ଲାଞ୍ଚ ମିଛକୁ ଲୁଚାଇବା ଏବଂ ଅପାରଗ ସରକାରଙ୍କ ବିଫଳତା ବିଷୟରେ ସୂଚାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କୋଷାଧ୍ୟକ୍ଷ କବିଜ୍ୟୋତି ନିରଞ୍ଜନ ପତି, ସମ୍ପାଦକ ଅନିଲ ସାମଲ, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ଭରତ ସେନାପତି, ପ୍ରମୁଖ ଯୋଗଦେଇ ଆମ ସମସ୍ତଙ୍କର ଗର୍ବ ଓ ଗୌରବ ଆମ ପ୍ରଧାନ ଖାଦ୍ୟ ପଖାଳ ପ୍ରତି ଆମର ନିବିଡତା ଏବଂ ତାର ଉପାଦେୟତା ବିଷୟରେ ମତ ରଖିଥିଲେ। ଶେଷରେ ସମସ୍ତେ ଏକାଠି ପଖାଳ ସେବନ କରିଥିଲେ। ଚିନ୍ତାମଣି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାସ୍ତରୀୟ ପଖାଳ ଦିବସ ପାଳିତ



ବାରିପଦା,୨୧।୩ (ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲ୍ଲାରେ ଆଜି ଜିଲ୍ଲାସ୍ତରୀୟ "ପଖାଳ ଦିବସ" ବେଶ୍ ଉତ୍ସାହ ଓ ଜାକଜମକରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସାମୂହିକ ପଖାଳ ଭୋଜନ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ହେମକାନ୍ତ ସୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପଖାଳ ଭାତ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟର ମହତ୍ତ୍ୱ ଓ ପୌଷ୍ଟିକ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣୁପାଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ନିଜ ନିଜ ବ୍ୟକ୍ତବ୍ୟରେ କହିଥିଲେ ପଖାଳ ଓଡ଼ିଶାର ପାରମ୍ପରିକ ଖାଦ୍ୟ ହେବା ସହିତ ଗରମ ଋତୁରେ ଶରୀରକୁ ଶୀତଳ ରଖିବାରେ ବିଶେଷ ଉପକାରୀ। ଏହା ଶରୀରକୁ ପାନୀୟ ଓ ପୌଷ୍ଟିକ ଉପାଦାନ ଯୋଗାଇଥାଏ ଏବଂ ଗ୍ରାମୀଣ ଜୀବନଶୈଳୀର ଏକ ଅଂଶ ରୂପେ ପରିଚିତ । ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ପଖାଳ ଓ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଉପସ୍ଥିତ ଅତିଥି ତଥା ଅନ୍ୟାନ୍ୟ ଅଧିକାରୀମାନେ ଭୋଜନ କରିଥିଲେ ଏହି ପଖାଳର ସ୍ୱାଦ ଗ୍ରହଣ କରି ସ୍ୱଦେଶୀ ଖାଦ୍ୟ ପ୍ରଚାର ପ୍ରସାର ପାଇଁ ଆହ୍ୱାନ କରିଥିଲେ। ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ପାରମ୍ପରିକ ପର୍ବପର୍ବାଣୀ ପାଳନ ମାଧ୍ୟମରେ ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର କରିବାକୁ ପ୍ରୟାସ ଜାରି ରହିଛି ବୋଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି ।

ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ୍ ପ୍ରଶିକ୍ଷଣ କର୍ମଶାଳା



ବାରିପଦା,୨୧।୩ (ସଂଚାର ବ୍ୟୁରୋ)ଃ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ବାରିପଦା ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶେଷ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ଯୋଗଦେଇ ସୂଚନା ଅଧିକାର ଆଇନ ଉପରେ ବିଶେଷ ମତ ରଖିଥିଲେ । ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶିଶିର କୁମାର ମୁଦୁୟା ପ୍ରଶିକ୍ଷଣ କର୍ମଶାଳାର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୂଚନା ସହ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଏବଂ ବିଭିନ୍ନ ବିଭାଗୀୟ ଅଧକାରୀମାନଙ୍କୁ ସ୍ୱାଗତ କରିଥିଲେ।

ସୂଚନା ଅଧିକାର ଆଇନ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ, ସରକାରୀ ୱେବସାଇଟରେ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ କାର୍ଯ୍ୟାଳୟର ୧୭ ପରିଶିଷ୍ଟ ତଥ୍ୟାବଳୀକୁ ନିୟମିତ ଅପଡେଟ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଅନୁସରଣ କରାଯାଉଥିବା ତଥ୍ୟ ଆଇନଗତ ପ୍ରକ୍ରିୟା, ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ରାଶି ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଖାତା, ତୃତୀୟ ପକ୍ଷ ଅଡିଟ ଉପରେ ବିଶେଷ ଆଲୋଚନା କରିଥିଲେ। ଏହାସହ ପିପିଆଇଟି ମାଧ୍ୟମରେ ପ୍ରଦର୍ଶିତ କରି ତାଲିମ ଦେଇଥିଲେ ।

ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ତର୍କ ପ୍ରତିଯୋଗିତାର ସଫଳ ହୋଇଥିବା ପ୍ରବୀଣ ପ୍ରଧାନ (୧ମ), ଜ୍ୟୋତିପ୍ରକାଶ ଶତପଥୀ(୨ୟ), ଶୁଭସ୍ମିତା ମହାନ୍ତ(୩ୟ) ଏବଂ ଇଂରାଜୀ ତର୍କ ପ୍ରତିଯୋଗିତାରେ ପ୍ରତ୍ୟୁଷା ପାଢ଼ୀ (୧ମ), ପ୍ରତୀକ୍ଷା ପ୍ରୀୟଦର୍ଶିନୀ ପଣ୍ଡା (୨ୟ), ସ୍ୱୟଂପ୍ରଭା ବେହେରା(୩ୟ)ଙ୍କୁ ପ୍ରମାଣପତ୍ର ଓ ନଗଦ ଅର୍ଥ ରାଶି ପୁରସ୍କାର ପ୍ରଦାନ କରାଯାଇଥିଲା।

ସ୍ଥାୟୀ ନିଯୁକ୍ତି ଦାବିରେ ଏପିଓମାନଙ୍କ କଳାବ୍ୟାଚ୍ ପରିଧାନ



ବାଲିଆପାଳ,୨୧।୩ (ସଂଚାର ବ୍ୟୁରୋ)ଃ ରାଜ୍ୟର ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗରେ ମନରେଗା ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା ଷ୍ଟେଟ ଏମସି ଏବଂ ଏପିଓ ଆସୋସିଏସନ (ଓସମା) ର ଆହ୍ୱାନରେ ରାଜ୍ୟରେ ସମସ୍ତ ବ୍ଲକର କାର୍ଯ୍ୟରତ ଏପିଓ ମାନେ କଳାବ୍ୟାଚ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ଆରମ୍ଭ କରିଛନ୍ତି। ରାଜ୍ୟ ସଂଘର ଆହ୍ୱାନରେ ସାମିଲ ହୋଇ ବାଲେଶ୍ୱର ଜିଲ୍ଲା ସଂଘର ସଭାପତି ସୌମ୍ୟକାନ୍ତ ଦାସଙ୍କ ପରାମର୍ଶ କ୍ରମେ ଜିଲ୍ଲାର ସମସ୍ତ ବ୍ଲକର ଏପିଓ ମାନେ କଳାବ୍ୟାଚ ପରିଧାନ କରି ୧୮ ତାରିଖ ଠାରୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ଆରମ୍ଭ କରିଛନ୍ତି। ଏହି ପ୍ରତିବାଦ ଆସନ୍ତା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

ସରକାରୀ ଜମି ଉପରେ ଦୋକାନ ଘର, ନୋଟିସ୍ ପରେ ବି ଖାଲି କରୁନାହାନ୍ତି



ସୁନ୍ଦରଗଡ଼,୨୧।୩ (ସଂଚାର ବ୍ୟୁରୋ)ଃ ଟଙ୍କା ଆସିଥିଲା ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ, ଗୋଷ୍ଠୀକେନ୍ଦ୍ର କାମ ଆରମ୍ଭ ହେଲା ଚତୁରତା ସହ ଗୋଷ୍ଠୀକେନ୍ଦ୍ରକୁ ସଂଲଗ୍ନ କରି ସରକାରୀ ଜମି ଉପରେ ଦୋକାନ ଘର ନିର୍ମାଣ ହେଲା। ଏହାକୁ ଜଣେ ସଚେତନ ଯୁବକ ସୁବାସ ରଣା ଅମିନା ବିରୋଧ କରି ତତ୍କାଳୀନ ଜିଲ୍ଲାପାଳ ପରାଗ ହର୍ଷଦ ଗଭାଲିଙ୍କୁ ସମସ୍ତ ବେଆଇନ ଭାବେ କିପରି ଦୋକାନ ଘର ନିର୍ମାଣ ହେଲା ତାର ଦସ୍ତାବିଜ ଉପସ୍ଥାପନ କରିଥିଲେ। ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଏହା ସତ୍ୟ ହୋଇଥିବାରୁ ଏହି କାମର ବିଲ ତିନି ବର୍ଷ ହେଲା ଅଟକ ରଖିଛନ୍ତି। ଦ୍ୱିତୀୟ କଥାଟି ହେଲା ସୁନ୍ଦରଗଡ଼ ପ୍ରଶାସନ ରାସ୍ତା ସମ୍ପ୍ରସାରଣ ପାଇଁ ମେଡିକାଲ ଛକ ଠାରୁ ଜେଲ ପର୍ଯ୍ୟନ୍ତ ସମସ୍ତ ଦୋକାନ ନୋଟିସ ଦେଇ ଉଚ୍ଛେଦ କରିଥିଲା ବେଳେ, ଏହି ଗୋଷ୍ଠୀକେନ୍ଦ୍ର ସହ ଥିବା ମାର୍କେଟ କମ୍ପ୍ଲେକ୍ସକୁ କାହିଁକି ଛାଡିଦେଲେ, ଏହାକୁ ନେଇ ତିନିମାସ ପୂର୍ବରୁ ତହସିଲଦାର କହିଥିଲେ ଜମିର କିସମ ନେଇ ଅନୁସନ୍ଧାନ କରାଯାଉଛି। ତାପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ। ଏଇ ଭିତରେ ତିନି ମାସ ବିତିଗଲା, କୌଣସି କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଏହି ଗୋଷ୍ଠୀକେନ୍ଦ୍ର ନିର୍ମାଣ କରିଥିବା ମୁଖ୍ୟ ଚତୁରତା ସହ ତିନୋଟି ଦୋକାନ ଘରର ରଙ୍ଗ ଦେଇ, ସଟର ଲଗେଇ, ଭଡା ଦେଇ ସାରିଲେଣି। ଅର୍ଦ୍ଧ ନିର୍ମାଣ ହୋଇଥିବା ଗୋଷ୍ଠୀକେନ୍ଦ୍ର ଯେମିତିକୁ ସେମିତି ଅବସ୍ଥାରେ ଅଛି। ସଦର ବ୍ଲକକୁ ହସ୍ତାନ୍ତର ପୂର୍ବରୁ ଦୋକାନ ଘର ଭଡାରେ ଲାଗିଥିବାରୁ ସଦର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏକ ଚିଠି ନମ୍ବର ୫୬୫/୧୭.୦୩.୨୦୨୬ ଅନୁଯାୟୀ ତହସିଲଦାରଙ୍କୁ ଶୀଘ୍ର ଦୋକାନ ଘର ଖାଲି କରିବାକୁ ଚିଠି କରିଛନ୍ତି। ଏ ନେଇ ଆମେ ସଦର ତହସିଲଦାର କୁଳମଣି ରଣବିଡାଙ୍କୁ ପଚାରିବାରୁ ସେ କହିଛନ୍ତି ଏ ବିଷୟ ନେଇ ଆମେ ଅବଗତ ଅଛୁ, ଆମେ ଏହାକୁ ନେଇ ଶୀଘ୍ର ଚିଠି କରିବୁ, ତା ପରେ ଆଗାମୀ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ।

ବନାଗ୍ନିରେ ଲକ୍ଷାଧିକ ଟଙ୍କାର ଗଛ ପୋଡ଼ି ପାଉଁଶ



ଡେରାବିଶ, ୨୧।୩ (ସଂଚାର ବ୍ୟୁରୋ)ଃ ଖରାଦିନ ଆରମ୍ଭରୁ ବନାଗ୍ନି ବ୍ୟାପିଛି ଡେରାବିଶକୁ। ଏହି ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ରାଜନଗର ଠାରେ ଥିବା ଜଙ୍ଗଲ ଆଜି ସକାଳୁ ହୁହୁ ହୋଇ ଜଳୁଥିବାର ଦେଖିବାକୁ ମିଳିଥିଲା। ଗ୍ରାମବାସୀମାନେ ସକାଳୁ ଏହାକୁ ଦେଖି ବନବିଭାଗକୁ ଖବର ଦେଇଥିଲେ। ମାତ୍ର କୌଣସି ଅଧିକାରୀ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଗ୍ରାମର ସ୍ୱେଚ୍ଛାସେବୀ ଦୈତାରୀ ଯେନାଙ୍କ ଠାରୁ ଖବର ପାଇ ଡେରାବିଶ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛନ୍ତି।

ସୂଚନାଯୋଗ୍ୟ କେନ୍ଦ୍ରାପଡ଼ା ବନ ବିଭାଗର ରେଞ୍ଜ ଅଧୀନରେ ଥିବା ରାଜନଗର ଠାରେ ୯୯ ଏକର ପରିବ୍ୟପ୍ତ ଜମିରେ ଜଙ୍ଗଲ ରହିଛି। ଏହି ଜଙ୍ଗଲକୁ ବିଭାଗ ପକ୍ଷରୁ ସଂରକ୍ଷିତ କରାଯିବା ସହ ପ୍ରତ୍ୟେକ ବର୍ଷ ବନମହୋତ୍ସବ ସପ୍ତାହରେ ମୂଲ୍ୟବାନ ବୃକ୍ଷର ଚାରା ରୋପଣ କରାଯାଇଥାଏ। ଜଙ୍ଗଲକୁ ସୁରକ୍ଷା ଦେବା ପାଇଁ ୧୦୦ ମିଟର ଦୂରରେ ବନପାଳଙ୍କ କାର୍ଯ୍ୟାଳୟ ମଧ୍ୟ ରହିଛି। ବହୁ ପୁରାତନ ମୂଲ୍ୟବାନ ଗଛ ଏହି ଜଙ୍ଗଲରେ ଥିଲେ ମଧ୍ୟ ବିଭାଗ ପକ୍ଷରୁ ଏଥିପ୍ରତି ଆଦୌ ଦୃଷ୍ଟି ଦିଆଯାଉନଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

ବିଭିନ୍ନ ସ୍ଥାନରେ ଇଦ୍-ଉଲ୍-ଫିତର ପାଳିତ



କାକଟପୁର/ଅସ୍ତରଙ୍ଗ,୨୧।୩ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଂଚଳରେ ହର୍ଷୋଲ୍ଲାସ ଓ ଶାନ୍ତି, ସଦ୍ଭାବନାରର ସହ ଇଦୁଲ

SANCHAR
ସଂଚାର
ରବିବାର ୨୨ ମାର୍ଚ୍ଚ ୨୦୨୬

ସ୍ୱାସ୍ଥ୍ୟ



ଡାଉନ ସିଣ୍ଡ୍ରୋମ ଓ ଦିବ୍ୟାଙ୍ଗତା

ଆପଣଙ୍କ ଶିଶୁଟିର ଶାରୀରିକ ଅବସ୍ଥାରେ ଅସ୍ୱାଭାବିକତା ରହି କିଛି ସ୍ୱତନ୍ତ୍ର ଲକ୍ଷଣ ଭାବେ ତାର ମୁହଁ ଆଉ ନାକ ଚେପଟା କି? ପିଲାଟିର ଛୋଟ କାନ ଆଉ ବେକ ରହିବା ସହ ତାର ଚକ୍ଷୁ ଓ ଭ୍ରୁଲତା ତୀର୍ଯ୍ୟକ ରହିଛି କି? ଜିଭଟି ଟିକେ ଲମ୍ବା ଆଉ ଏହା ଟିକେ ବାହାରକୁ ବାହାରି ଆସିଛି କି? ଏବଂ ପିଲାଟିର ମୁଖ ଗହ୍ୱର ଉଚ୍ଚ ରହିଛି କି? ଏହାସହ ତାର ହାତ ଓ ପାଦ ଆଙ୍ଗୁଠିରେ ସମାନତା ରହିଛିକି? ତାହାହେଲେ ଏହି ପିଲାଟି ଡାଉନ ସିଣ୍ଡ୍ରୋମ ସମସ୍ୟାକୁ ସାମ୍ନା କରୁଛି ଯାହାକି ଦିବ୍ୟାଙ୍ଗତା ଶ୍ରେଣୀଭୁକ୍ତ ଗୋଟିଏ ଜନ୍ମଗତ ତ୍ରୁଟି। ୧୮୬୬ ମସିହାରେ ଖ୍ୟାତନାମା ବ୍ରିଟିଶ ଭିଷଜ ସୁନାମଧନ୍ୟ ବିଶେଷଜ୍ଞ ଜନ ଲାଙ୍ଗଡ଼ନ ଡାଉନ ମଙ୍ଗୁଲିଜିମ ଭଳି ଏକ ଅସ୍ୱାଭାବିକ ଶାରୀରିକ ଆକୃତିକୁ ଚିକିତ୍ସା ବିଜ୍ଞାନରେ ଆବିଷ୍କାର କରିଥିଲେ ଯାହାର ପରବର୍ତ୍ତୀ ନାମକରଣ ହୋଇଛି ଡାଉନ ସିଣ୍ଡ୍ରୋମ ସମସ୍ୟା। ଏହି ସମସ୍ୟାଟିକୁ ଜାଣିବା ଓ ସଚେତନତା କରାଇବା ନେଇ ପ୍ରତିବର୍ଷ ମାର୍ଚ୍ଚ ଏକୋଇଶ ତାରିଖରେ ମିଳିତ ଜାତିସଂଘ ପକ୍ଷରୁ ୨୦୧୨ ମସିହାରୁ ପାଳିତ ହୋଇ ଆସୁଛି ବିଶ୍ୱ ଡାଉନ ସିଣ୍ଡ୍ରୋମ ଦିବସ।

ଅନେକ ହୁଏତ ଜାଣିନଥିବେ ପୃଥିବୀରେ ପ୍ରତି ହଜାରେ ଜଣ ଶିଶୁଙ୍କ ଭିତରେ ଜଣେ ଏହି ସିଣ୍ଡ୍ରୋମର ଶିକାର। ଏ କ୍ଷେତ୍ରରେ ବିକାଶଶୀଳ ଭାରତ ମଧ୍ୟ ପଛରେ ପଡ଼ିନାହିଁ। ବାସ୍ତବ କଥା ହେଉଛି ଏହା ଏକ ଜନ୍ମଗତ ଗୁଣସୂତ୍ର ଜନିତ ସମସ୍ୟାରୁ ସୃଷ୍ଟି ହୋଇଥିବାରୁ ଏହାର କାରଣ ଜାଣି ସଚେତନ ହେବା ଅତ୍ୟନ୍ତ ଜରୁରୀ। ଆମ ଶରୀର ୨୩ଯୋଡ଼ା ଗୁଣସୂତ୍ର ବା କ୍ରୋମୋଜମ ସମ୍ମିଶ୍ରଣରେ ଗଠନ ହୋଇଛି। ପିଲାଟି ଭ୍ରୁଣ ଅବସ୍ଥାରେ ଥିବା ସମୟରେ ଏହାର ତିଁଆରି ବେଳେ ଟ୍ରିଜୋମି-୨୧ ନାମକ ଏକ ୨୧ ନମ୍ବର ଗୁଣସୂତ୍ରର ଅସଜଡ଼ା ତଥା ଏକାଧିକ ସଂଯୋଜନା ଯୋଗୁଁ ଏହି ସମସ୍ୟା ଦେଖାଦେଇଥାଏ ଅର୍ଥାତ ଜଣଙ୍କ ଶରୀରରେ ୪୬ଟି ଗୁଣସୂତ୍ର ଥିବାବେଳେ ଡାଉନ ସିଣ୍ଡ୍ରୋମ ସମସ୍ୟାର ଶିକାର ହୋଇଥିବା ପିଲାଟି ପାଖରେ ୪୭ଟି ଗୁଣସୂତ୍ର ଥାଏ। ଏହାର କାରଣ ସମ୍ପର୍କରେ ଦିନକୁ ଦିନ ଅଧିକରୁ ଅଧିକ ଗବେଷଣା ଜାରି ରହିଛି। ତେବେ ଏହାର ପ୍ରମୁଖ କାରଣ ଗୁଡ଼ିକ ହେଉଛି ଅଧିକ ବୟସରେ ବା ବିଳମ୍ବିତ ସମୟରେ ମହିଳା ମାନଙ୍କର ଗର୍ଭଧାରଣ, ଗର୍ଭାଶୟରେ ସଂକ୍ରମଣ ସେହିପରି ଗର୍ଭାନଳୀ ଆକୃତିରେ ସମସ୍ୟା ଏହାର ପ୍ରମୁଖ କାରଣ। ୨୫ବର୍ଷ ବୟସରେ ଜଣେ ଗର୍ଭଧାରଣ କଲେ ଡାଉନ ସିଣ୍ଡ୍ରୋମ ସମସ୍ୟାକୁ ସାମ୍ନା କରିବାର ଯେତିକି ଭୟ ରହିଥାଏ ବୟସ ବଢ଼ିବା ସହ ଏହି ସମସ୍ୟାର ଜଟିଳତା ମଧ୍ୟ ବଢ଼ିଥାଏ।

ପିଲାଟିର ଡାଉନ ସିଣ୍ଡ୍ରୋମ ସମସ୍ୟା ଜାଣିବା ପାଇଁ ଅନେକ କାରଣ ଗୁଡ଼ିକ ମଧ୍ୟ ରହିଛି। ପିଲାଟି ପାଖରେ ଯଦି ଆପଣ ଅଳସୁଆମି ଦେଖନ୍ତି, ତାର ଏକାଗ୍ରତାରେ ଅଭାବ ରହିଥାଏ, ଭାଷା ଶିକ୍ଷାରେ ବିଶେଷକରି ଭାଷା ବିକାଶରେ ଅପାରଗତା ବା ଶିଥିଳତା, ଉଚ୍ଚାରଣରେ ତ୍ରୁଟି, ସାମାନ୍ୟରୁ ମଧ୍ୟମ ଭାବେ ମାନସିକ ଅନଗ୍ରସରତା ଏବଂ କେତେବେଳେ ପାଟି ଶୁଖିଲା ରହେତ ଆଉ କେତେବେଳେ ଅତ୍ୟଧିକ ଲାଳ ବୋହିଥାଏ ଏବଂ ସର୍ବୋପରି ପିଲାଟି ଚଲାବୁଲା ଆଉ ଦୌଡ଼କୁଦ ଆଉ ଛୋଟିଆ ମୋଟିଆ ନିତ୍ୟ ନିୟମିତ କାର୍ଯ୍ୟକରିବାରେ ଅପାରଗ ହେଲେ। ସେହିପରି ଏହାର ଆନୁସଙ୍ଗିକ ସମସ୍ୟା ଗୁଡ଼ିକରେ ମାଂସପେଶୀ ଦୁର୍ବଳତା, ଥାଇରଏଡ଼ ସମସ୍ୟା, ରକ୍ତ ସଂକ୍ରମଣ, ଦୃଷ୍ଟି ଦୋଷ, କାନ ସଂକ୍ରମଣ ଓ ଶ୍ରବଣ ସମସ୍ୟା ମେରୁଦଣ୍ଡ ଉପରିଭାଗର ସମସ୍ୟା, ଏପରିକି ହୃଦରୋଗ ମଧ୍ୟ ଦେଖାଦେଇଥାଏ।

ଦିବ୍ୟାଙ୍ଗଶ୍ରେଣୀଭୁକ୍ତ ଏହି ଜନ୍ମଗତ ତ୍ରୁଟି ଜନିତ ଡାଉନ ସିଣ୍ଡ୍ରୋମ ସମସ୍ୟାର ଚିକିତ୍ସାଁ ଯଦିଓ ବ୍ୟାପକ କିନ୍ତୁ ଏହାର ପ୍ରଭାବ ସ୍ୱଳ୍ପ ରହିଥାଏ। କେତେକ କ୍ଷେତ୍ରରେ ଗର୍ଭଧାରଣର ତିନିମାସ ଭିତରେ ମଲ୍ଟିମେକର ସିରମ ସ୍କ୍ରିନିଂ ପରୀକ୍ଷା ଦ୍ୱାରା ଡାଉନ ସିଣ୍ଡ୍ରୋମର ଲକ୍ଷଣ ଜାଣି ପାରିବା ଦ୍ୱାରା ବିଶେଷ କ୍ଷେତ୍ରରେ ଗର୍ଭପାତ କରାଯାଇପାରେ ଯାହାକି ଭାରତରେ ଆଇନ ସମ୍ମତ। ତେବେ ମହିଳାମାନେ ସୁସ୍ଥ ଗର୍ଭଧାରଣ ପାଇଁ ଡାକ୍ତରୀ ପରାମର୍ଶରେ ଫଲିକ ଏସିଡ଼ ଓ ଲୌହସାରଯୁକ୍ତ ଖାଦ୍ୟ କିମ୍ବା ବଟିକା ଗ୍ରହଣ କରନ୍ତୁ ତେବେ ଡାଉନ ସିଣ୍ଡ୍ରୋମ ସମସ୍ୟା ପରବର୍ତ୍ତୀ ସମୟରେ ଦିବ୍ୟାଙ୍ଗତାର ପ୍ରଭାବକୁ କମାଇ ଦକ୍ଷତା ବିକାଶକୁ ବଢ଼ାଇବା ନିମିତ୍ତ ବିଭିନ୍ନ ଥେରାପି ଲାଭଦାୟକ ହୋଇଥାଏ। ସେଗୁଡ଼ିକ ହେଉଛି ସ୍ପିଚ୍ ଥେରାପି, ଅକୁପେସନାଲ ଥେରାପି, କଗନିଟିଭ ଥେରାପି, ଏଜୁକେସନ ଥେରାପି ଓ ଫିଜିଓ ଥେରାପି ପ୍ରମୁଖ। ଏ ସବୁ ଚିକିତ୍ସା ସମସ୍ୟାର ଶ୍ରବଣ ବାକ୍ ବିଶେଷଜ୍ଞ ବା ଥେରାପିଷ୍ଟ ଓ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଦରକାର ପଡ଼ିଥାଏ। ଏହି ପରୀକ୍ଷା ନିରୀକ୍ଷା ଓ ଆବଶ୍ୟକୀୟ ପରାମର୍ଶ ରାଜ୍ୟର ସରକାରୀ ଓ ବେସରକାରୀ ଡାକ୍ତରଖାନାରେ ମିଳୁଛି। ବ୍ଲକ, ଜିଲ୍ଲା କିମ୍ବା ରାଜ୍ୟ ପୁର୍ନବାସ ସଂସ୍ଥା, ଘରୋଇ ଦିବ୍ୟାଙ୍ଗ ନିରାକରଣ ଓ ଚିକିତ୍ସାକେନ୍ଦ୍ରରେ ମଧ୍ୟ ଏହା ଏହି ସୁଯୋଗ ଉପଲବ୍ଧ। ଡାଉନ ସିଣ୍ଡ୍ରୋମ ସମସ୍ୟାକୁ ନେଇ ଆପଣମାନେ ସେତେ ଭୟଭୀତ ହୁଅନ୍ତୁ ନାହିଁ। ପ୍ରାଥମିକ ସମୟରୁ ପରାମର୍ଶ ଓ ଚିକିତ୍ସା ଗ୍ରହଣ କଲେ ଏହା ସମସ୍ୟା ହୋଇ ରହିବନାହିଁ।



ନାରାୟଣ ଚନ୍ଦ୍ର ବିଶ୍ୱାଳ

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ,
ମୋବାଇଲ୍:୯୪୩୮୨୭୭୭୦



ଘୁଙ୍ଗୁଡ଼ିଃଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା 'ସ୍ଲିପ ଆପ୍ନିଆ'

ଆଜିର ଧାଁ ଧଉଡ଼ ଜୀବନ ଶୈଳୀ ଭିତରେ ଅନେକ ସମୟରେ ଆମ ମାନଙ୍କୁ ଏପରି ଏକ ଅବସ୍ଥାକୁ ସମ୍ମୁଖୀନ କରିବାକୁ ହୁଏ, ଯେମିତି ଶୋଇବା ସମୟରେ ଶ୍ୱାସ ଅଟକି ଯିବା। ଏହାକୁ ସ୍ଲିପ୍ ଆପ୍ନିଆ କୁହାଯାଏ। ଯାହାକି ଦୁଇ ପ୍ରକାର। ପ୍ରଥମତଃ ଅବ୍ଷ୍ଟ୍ରକ୍ଟିଭ୍ ସ୍ଲିପ ଆପ୍ନିଆ ଓ ସେଣ୍ଟ୍ରାଲ ସ୍ଲିପ ଆପ୍ନିଆ। ଅବ୍ଷ୍ଟ୍ରକ୍ଟିଭ ସ୍ଲିପ ଆପ୍ନିଆ ଅଧିକ ଲୋକଙ୍କ ଠାରେ ଦେଖାଯାଏ। ଏହି ରୋଗରେ ବ୍ୟକ୍ତି ଗଳାର ମାଂଶପେଶୀ ଶ୍ୱାସନଳୀ ଉପରେ ଚାପ ପକାଇଥାଏ। ଯାହାଦ୍ୱାରା ଜଣେ ଶୋଇବା ସମୟରେ ଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟାକୁ ସମ୍ମୁଖୀନ କରିଥାଏ। ଆମ ସାଧାରଣ ଜୀବନରେ ଏକ ଧାରଣା ଅଛି ଘୁଙ୍ଗୁଡ଼ି ମାରିବା ହେଉଛି ଗଭୀର ନିଦର ଲକ୍ଷଣ। କିନ୍ତୁ ଭୁଲି ଯାଆନ୍ତୁ ନାହିଁ ଯେ ଏହା ଆମ ଭିତର ସ୍ୱାସ୍ଥ୍ୟର ଏକ ପ୍ରକାର ସତର୍କ ଘଣ୍ଟି। ଶ୍ୱାସନଳୀ ସଂକୁଚିତ ହେବା ଯୋଗୁଁ ଏହି ସମସ୍ୟା ହୋଇଥାଏ। ଯଦି ଜଣେ ରାତିରେ ଜୋରରେ ଘୁଙ୍ଗୁଡ଼ି ମାରୁଛି ତେବେ ବୁଝି ଯାଆନ୍ତୁ ଯେ ଏହା ସ୍ଲିପ ଆପ୍ନିଆର ଲକ୍ଷଣ। ତେବେ ଆମେ ସ୍ଲିପ ଆପ୍ନିଆର ଆଲୋଚନା ରଖୁଥିବାବେଳେ ଅନ୍ୟ ଏକ ଦିଗ ଉପରେ ମଧ୍ୟ ଟିକିଏ ଦୃଷ୍ଟି ଦେଉନ୍ତୁ। ମଣିଷ ଯେତେବେଳେ ବିଶ୍ରାମ ନିଏ ଦିନ ତମାମର ଶାରୀରିକ ଖଟଣି ଓ କ୍ଲାନ୍ତି ବା ଅନ୍ୟ କୌଣସି କାରଣରୁ ଶରୀରର ସ୍ୱାସ୍ଥ୍ୟର କ୍ଷୟକ୍ଷତିର ମରାମତି କାର୍ଯ୍ୟ ହୋଇଥାଏ। ଏ କ୍ଷେତ୍ରରେ ଗଭୀର ନିଦ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଅତିବ ଉପଯୋଗୀ।

ଆପଣ ଶୋଇଥିବା ସମୟରେ ଅଣନିଃଶ୍ୱାସୀ ହୋଇ କେବେ କେବେ ଆପଣଙ୍କ ନିଦ ହଠାତ୍ ଭାଙ୍ଗି ଯାଏକି? ଏପରିକି ଏହି ସ୍ଲିପ ଆପ୍ନିଆ ସମସ୍ୟାକୁ ସମ୍ମୁଖୀନ ହେଉଥିଠିବା ଲୋକମାନେ କିଛି ସେକେଣ୍ଡ ପାଇଁ ନିଜ ନିଶ୍ୱାସ ଅଟକି ଗଲାପରି ଅନୁଭବ କରିଥାନ୍ତି। ଯେତେବେଳେ ଶରୀରରେ ଅମ୍ଳଜାନର ଅଭାବ ହୁଏ, ହଠାତ୍ ମସ୍ତିଷ୍କ ଜାଗ୍ରତ ହୋଇପଡ଼େ ଫଳରେ ଶୋଇଥିବା ସମୟରେ ହଠାତ୍ ଅଣନିଶ୍ୱାସୀ ଲାଗିବା ସହ ନିଦ ଭାଙ୍ଗିଯାଏ। ଏହି ସମୟରେ ବ୍ୟକ୍ତି ଜଣକ ଶ୍ୱାସ ପ୍ରଶ୍ୱାସ ନେଇ ନପାରି ବଡ଼ ଅସ୍ୱସ୍ତିକର ଅବସ୍ଥାକୁ ସାମ୍ନା କରିଥାଏ। କେବଳ ସେତିକି ନୁହେଁ ଏପରି ଜଟିଳ ସ୍ଥିତି ହୃଦୟ ଉପରେ ମଧ୍ୟ ଗଭୀର ଚାପ ପକାଇଥାଏ। କେହି କେହି କୁହନ୍ତି ରାତିରେ ସାତ ଆଠଘଣ୍ଟା ଶୋଇବା ଯଥେଷ୍ଟ। ହୁଏତ ଏହା ଠିକ କିନ୍ତୁ ଜଣେ ଯଦି ସକାଳେ ସତେଜ ଅନୁଭବ ନକରୁଛି ଅର୍ଥାତ୍ ରାତିରେ ଯଦି ଠିକ ଭାବେ ନିଦ ହେଉନାହିଁ ତେବେ, ଏହି ସାତଘଣ୍ଟା ବ କିଛି ନୁହେଁ। ଏହା ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରେ। ସ୍ଲିପ ଆପ୍ନିଆରେ ବ୍ୟକ୍ତିର ନିଶ୍ୱାସ ମଝିରେ ମଝିରେ ବାରମ୍ବାର ଅଟକିବା ଯୋଗୁଁ ରାତିରେ ସେ ଠିକ ଭାବେ ଶୋଇପାରିନଥାଏ। ତେଣୁ ସେ ବ୍ୟକ୍ତି ଜଣଙ୍କର ସେହି ଦିନଟି ଥକ୍କା ଅନୁଭବରେ ଏବଂ କଷ୍ଟରେ ବିତିଯିବାର ସମ୍ଭାବନା ଥାଏ।

ଆମମାନଙ୍କ ଭିତରୁ ଅନେକ ଅଛନ୍ତି ଯେଉଁମାନେ ସକାଳୁ ଉଠିବା ସହ ମୁଣ୍ଡବିନ୍ଧା, ମୁଣ୍ଡ ଭାରି ଭାରି ଲାଗିବା ଏବଂ ମୁଣ୍ଡ ଭିତରେ କ'ଣ ହୋଇଯାଉଛି ବୋଲି ଅଭିଯୋଗ କରନ୍ତି। ସାରା ରାତି ଶରୀରକୁ ଠିକ ଭାବେ ଅମ୍ଳଜାନ ନ ମିଳିବା ଯୋଗୁଁ ଶରୀରରେ ଅମ୍ଳଜାନ ସ୍ତର କମ ରହିବା ଓ ଅଙ୍ଗାରକାମ୍ଳ ବଢ଼ିବା ଯୋଗୁଁ ଏହି ସମସ୍ୟା ସୃଷ୍ଟି ହୋଇଥାଏ। ମସ୍ତିଷ୍କକୁ ଭରପୁର ଅମ୍ଳଜାନ ନମଳିବା କାରଣରୁ ସକାଳୁ ତୀବ୍ର ବେଗରେ ମୁଣ୍ଡ ବିନ୍ଧା ହୋଇଥାଏ। ସେହିପରି ସ୍ଲିପ ଆପ୍ନିଆରେ ପୀଡ଼ତ ବ୍ୟକ୍ତି ଜଣଙ୍କ ରାତିରେ ବାରମ୍ବାର କଡ଼ ଲେଉଟାଇବା ଯୋଗୁଁ ତାକୁ ଠିକ ଭାବେ ନିଦ ହୋଇନଥାଏ। ବାରମ୍ବାର ପରିସ୍ରା ଯିବା ପାଇଁ ଉଠିବା, ବିନା କାରଣରେ ହଠାତ୍ ନିଦ ଭାଙ୍ଗିଯିବା ଆଦି କାରଣରୁ ମଧ୍ୟ ଜଣେ ଶୋଇପାରି ନଥାଏ। ଯାହାଦ୍ୱାରା ସକାଳୁ ସେମାନଙ୍କୁ ସତେଜ ଅନୁଭବ ଲାଗି ନଥାଏ ବରଂ ସେମାନେ ଦିନସାରା ଚିଡ଼ଚିଡ଼ା ଅନୁଭବ କରନ୍ତି। କେବଳ ସେତିକି ନୁହେଁ ସେମାନେ ଦିନ ତମାମ ଫୂର୍ତ୍ତିର ସହିତ ସତେଜ ସକ୍ରିୟତାକୁ ଅନୁଭବ କରିପାରିନଥାନ୍ତି। ସ୍ଲିପ ଆପ୍ନିଆ କେବଳ ନିଦର ଅଭାବ ବୋଲି ଭାବିବା ଠିକ ନୁହେଁ। ତେବେ ଏହାକୁ ସଠିକ ସମୟରେ ଚିକିତ୍ସା କଲେ ଖୁବ ଭଲ ନଚେତ୍ ଏହାର ପ୍ରଭାବ ରକ୍ତଚାପ, ଷ୍ଟ୍ରୋକ ଓ ଟାଇପ-୨ ମଧୁମେହ ପରି ସ୍ୱାସ୍ଥ୍ୟ ସମସ୍ୟାର ଆଶଙ୍କାକୁ ବଢ଼ାଇଥାଏ। ଘୁଙ୍ଗୁଡ଼ି ସମସ୍ୟା ଥିଲେ ଆପଣ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ରାତିରେ ଶୋଇବା ସମୟରେ ଆପଣଙ୍କ ନାକ ଭିତରଟି ଯେପରି ପରିଷ୍କାର ଥାଏ ସେ ଦିଗକୁ ଦେଖନ୍ତୁ। ନାକ ବନ୍ଦ ରହୁଥିଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ନାକ ଡ୍ରପ ଅଥବା ଔଷଧ ନିଅନ୍ତୁ। ନିଜ ଶରୀରର ଓଜନକୁ ସନ୍ତୁଳିତ ରଖନ୍ତୁ। ଚିନ୍ତାମୁକ୍ତ ହୋଇ ଏକ ସକାରାତ୍ମକ ଧାରଣା ସହିତ ବିଛଣାକୁ ଯାଆନ୍ତୁ। ଆନନ୍ଦମୟ ଭାବେ ଆଜିର ଦିନଟିକୁ ପରିପୂର୍ଣ୍ଣ କରିଥିବାରୁ ଭଗବାନଙ୍କୁ ଓ ନିଜ ସହଯୋଗୀ ମାନଙ୍କୁ ଧନ୍ୟବାଦ ଦିଅନ୍ତୁ। ଏହା ସେତେ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ। ଡାକ୍ତରୀ ପରାମର୍ଶ ଓ ଆପଣଙ୍କର ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ଏହି ସମସ୍ୟାରୁ ମୁକୁଳିପାରିବେ।

ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ'
କାଠଗୋଲାରୋଡ଼, ମଙ୍ଗଳାବାଗ, କଟକ,
ଦୂରଭାଷ : ୯୪୩୮୨୭୭୭୦

ଶରୀର ପାଇଁ ଉପକାରୀ ପଖାଳ

'ପଖାଳ' କେବଳ ଏକ ଖାଦ୍ୟ ନୁହେଁ, ବରଂ ଓଡ଼ିଆଙ୍କ ସହ ଜଡ଼ିତ ଏକ ଭାବପ୍ରବଣତା। ସାରା ବିଶ୍ୱରେ ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସବୁବେଳେ ରହିଆସିଛି ସେମାନଙ୍କ ଅତୁଟ ଆଗ୍ରହ। ବର୍ତ୍ତମାନର ଅତ୍ୟାଧୁନିକ ଯୁଗରେ ମଧ୍ୟ ଏହି ପାରମ୍ପରିକ ଖାଦ୍ୟ ନିଜର ସ୍ୱାତନ୍ତ୍ର ବଜାୟ ରଖିବାରେ ସଫଳ ହୋଇଛି। ଧୀରେ ଧୀରେ ସହର ସଂସ୍କୃତିରେ, ଜନଜୀବନରେ ସାମିଲ ହୋଇଛିପଖାଳକଂସା। ଗାଁ ଚାଳଘରେ ରହି ଯାଇଥିବା ପଖାଳ ଏବେ ତାରକା ହୋଟେଲ ଏସି ରୁମ୍‌ରେ ଶୋଭାପାଉଛି। ପଖାଳର ମହକ ସବୁଆଡ଼େ ଅନୁଭୂତ ହେଉଛି। ଓଡ଼ିଆ ସଂସ୍କୃତିରେ ଏହାର ଗୁରୁତ୍ୱକୁ ଉପଲବ୍ଧି କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଦ୍ୱିପ୍ରହର ହେଲେ ଏବେ ପ୍ରାୟ ହୋଟେଲ ଓ ରେଷ୍ଟୁରାଣ୍ଟରେ ପରଷାଯାଉଛି ଭଲିକି ଭଲି ପଖାଳକଂସା। ଏହାସାଙ୍ଗକୁ ଚୂନାମାଛ, ଶୁଖୁଆ ରାଇ, ଶୁଖୁଆପୋଡ଼ା, ଶାଗଭଜା, ବଡ଼ିଚୂରା, କଖାରୁଫୁଲ ପିଠା, ଚିଙ୍ଗୁଡ଼ି ଛେଚା, ବିଭିନ୍ନ ପ୍ରକାରର ମାଛଭଜା, ଆଳୁ ଭରତା ଭଳି ଖାଣ୍ଟି ଓଡ଼ିଆ ଖାଦ୍ୟ ଗ୍ରାହକଙ୍କୁ ଟାଣି ନେଉଛି। ପଖାଳରେ ଅନେକ ପ୍ରକାର ସ୍ୱାସ୍ଥ୍ୟପକାରୀ ଗୁଣ ଭରି ରହିଛି। ଆମ ଦେଶରେ ଏହା ଏକ ଅତି ପ୍ରିୟ ଖାଦ୍ୟ। ତେବେ ଏଥିରେ କ'ଣ କ'ଣ ଉପକାରୀ ଗୁଣ ରହିଛି ସେ ବିଷୟରେ ପୁଷ୍ଟିବିଜ୍ଞାନୀ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, "ପଖାଳର ଜଳ ଅଂଶକୁ କୁହାଯାଏ ତୋରାଣି। ତୋରାଣି ପରିପାକ ତନ୍ତ୍ର ବା ପେଟ ପାଇଁ ବେଶ୍ ଉପକାରୀ। ଆମର ପାରମ୍ପରିକ ଖାଦ୍ୟ ପଖାଳ ଅନ୍ତନଳୀକୁ ସୁସ୍ଥ ରଖେ ଏବଂ ଶରୀରକୁ ଲୌହ ଯୋଗାଇଦିଏ। ବିଶେଷଭାବରେ ପଖାଳ ଗର୍ଭବତୀ ଏବଂ ଆମିନିଆ ରୋଗୀଙ୍କ ପାଇଁ ଖୁବ୍ ହିତକର। ଭାତକୁ ରାତି ସାରା ପାଣିରେ ଭିଜେଇ ରଖିବା ଦ୍ୱାରା ତାହା ପ୍ରାକୃତିକ ଉପାୟରେ ଫରମେଣ୍ଟେଡ ହୋଇଯାଏ। ତୋରାଣିରେ ବୃଦ୍ଧିପାଏ ଲାକ୍ଟିକ ଏସିଡ ବ୍ୟାକ୍ଟେରିଆ। ଏହି ବ୍ୟାକ୍ଟେରିଆ ପରିପାକତନ୍ତ୍ରକୁ ସୁସ୍ଥ ରଖିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏହାବ୍ୟତୀତ ମାଟିହାଣ୍ଡିରେ ପ୍ରସ୍ତୁତ ପଖାଳ ମଧ୍ୟ ବେଶ୍ ଉପକାରୀ। ମାଟିପାତ୍ର ଛିଦ୍ରଯୁକ୍ତ ହୋଇଥିବାରୁ ବାୟୁ ଚଳାଚଳରେ ସୁବିଧା ହୁଏ ଏବଂ ବେଶି ଅକ୍ସିଜେନ ସଂସ୍ପର୍ଶରେ ଆସୁ ନ ଥିବାରୁ ଲାକ୍ଟୋବାସିଲଙ୍କ ସଂଖ୍ୟା ବୃଦ୍ଧିରେ ବ୍ୟାହତ ହୁଏ ନାହିଁ। ମାଟିପାତ୍ର ଯୋଗୁଁ ପଖାଳର ତାପମାତ୍ରା ୨୫-୩୫ ଡିଗ୍ରୀ ସେଲସିୟସ ରହିଥାଏ। ଅନ୍ୟପକ୍ଷରେ ମାଟିହାଣ୍ଡିରେ ଭାତରୁ କ୍ୟାଲସିୟମ, ମ୍ୟାଗ୍ନେସିୟମ ଏବଂ ଟ୍ରେସ ଏଲିମେଣ୍ଟ ବା ସୂକ୍ଷ୍ମ ଧାତୁସାର ବାହାରିବା ପ୍ରକ୍ରିୟାରେ ସହାୟକ ହୋଇଥାଏ। ତୋରାଣି ଶରୀରରେ ଜଳୀୟ ଅଂଶ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ପଖାଳରେ ଥିବା ଲୁଣ ଶରୀରରୁ ଝାଳରେ ବାହାରି ଯାଉଥିବା ଲୁଣ ପରିମାଣକୁ ସନ୍ତୁଳିତ ରଖିଥାଏ। ଶାଗପଖାଳ ଖାଇଲେ ଶାଗରୁ ମିଳିଯାଏ ଅତିରିକ୍ତ ଲୌହ, ଭିଟାମିନ୍-ଏ, କ୍ୟାଲସିୟମ, ଫଲିକ୍ ଏସିଡ ଏବଂ ଭିଟାମିନ୍-ସି।



ଖରାଦିନେ ଖାଆନ୍ତୁ କଞ୍ଚା ଆମ୍ବ



ଖରାଦିନ ଆସିବା ମାତ୍ରେ ଆମ୍ବପ୍ରେମୀମାନେ ଖୁବ୍ ଖୁସି ହୋଇ ଯାଇଥାଆନ୍ତି। କାହିଁକିନା ଖରାଦିନ ଆରମ୍ଭ ହେବା ମାତ୍ରେ ମାର୍କେଟରେ କଞ୍ଚା ଆମ୍ବ ମିଳିବା ଆରମ୍ଭ ହୋଇଥାଏ। ଆମ୍ବକୁ ଫଳର ରାଜା ବୋଲି ବିବେଚନା କରାଯାଏ। ବର୍ଷସାରା ଉତ୍ସାହର ସହିତ ଅପେକ୍ଷା କରନ୍ତି। ଏପ୍ରିଲ୍ ମାସରେ କଞ୍ଚା ଆମ୍ବ ପ୍ରଚୁର ପରିମାଣରେ ମିଳିଥାଏ। ଏହାର ସ୍ୱାଦ ଯେତିକି ସ୍ୱାଦିଷ୍ଟ ଦେହ ପାଇଁ ମଧ୍ୟ ସେତିକି ହିତକର। ପ୍ରତ୍ୟେକ ଋତୁରେ ମିଳିଥିବା ଫଳ, ପନିପରିବା ଖାଇବା ଉଚିତ୍। ଋତୁ ହିସାବରେ ଆମ ଶରୀରକୁ ସେହି ସବୁ ଖାଦ୍ୟର ଆବଶ୍ୟକତା ରହିଛି। କିନ୍ତୁ ପ୍ରତ୍ୟେକ ଖାଦ୍ୟ ସୀମିତ ପରିମାଣର ଖାଇବା ଉଚିତ୍। ଯାହା ଦ୍ୱାରା ଆମ ଶରୀର ପାଇଁ ଏହା ବରଦାନ ସଦୃଶ ହୋଇଥାଏ। କଞ୍ଚା ଆମ୍ବର ନାଁ ଶୁଣିଲେ ହିଁ ପାଟିରେ ଲାଳ ଆସିଯାଏ। ଆମ୍ବ ପଣା, ଆମ୍ବ ଚଟନି ଆଦି କଞ୍ଚା ଆମ୍ବରୁ ତିଆରି। କିନ୍ତୁ କଣ ଆପଣ ଜାଣିଛନ୍ତି କଞ୍ଚା ଆମ୍ବ ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ତେବେ ଆସନ୍ତୁ ଆମେ ଆଜି କଞ୍ଚା ଆମ୍ବ ଖାଇବାର ଲାଭ ସମ୍ପର୍କରେ ଜାଣିବା। କଞ୍ଚା ଆମ୍ବ ଅନେକ ପୋଷକ ତତ୍ତ୍ୱର ଭଣ୍ଡାର ଅଟେ। ଏଥିରେ ଭିଟାମିନ୍ ଏ, ଭିଟାମିନ୍ ସି, ଭିଟାମିନ୍ ଇ, କ୍ୟାଲସିୟମ୍, ଆଇରନ୍, ଫାଇବର, ମ୍ୟାଗ୍ନେସିୟମ୍ ଏବଂ ଫସଫରସ୍ ଭଳି ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଥାଏ। କଞ୍ଚା ଆମ୍ବ ଗ୍ରୀଷ୍ମ ଋତୁର ଉତ୍ତାପରୁ ରକ୍ଷା କରିବାରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।

କଞ୍ଚା ଆମ୍ବ ଶରୀରର ଜଳୀୟ ଅଂଶର କମିକୁ ପୂରଣ କରିଥାଏ। ଶରୀରକୁ ଖରା ଦାଉରୁ ରକ୍ଷା କରିଥାଏ। ଖରାଦିନ ପାଇଁ ଆମ୍

ଜଙ୍ଗରାଇ ଗ୍ରାମରରେ ଇଦ୍-ମୁବାରକ ପାଳିତ



ବୈଶିଙ୍ଗା,୨୧।୩ (ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ପଞ୍ଚାୟତର ଗୋବିନ୍ଦ ରାୟପୁର ଏବଂ ଚଷାଖଣ୍ଡ ପଞ୍ଚାୟତର ଜଙ୍ଗରାଇ ଗ୍ରାମର ମୁସଲମାନ ଭାଇ ଭଉଣୀ ମାନଙ୍କ ମଧ୍ୟରେ ଇଦ୍-ମୁବାରକ ପର୍ବ ଖୁବ୍ ଜାକ ଜମକରେ ପାଳିତ ହୋଇଥିବାର ଜଣାଯାଇଛି।ଗୋବିନ୍ଦ ରାୟପୁର ଗ୍ରାମରେ ଥିବା ଆଇସା ଜାମା ମସଜିଦରେ ଆଜି ସକାଳ ୮ ଘଟିକାରେ ସମବେତ ନମାଜ ପାଠ ପରେ ନିଜ ନିଜ ମଧ୍ୟରେ ଇଦ୍-ମୁବାରକ ଆଦାନ ପ୍ରଦାନ କରା ଯାଇଥିଲା। ଏଥି ସହିତ ମହିଳା ମଦ୍ରାସା ଜମାଇ ତୁଲ ବିନାତ ବରକତେ ଫାତିମା ରେ ମଧ୍ୟ ଇଦ୍ ପର୍ବ ପାଳିତ ହୋଇଥିଲା। ମୌଲାନା ଗୁଲାମ ମଇଭଦ୍ଦିନ ଙ୍କ ସମେତ ସେକ୍ ସରଜୁକିନ, ଆଜମଲ ଖାଁ, ଏକିଲ ଖାଁ, ମଲ୍ଲିକ ୱାଦିଲ, ମଲ୍ଲିକ ରବି, ମଲ୍ଲିକ ନେକରୁଦ୍ଦିନ୍ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ ଙ୍କୁ ମିଷ୍ଟାନ୍ନ ଓ ସିମେଇ ବଣ୍ଟନ କରାଯାଇଥିଲା। ହିନ୍ଦୁ ଭାଇ ମାନେ ମଧ୍ୟ ଏହି ଇଦ୍ ପର୍ବ ରେ ସାମିଲ ହୋଇଥିବାର ଦେଖା ଯାଇଥିଲା।

ଭଙ୍ଗା କୁଡ଼ିଆରେ ବିତୁଛି ଲଛମନଙ୍କ ଦିନ



ମାଲକାନଗିରି,୨୧।୩ (ସଂଚାର ବ୍ୟୁରୋ): ସରକାର ଗରିବଙ୍କ ପାଇଁ ମାଳମାଳ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଗ୍ରାମାଞ୍ଚଳର ଅଧିକାଂଶ ଯୋଗ୍ୟ ଲୋକ ଏଥିରୁ ବଞ୍ଚିତ ରହୁଛନ୍ତି । ପ୍ରଶାସନ ସବୁ ଦେଖି, ଆଖି ବୁଜି ଦେଇଛି । ସରକାରୀ ଯୋଜବାରୁ ବଞ୍ଚିତ ହୋଇ ଦୁର୍ବିସହ ଜୀବନ ବିତାଉଥିବା ସେମିତି ଜଣେ ବୃଦ୍ଧ ହେଉଛନ୍ତି ମାଲକାନଗିରି କାଲିମେଳାର ଜଣେ ବୃଦ୍ଧ । ଲଛମନ କୁମ୍ଭାର..ବୟସ ୭୨ । ଫୁଙ୍ଗୁଳା ଶରୀର, ହାତ ଗୋଡ଼ ଫୁଲିଗଲାଣି। ଚାଲିବୁଲି ପାରୁନାହାନ୍ତି, ଗୋଟିଏ ଜାଗାରେ ବସି ରହୁଛନ୍ତି । ରହିବା ପାଇଁ ଘର ଖଣ୍ଡିଏ ନାହିଁ । ଘର କହିଲେ ଚାଳଛପର କୁଡ଼ିଆ । ଉପର ଛପର, ଚାରିପଟ ଖୋଲା । କାନ୍ଥ ବଦଳରେ ଲୁଗାପଟା ସାଜିଛି ସୁରକ୍ଷା କବଚ। ମଶା ଦାଉରୁ ରକ୍ଷା ପାଇବାକୁ ମଶାରୀଟିଏ ବନ୍ଧାଯାଇଛି । ଏମିତି ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି କାଲିମେଳା ବ୍ଲକ ଅନ୍ତର୍ଗତ ତେଲରାଇ ପଞ୍ଚାୟତ ଛେଳିଆମୁଣ୍ଡା ଗାଁର ଲଛମନ । ବିଡ଼ମ୍ବନାର ବିଷୟ ଆଜି ପର୍ଯ୍ୟନ୍ତ ଲଛମନଙ୍କୁ ଭଡା କି ଆବାସ ଯୋଜନାରେ ଘର ମିଳିପାରିନି । ଅନେକ ଥର ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଆବେଦନ ବି କରିଛନ୍ତି। କିନ୍ତୁ କେହି ଦୁଃଖ ବୁଝିନାହାନ୍ତି । ଜମି ପଟ୍ଟା ନଥିବାରୁ ଲଛମନଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନଥିବା ଜଣାପଡ଼ିଛି । କେବଳ ଲଛମନ ନୁହଁନ୍ତି, ଜମିପଟ୍ଟା ନଥିବାରୁ ଛେଳିଆମୁଣ୍ଡା ଗାଁର କାହାକୁ ବି ଆବାସ ଯୋଜନାରେ ଘର ମିଳିନି। ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୩ କିମି ଦୂରରେ ଥିବା ଏହି ଗାଁ ଉପରେ ପ୍ରଶାସନର ଦୃଷ୍ଟି ପଡ଼ିପାରିନି । ଏନେଇ ଖବର ପାଇବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସାମାଜିକ ସୁରକ୍ଷା ଅଧିକାରୀ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି । ଲଛମନଙ୍କୁ ତୁରନ୍ତ ଭଡା ଦେବା ସହ ସର୍ଭେ କରି ଯୋଗ୍ୟଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ପଞ୍ଚାୟତ ନିର୍ବାହୀ ଅଧିକାରୀ। ପ୍ରାଶାସନିକ ଅଧିକାରୀ ଦେଇଥିବା ପ୍ରତିଶ୍ରୁତି କେବେ କାର୍ଯ୍ୟକ୍ଷମ ହେବ, ଲଛମନଙ୍କ କେବେ ସରକାରୀ ସୁବିଧା ମିଳିବ ତାକୁ ଅପେକ୍ଷା ।

ବିଶ୍ୱ କବିତା ଦିବସରେ ବସନ୍ତ କବିତା ଆସର



ବୈଶିଙ୍ଗା,୨୧।୩(ସଂଚାର ବ୍ୟୁରୋ): ବେତନଟୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ' ମୟୁର ସାହିତ୍ୟ ସଂସଦ' ତରଫରୁ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇ ଯାଇଛି। ବିଶ୍ୱକବିତା ଦିବସ ପାଳନ ଅବସରରେ ସଂସଦର କା: ସଭାପତି ଆଇନ୍‌ଜୀବୀ ସଚିଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ସଂପାଦକ ଯତୀନ୍ଦ୍ରନାଥ ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ ଓ ସାହିତ୍ୟର ସୁରକ୍ଷା ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ। ବୈଠକରେ ବସନ୍ତ ଋତୁ ଆଗମନକୁ ସ୍ୱାଗତ କରି କବି, କବୟିତ୍ରୀ ଗଣ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଇତ୍ୟବସରରେ ସଂ।ଗଠନିକ ଆଲୋଚନା କ୍ରମରେ ସଂସଦର ବାର୍ଷିକ ଉତ୍ସବ ପାଳନ, ଆଗାମୀ ଉତ୍କଳଦିବସ ପାଳନ ସମ୍ବନ୍ଧର ବିଶଦ ଆଲୋଚନା କରାଯାଇଥିଲା। ବନମୟୁରୀ ପତ୍ରିକା ସଂପାଦକ ନୀରଦ ସୁନ୍ଦର ଜେନା କବିତା ଗୁଡିକର ସଂଯୋଜନା କରିଥିଲେ। କବିତା ପାଠ ଓ ଆଲୋଚନାରେ ସଂସଦର କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଉପଦେଷ୍ଟା ବାସୁଦେବ ନାପିତ, ସୌଦାମିନୀ ପଣ୍ଡା, ହରେନ୍ଦ୍ର ନାଥ ବାରିକ, ସୀମାଦାସ ଖଟୁଆ, ଡଃ ମନ୍ଦାକିନୀ ସାହୁ, ଉପସଭାପତି ଗୌତମଚନ୍ଦ୍ର ବେହେରା, ସହଦେବଗିରି, ରବୀନ୍ଦ୍ର ନାଥ ମିଶ୍ର, ଉଷା ଶତପଥି, ରବୀନ୍ଦ୍ରନାଥ ଖଟୁଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମଳ ଲୋଚନ କର ସହଯୋଗ କରିଥିଲେ। ଶେଷରେ ସଂପାଦକ ଶ୍ରୀସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅମଣିଦା -ଭୁରକୁଣ୍ଡି ରାସ୍ତା ପାଲଟିଛି ମରଣଯନ୍ତା, ମରାମତି ଦାବି

ବୈଶିଙ୍ଗା,୨୧।୩ (ସଂଚାର ବ୍ୟୁରୋ): ଦୀର୍ଘ ବର୍ଷ ହେବ ମରାମତି ନହେବା ଯୋଗୁଁ ବୈଶିଙ୍ଗା ଥାନା ଅଁଳା-ଅମଣିଦା ଗ୍ରାମଉନ୍ନୟନ ରାସ୍ତାର ଅମଣିଦା ଠାରୁ ଭୁରକୁଣ୍ଡି ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଦହିକୋଟି ଠାରୁ ଭୁରକୁଣ୍ଡି ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ବେଳେ ଅମଣିଦା ପର୍ଯ୍ୟନ୍ତ ମରାମତି ହୋଇଥିବା ବେଳେ ପ୍ରାୟ ୧ କିମି ରାସ୍ତା ମରାମତି ନହେବାରୁ ରାସ୍ତା ଯାକ ଖାଲ ଖମାରେ ଭର୍ତ୍ତି ହୋଇଛି, ଏପରିକି କୃତ୍ରିମ ଗଡ଼ିଆରେ ପରିଣତ ହୋଇଛି।ଏହି ରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହୋଇଥିବାବେଳେ ଏହା ମୋରଡା ଓ ରସଗୋବିନ୍ଦପୁର ବ୍ଲକକୁ ସଂଯୋଗ କରିବାସହ ବେଙ୍ଗଲ ଓ ବାଲେଶ୍ୱର ଜିଲାର ବସ୍ତା, ଅମର୍ଦା, ଜଳେଶ୍ୱର, ବାଲିଆପାଳ ଓ ଚନ୍ଦନେଶ୍ୱର ଓ ଦିଘାକୁ ସିଧା ରାସ୍ତା ଅଟେ। ଏତଦ ବ୍ୟତିତ ଦୈନିକ ସରକାରୀ ଓ ଘରୋଇ ବସ ଚଳାଚଳ କରେ। ବିଶେଷଭାବେ ଏହି ରାସ୍ତାରେ ଦୈନିକ ସ୍କୁଲ ଓ କଲେଜ ପିଲା ଯିବାଆସିବା କରିଥାନ୍ତି ଓ ପଡ଼ିଯାଇ ଗୁରୁତର ଆହତ ହେବାର ଅନେକ ନଜିର ରହିଛି। ବିଶେଷ ଭାବେ ଉକ୍ତ ସ୍ଥାନରେ ବାଇକ ଦୁର୍ଘଟଣା ନିତିଦିନିଆ ହୋଇଯାଇଛି। ଏହି ରାସ୍ତା ମରାମତି ନିମନ୍ତେ ସରପଞ୍ଚ ଚୈତନ୍ୟ ହେମ୍ବ୍ରମ, ବରିଷ୍ଠ ନାଗରିକ ଅକ୍ଷୟ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରଭାକର ମହାନ୍ତ, ସରୋଜ କୁମାର ମହାନ୍ତ ପ୍ରମୁଖ ମରାମତିପାଇଁ ଦାବି କରିଛନ୍ତି। ଯଦି ମରାମତି ବିଭାଗ ନକରିବ ତେବେ ଆନ୍ଦୋଳନତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ଲାଷ୍ଟିକ ବ୍ୟବହାରକୁ ନା' ଦାରିଙ୍ଗବାଡିକୁ ସବୁଜ ସୁନ୍ଦର କରିବାକୁ ଅଣ୍ଟା ଭିଡ଼ିଲା ପ୍ରଶାସନ



ଦାରିଙ୍ଗବାଡ଼ି,୨୧।୩ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ ବ୍ୟବହାରକୁ ନା କହିବା ଓ ହୋଟେଲ ରେଷ୍ଟୁରାଣ୍ଟରେ ପ୍ଲାଷ୍ଟିକ ବଦଳରେ ଶିଆଳି ଖଲିପତ୍ର ବ୍ୟବହାର କରିବା ଡଷ୍ଟିୟାର୍ଡକୁ ସଠିକ ବ୍ୟବହାର କରିବାକୁ ନେଇ ଶନିବାର ଏକ ସଚେତନ ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟରୁ ବାହାରିଥିଲା। ବିଡ଼ିଓ ପ୍ରୀତିରଞ୍ଜନ ରଥଙ୍କ ଆହ୍ୱାନକ୍ରମେ ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ତହସିଲଦାର ଧୀରଜ କୁମାର ପାତ୍ର, ବ୍ଲକ ସଂସ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲିଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ, ବଣିକ ସଙ୍ଘ, ହୋଟେଲ ସଂଘ, ବରିଷ୍ଠ ନାଗରିକ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ବ୍ଲକ ଓ ତହସିଲ କର୍ମଚାରୀ ସ୍ଥାନୀୟ ଜନସାଧାରଣ ପ୍ରମୁଖ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ଅବକାରୀ ଚଢ଼ଉ : ଦୁଇ ଦିନରେ ୫ ଗିରଫ

ଝାରୁସୁଗୁଡ଼ା,୨୧।୩ (ସଂଚାର ବ୍ୟୁରୋ): ଝାରସୁଗଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଗତ ଦୁଇ ଦିନ ମଧ୍ୟରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନ ଯଥା- ସୁଲେହି, ନକ୍ସାପାଳି, ବାଙ୍କୀ, ପରମାନପୁର, ରେଙ୍ଗାଳପାଳି, ବଡସରୁଆ (ଗୁଜାପାହାଡ଼) ଆଦି ଅଞ୍ଚଳରେ ଚଢ଼ଉ କରି ମୋଟ୍ ୭୬୦୦ କେଜି ମହୁଲ ପୋଚ, ୨୦୯ ଲିଟର ଦେଶୀ ମଦ, ଅବକାରୀ ସାମଗ୍ରୀ ଜବତ କରାଯାଇଛି। ମାମଲାରେ ସମ୍ପୃକ୍ତ ସୁଲେହି ଗ୍ରାମର ମମତା ବେହେରା(ମହିଳା), ନକ୍ସାପାଳି(ମୁଣ୍ଡାପଡ଼ା) ଗ୍ରାମର ଶଙ୍କର ମୁଣ୍ଡା, ପରମାନପୁର ଗ୍ରାମର କ୍ଷୀରୋଦ କିସାନ ଓ ରେଙ୍ଗାଳପାଳି ଗ୍ରାମର ସୁରେଶ ବଲୁଆକୁ ଗିରଫ କରି କୋର୍ଟଚାଲାଣ କରାଯାଇଅଛି। ଆହୁରି ମଧ୍ୟ ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଝାରସୁଗୁଡା ତରଫରୁ ଝାରସୁଗୁଡା ରେଳଷ୍ଟେସନ ଅଞ୍ଚଳରେ ଚଢ଼ଉ କରି ୮ କେଜି ୫୦୦ ଗ୍ରାମ ପରିମାଣର ଗଞ୍ଜେଇ ଜବତ କରାଯାଇଥିବା ବେଳେ ମାମଲାରେ ସମ୍ପୃକ୍ତ ଜୋରାବଗା (ଗୁମାଡେରା) ଅଞ୍ଚଳର ଶ୍ରୀରାମ କୁମାରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

ଦୁବୃର୍ତ୍ତଙ୍କ ଆକ୍ରମଣରେ ସ୍କୁଲ ୱାର୍ଡେନଙ୍କ ମୃତ, ପ୍ରଧାନ ଶିକ୍ଷୟିତ୍ରୀ ଆହତ



ବୈଶିଙ୍ଗା,୨୧।୩(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ କଳମା ସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା କେନ୍ଦ୍ରର ପ୍ରିନ୍ସିପାଲ କାଦମ୍ବିନୀ ରାଉତ ହଷ୍ଟେଲ ୱାର୍ଡେନ ସନ୍ୟାସୀ ଦାସ ଙ୍କ ସହିତ ବାଇକରେ ଶୁକ୍ରବାର ରାତି ୯.୩୦ ସମୟରେ କଳମା ଛକରେ ଥିବା ତାଙ୍କ ଭାଇ ଡା. ବିଜୟ କୁମାର ରାଉତ ଙ୍କ କ୍ଲିନିକ କୁ ଯାଉଥିବା ସମୟରେ ଦୁବୃର୍ତ୍ତ ଙ୍କ ଆକ୍ରମଣର ଶୀକାର ହୋଇଥିଲେ। ଦୁର୍ବୃତ ମାନେ ଧାରୁଆ ଅସ୍ତ୍ରରେ ହାଣି ବାଇକ୍ ମୋବାଇଲ୍ ଛଡ଼ାଇ ନେଇଥିଲେ। ଆକ୍ରମଣ ର ଶୀକାର ହୋଇ ସନ୍ୟାସୀ (୪୭) ଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରିନ୍ସିପାଲ କାଦମ୍ବିନୀ ବାଲେଶ୍ୱର ମୃଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ତାଙ୍କର ଅବସ୍ଥା ମଧ୍ୟ ସଙ୍କଟାପନ୍ନ ଥିବା ଖବର ମିଳିଛି। ପୋଲିସ ପହଞ୍ଚି ତଦନ୍ତ କରୁଛି।ବୈଶିଙ୍ଗା ଥାନା ଅଞ୍ଚଳ ବର୍ତ୍ତମାନ ଆତଙ୍କ ସୃଷ୍ଟି କାରୀ ତଥା ଅସାମାଜିକ ବ୍ୟକ୍ତିମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି, ଆଇନ ଶୃଙ୍ଖଳା କିଛି ନାହିଁ, ସାଧାରଣ ଲୋକଙ୍କ ଭାଗ୍ୟ ଭଗବାନ ଙ୍କ ଉପରେ ନିର୍ଭର କରେ, ଏଠାରେ ପ୍ରଶାସନ, ନିର୍ବାଚିତ ପ୍ରତିନିଧି ମାନେ କୁମ୍ଭ କର୍ଣ୍ଣ ନିଦ୍ରାରେ, ସାଧାରଣ ଜନତା ଆଇନକୁ ହାତକୁ ନେବା ଅପେକ୍ଷା କରିଛନ୍ତି କି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଘଟଣା ଘଟିବା ପରେ ଦୁର୍ବୃତ୍ତ ମାନେ କିଛି ଦୂରରେ ମୃତ ସନ୍ୟାସୀ ଙ୍କର ବାଇକ୍ ଟିକୁ କିଆ ବୁଦା ମୂଳରେ ରଖି ଗାଡିରେ ଥିବା ବ୍ୟାଗ୍ ଛିନ ଭିନ୍ କରି ଛାତି ପଳାଇଥିବାର ଜଣାଯାଇଛି। ଆଜି ଶନିବାର ମଧ୍ୟାହ୍ନରେ ସାଇଣ୍ଟିଫିକ୍ ଟିମ ଘଟଣା ସ୍ଥଳରେ ସନ୍ଧାନୀ କୁକୁର ସହିତ ପହଞ୍ଚି ଅନୁସନ୍ଧାନ କରିଥିଲେ ମଧ୍ୟ କିଛି ସୁରାକ ମିଳି ନଥିଲା।

ପିଏନବି ସାମାଜିକ ଦାୟିତ୍ୱ ତୁଲାଇବାରେ ପ୍ରତିଶୃତିବଦ୍ଧ - ଅଜିତ ମେହେର

ରେଆରକୁ ପ୍ରଦାନ କରାଗଲା ପାନୀୟ ଜଳ ବିଶୋଧକ



ସୁବର୍ଣ୍ଣପୁର,୨୧।୩(ସଂଚାର ବ୍ୟୁରୋ): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ତରଫରୁ ଆଜି ସୁବର୍ଣ୍ଣପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆରକୁ ସିଏସଆର ଉଦ୍ୟମ ଅନ୍ତର୍ଗତ କାଯ୍ୟକ୍ରମରେ ଦୁଇଟି ପାନୀୟ ଜଳ ବିଶୋଧକ ପ୍ରଦାନ କରାଗଲା । ଏଥିରୁ ଗୋଟିଏ ଉଭୟ ଥଣ୍ଡା ଓ ଗରମ ଜଳ ପ୍ରଦାନ ପାଇଁ ପ୍ରଜୁଜ୍ୟ । ପିଏନବି ସମ୍ବଲପୁର ମଣ୍ଡଳ ପ୍ରମୁଖ ଅଜିତ କୁମାର ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଆରକୁ ଏହି ପାନୀୟ ଜଳ ବିଶୋଧକ ପ୍ରଦାନ କରିଥିବା ବେଳେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ତା'ର ସାମାଜିକ ଦାୟିତ୍ୱ ତୁଲାଇବାରେ ପ୍ରତିଶୃତିବଦ୍ଧ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ନାଟ୍ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ତଥା ନାଟ ଚ୍ୟାରିଟିର ସ୍ଥାୟୀ ସଦସ୍ୟ ଅଭିନେତା ପ୍ରଦ୍ୟୁମ୍ନ କୁମାର ସାହୁ ପିଏନବିର ଏହି ପ୍ରୟାସକୁ ପ୍ରଶଂସା କରିବା ସହ ଅନ୍ୟ ବ୍ୟାଙ୍କ ଗୁଡ଼ିକ ମଧ୍ୟ ନିଜ କାର୍ଯ୍ୟ ପରିସରରେ ଏମିତି ପ୍ରୟାସ କରିବା ଉଚିତ ବୋଲି ଉଲ୍ଲେଖ କରିଥିଲେ। ପିଏନବି ସୋନପୁର ଶାଖା ପରିଚାଳକ ଶ୍ୟାମ କୁମାର ମହାଲିଙ୍ଗ ସେବାର ସୁଯୋଗ ଦେଇ ଥିବାରୁ ଧନ୍ୟବାଦ ଜ୍ଞାପନ କରିବା ସହ ଆଗକୁ ଏହି ପ୍ରୟାସ ଜାରୀ ରଖିବାକୁ ଉଦ୍ୟମ କରିବେ ବୋଲି କହିଥିଲେ ।

ବନ ଓ ଅର୍ଥନୀତି: ବିଶ୍ୱ ବନ ଦିବସରେ ସଚେତନତାର ସ୍ୱର"

ସେବକ ତରଫରୁ ବିଶ୍ୱ ବନ ଦିବସ ପାଳନ



ସୁନ୍ଦରଗଡ଼,୨୧।୩ (ସଂଚାର ବ୍ୟୁରୋ): ବଣ ପାହାଡ ମଣ୍ଡିତା, ଅରଣ୍ୟ ଶୋଭିତା, ନିର୍ଝରିଣୀର ମଧୁରତା ଓ ସାଗର ଚୁମ୍ବିତା ପୃଥିବୀମାତା ପ୍ରକୃତିର ଅପରୂପ ରୂପକୁ ପ୍ରକାଶ କରେ। ଏହି ପ୍ରକୃତି ମାନବଜାତିକୁ ଅମୂଲ୍ୟ ସମ୍ପଦର ଭଣ୍ଡାର ଦେଇଛି, ଯାହା ମଧ୍ୟରୁ ଜଙ୍ଗଲ ସମ୍ପଦ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜଙ୍ଗଲ କେବଳ ପରିବେଶ ସନ୍ତୁଳନକୁ ରକ୍ଷା କରିନାହିଁ, ବରଂ ଲକ୍ଷ ଲକ୍ଷ ଲୋକଙ୍କ ଜୀବିକାର ଆଧାର ହେବା ସହିତ ସାମାଜିକ ଓ ଆର୍ଥିକ ସ୍ଥିରତାକୁ ସୁନିଶ୍ଚିତ କରୁଛି। ସମୟର ପରିବର୍ତ୍ତନ ସହିତ ମନୁଷ୍ୟ ତାଙ୍କର ଜ୍ଞାନ ଓ ପ୍ରଯୁକ୍ତିର ଉନ୍ନତି ଦ୍ୱାରା ପ୍ରାକୃତିକ ସମ୍ପଦକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। କିନ୍ତୁ ଏହା ସହିତ ସହରୀକରଣ, ଶିଳ୍ପୀକରଣ ଓ ଅତ୍ୟାଧୁନିକ ଜୀବନଶୈଳୀର ଚାପରେ ଏହି ଅମୂଲ୍ୟ ଜଙ୍ଗଲ ସମ୍ପଦ ଆଜି ଧ୍ୱଂସାଭିମୁଖୀ ହୋଇପଡ଼ିଛି। ବିଶେଷତଃ ଆଦିବାସୀ ସମାଜ ଯେଉଁମାନେ ଜଙ୍ଗଲ ଉପରେ ନିର୍ଭର କରି ଜୀବନଯାପନ କରୁଛନ୍ତି, ସେମାନଙ୍କ ପାଇଁ ଏହା ଗୁରୁତର ସମସ୍ୟା ସୃଷ୍ଟି କରୁଛି। ଏହି ଗୁରୁତ୍ୱକୁ ଦୃଷ୍ଟିରେ ରଖି ସଂଯୁକ୍ତ ରାଷ୍ଟ୍ର ସଂଘ ୨୦୧୨ ମସିହାରେ ୨୧ ମାର୍ଚ୍ଚ ଦିନଟିକୁ "ଆନ୍ତର୍ଜାତୀୟ ବନ ଦିବସ" ଭାବେ ଘୋଷଣା କରି ଥିଲେ। ସେହି ଦିନ ଠାରୁ ପ୍ରତିବର୍ଷ ଏହି ଦିନରେ ବିଶ୍ୱବ୍ୟାପୀ ଭାବରେ ବନ ସୁରକ୍ଷା, ବୃକ୍ଷରୋପଣ ଓ ପ୍ରାକୃତିକ ସମ୍ପଦର ସୁସ୍ଥ ବ୍ୟବହାର ପ୍ରତି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଏହି ପରିପ୍ରେକ୍ଷୀରେ ଜଙ୍ଗଲ ସୁରକ୍ଷା ଓ ପରିବେଶ ସଚେତନତାକୁ ବୃଦ୍ଧି ପାଇଁ ସ୍ୱେଚ୍ଛାସେବୀ ସଂଗଠନ "ସେବକ" ଓ କମନ ଗ୍ରାଉଣ୍ଡର ମିଳିତ ଉଦ୍ୟମରେ ବିଶ୍ୱ ବନ ଦିବସକୁ ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ୟାପକ ଭାବେ ପାଳନ କରା ଯାଇଛି।

ନର୍ସିଂ ହୋମରେ ଭୁଲ ଚିକିତ୍ସା ପାଇଁ ଚାଲିଗଲା ଜୀବନ

ଡାକ୍ତର ଓ ମାଲିକଙ୍କ ନାମରେ ମାମଲା, ଜିଲ୍ଲାପାଳଙ୍କ ତଦନ୍ତ



ସୁବର୍ଣ୍ଣପୁର,୨୧।୩ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ସହରର ଆଶା ନର୍ସିଂ ହୋମ ଠାରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଗତକାଲି ତରଭା ସହରର ମହାବୀର ଅଗ୍ରୱାଲ(୪୩)ଙ୍କ ମୃତ୍ୟୁ ଘଟଣାର ଆଜି ସଂନ୍ଧ୍ୟାରେ ତଦନ୍ତ ଆରମ୍ଭ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ। ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚି ମେଡିକାଲ ପରିଦର୍ଶନ କରି ପଞ୍ଜୀକରଣ କାଉଣ୍ଟରରେ ବସି କର୍ମଚାରୀଙ୍କୁ ପଚାରି ବୁଝିବା ପରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ୍ ଅଧିକ୍ଷକଙ୍କ ସହ ଆଲୋଚନା କରି ଶ୍ରୀ ଅଗ୍ରୱାଲଙ୍କ ଚିକିତ୍ସାର ସମସ୍ତ ତଥ୍ୟ ବୁଝିଥିଲେ । ମୁଖ୍ୟ ଚିକିତ୍ସାଳୟରୁ ରେଫର୍ କରି ସ୍ଥାନୀୟ ଆଶା ନର୍ସିଂ ହୋମରେ ନେଇ ଚିକିତ୍ସା କରିଥିବା ଉଭୟ ଡାକ୍ତର ହଠାତ୍ ଛୁଟିରେ ପଳେଇ ଥିବାରୁ ଏଥିରୁ ଡାକ୍ତର ତ୍ରୁଟିପୂର୍ଣ୍ଣ ଚିକିତ୍ସାର ଗନ୍ଧ ବାରି ହେଉଛି ବୋଲି ବିସ୍ମିତ ହୋଇଥିଲେ । ଏହି ସବୁ ଘଟଣା ବିଷୟ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ । ପରେ ସେଠାର